ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୧୧
୮ ଡିସେମ୍ବର, ୨୦୨୫ ସୋମବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍
ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 211
8th December, 2025 Monday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସଦ୍ଭିରେବ ସହାସୀତ ସଦ୍ଭିଃ କୁର୍ବୀତ ସଂଗତିମ୍
ସଦ୍ଭିର୍ବିବାଦଂ ମୈତ୍ରୀଂ ଚ ନାସଦ୍ଭିଃ କିଞ୍ଚିଦାଚରେତ୍ ।**

ସାଧୁଲୋକଙ୍କ ସହିତ ଉପବେଶନ, ଆଳାପ, କଳହ ଓ ବନ୍ଧୁତା କରିବା ଉଚିତ, ମାତ୍ର ଅସାଧୁ ସହିତ କିଛି କରିବା ଉଚିତ ନୁହେଁ।

... ବାଜିଗଲେ ଦୋଷ ନାହିଁ
## ଏମାନଙ୍କ କଥା ଭାବେ କିଏ ?

# ନାଇଟ୍ କ୍ଲବ୍‌ରେ ନିଆଁ: ୨୫ ମୃତ

**ପାନାଜୀ,୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୋଆର ରାଜଧାନୀ ପାନାଜୀଠାରୁ ପ୍ରାୟ ୨୫ କିମି ଦୂର ଅରପୋରା ଗାଁରେ ଥିବା ଏକ ନାଇଟ କ୍ଲବ୍ 'ବର୍ଚ୍ଚ ବାଏ ରୋମିଓ ଲେନ୍'ରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୧୪ ଜଣ ନାଇଟ କ୍ଲବର କର୍ମଚାରୀ ଥିବା ବେଳେ ୪ ଜଣ ବିଦେଶୀ ପର୍ଯ୍ୟଟକ ଅଛନ୍ତି।

ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ଏହି ଘଟଣା ଘଟିଥିଲା। 'ବର୍ଚ୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବ୍ ପକ୍ଷରୁ 'ବଲିଉଡ୍ ବ୍ୟାନର୍ ନାଇଟ୍'ର ଆୟୋଜନ କରାଯାଇଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ସେଠାରେ ପ୍ରାୟ ୧୦୦ ଜଣ ଲୋକ ଉପସ୍ଥିତ ଥିଲେ। ନାଚଗୀତ ଚାଲିଥିବା ବେଳେ ହଠାତ୍ ନାଇଟ କ୍ଲବରେ ନିଆଁ ଲାଗିଯାଇଥିଲା।

ନିଆଁ ଲାଗିବା ପରେ ନାଇଟ୍ କ୍ଲବରେ ଥିବା ଲୋକେ ଭୟରେ ଏଣେତେଣେ ଦୌଡିବାକୁ ଲାଗିଥିଲେ। ଅନେକ ସେଠାରୁ ବାହାରି ଯିବାରେ ସକ୍ଷମ ହୋଇଥିଲେ। ଆଉ କେତେକ ନାଇଟ୍ କ୍ଲବର ତଳ ମହଲାରେ ଥିବା ରୋଷେଇ ଘର ଆଡକୁ ଦୌଡି ପଳାଇଥିଲେ। ଦେଖୁ ଦେଖୁ କିଛି ସମୟ ମଧ୍ୟରେ ନାଇଟ୍ କ୍ଲବଟି ଏକ ନିଆଁ ପିଣ୍ଡୁଳାରେ ପରିଣତ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା ପରେ ପାଉଁଶ ହୋଇଯାଇଥିବା ନାଇଟ୍ କ୍ଲବରୁ ୨୫ଟି ମୃତ ଦେହ ମିଳିଥିଲା। ୧୮ଟି ମୃତଦେହକୁ ଚିହ୍ନଟ କରାଯାଇଥିବା ବେଳେ ଆହୁରି ୭ ଜଣଙ୍କୁ ଚିହ୍ନଟ କରାଯାଇପାରିନାହିଁ।



ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାଓ୍ୱନ୍ତ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ତା' ସହିତ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏହା ସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ତା' ସହିତ ସେ ଗୋଆ ମୁଖ୍ୟମନ୍ତ୍ରୀଙ୍କ ସହିତ ଏହି ଘଟଣା ସଂପର୍କରେ ଆଲୋଚନା କରିଛନ୍ତି ଓ ପୀଡିତମାନଙ୍କୁ ଯଥା ସମ୍ଭବ ସମସ୍ତ ପ୍ରକାର ସହାୟତା କରିବାକୁ କହିଛନ୍ତି।

ଅଗ୍ନିକାଣ୍ଡ ଘଟିବା ବେଳେ ନାଇଟ୍ କ୍ଲବରେ ଉପସ୍ଥିତ ଥିବା ହାଇଦ୍ରାବାଦର ଫାତିମା ଶେଖ କହିଛନ୍ତି ଯେ ନିଆଁ ଲାଗିବା ମାତ୍ରେ ଲୋକେ ଭୟଭୀତ ହୋଇ ଚିତ୍କାର କରି ଧାଁଦୌଡ କରିଥିଲେ। ବାହାରକୁ ଆସିବା ପରେ ଆମେ ଦେଖିଲୁ ଯେ ପୂରା ନାଇଟ୍ କ୍ଲବଟିକୁ ନିଆଁ ନିଜ କବଳକୁ ନେଇ ଯାଇଛି। ସେ କହିଛନ୍ତି ଯେ ନିଆଁ ଲାଗିଥିବା ଦେଖି କିଛି ଲୋକ ନାଇଟ୍ କ୍ଲବର ତଳ ମହଲାକୁ ଧାଇଁ ପଳାଇଥିଲେ। ସେମାନେ ସେଠାରେ ଫସି ଗଲେ। ସେଠାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ବାତିଲ

**ନୂଆଦିଲ୍ଲୀ,୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କ୍ରମାଗତ ଭାବେ ଷଷ୍ଠ ଦିନରେ ଜାରି ରହିଛି ବିମାନ ଯାତ୍ରା ସଂକଟ। ଆଜି ବି ସ୍ୱାଭାବିକ ହୋଇ ପାରିନି ଇଣ୍ଡିଗୋ ଏୟାରଲାଇନ୍ସର ବିମାନ ସେବା। ଦିଲ୍ଲୀରେ ୧୦୮, ବେଙ୍ଗାଲୁରୁରେ ୧୫୦, ହାଇଦ୍ରାବାଦରେ ୧୩୮ ସହ ଦେଶର ବିଭିନ୍ନ ବିମାନବନ୍ଦରରେ ୬୫୦ରୁ ଅଧିକ ବିମାନ ବାତିଲ କରାଯାଇଛି। ଏତେ ସଂଖ୍ୟାରେ ବିମାନ ବାତିଲ ଯୋଗୁଁ ହନ୍ତସନ୍ତ ହୋଇଛନ୍ତି ଯାତ୍ରୀ। ଭୁବନେଶ୍ୱର ବିମାନବନ୍ଦରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ଯିବାକୁ ଟିକେଟ୍ କରିଥିବା ଯାତ୍ରୀ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଛନ୍ତି।

ବିମାନ ଯାତ୍ରା ସଂକଟକୁ ନେଇ ବେସାମରୀକ ବିମାନ ଚଳାଚଳ ମନ୍ତ୍ରାଳୟ କଡା ଆଭିମୁଖ୍ୟ ଆପଣାଇଛି। ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ କରିଛି। ବାତିଲ ହୋଇଥିବା ବିମାନ ଭଡା ଟଙ୍କା ୨୪ ଘଣ୍ଟା ଭିତରେ ଫେରାଇବାକୁ ନିର୍ଦ୍ଦେଶ ଦେଇଛି। ଅନ୍ୟ କମ୍ପାନୀଙ୍କୁ ବିମାନ ଭଡ଼ା ନବଢ଼ାଇବାକୁ ନିର୍ଦ୍ଦେଶ ସହ ଦର ଧାର୍ଯ୍ୟ କରିଛି ଡିଜିସିଏ। ଏହା ସତ୍ତ୍ୱେ ବି ସ୍ୱାଭାବିକ ହୋଇପାରୁନି ଇଣ୍ଡିଗୋ ବିମାନ ଚଳାଚଳ।

ଅନ୍ୟପକ୍ଷରେ ପୁଣି ଥରେ କ୍ଷମା ମାଗିଛନ୍ତି ଇଣ୍ଡିଗୋ କର୍ତ୍ତୃପକ୍ଷ। ଏଥିସହ ୧୬୫୦ ବିମାନ ବିଭିନ୍ନ ରୁଟରେ ଉଡାଣ ଭରିଥିବା ଇଣ୍ଡିଗୋ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହି ପ୍ରସଙ୍ଗକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜଳ ସଂରକ୍ଷଣ ବିନା ମେଗା ପ୍ରକଳ୍ପ ଚ୍ୟାଲେଞ୍ଜ ସୃଷ୍ଟି କରିବ

**କେନ୍ଦ୍ରାପଡ଼ା,୭।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶବ୍ୟାପୀ ଭୂତଳ ଜଳରେ ନାଇଟ୍ରେଟ୍ ମାତ୍ରା ବଢୁଥିବାବେଳେ ଏହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ସେଥିପାଇଁ ଭୂପୃଷ୍ଠ ଜଳ ଅଥବା ବର୍ଷାଜଳର ପ୍ରଦୂଷଣ ମୁକ୍ତ ସଂରକ୍ଷଣ ଓ ଏହାକୁ ପାନୀୟଜଳ ଉପଯୋଗୀ କରିବା ସବୁଠାରୁ ବଡ଼ ଆହ୍ୱାନ ହୋଇଛି। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ଼ର ସଦ୍ୟତମ ସର୍ଭେ ଅନୁଯାୟୀ ଦେଶର ୪୪୦ଟି ଜିଲ୍ଲାର ଭୂତଳଜଳରେ ନାଇଟ୍ରେଟ୍ ମାତ୍ରା ବଢୁଛି। ଓଡ଼ିଶାରେ ୧୫ଟି ଜିଲ୍ଲା ଏଥିରେ ଅନ୍ତର୍ଭୁକ୍ତ। ପାନୀୟ ଜଳରେ ନାଇଟ୍ରେଟ୍ ମାତ୍ରା ୨୦ ପ୍ରତିଶତରୁ ଅଧିକ ରହିଲେ ଏହା ଜନସ୍ୱାସ୍ଥ୍ୟ ପାଇଁ ବିପଦ ଆଣିପାରେ।

ବିଶେଷ କରି ଶିଶୁ ଓ ଗର୍ଭବତୀ ମହିଳାଙ୍କ ନିମନ୍ତେ ଏହା ଅତ୍ୟନ୍ତ ବିପଜ୍ଜନକ। ପରିବେଶ ପାଇଁ ମଧ୍ୟ ଏହା କ୍ଷତି କାରକ। ହେଲେ ନାଇଟ୍ରେଟ୍‌ର ମାତ୍ରା ଯଥେଷ୍ଟ ଅଧିକ ରହିଛି। କୃଷି ପ୍ରଧାନ ଅଂଚଳରେ ନାଇଟ୍ରେଟ୍‌ଯୁକ୍ତ ରାସାୟନିକ ସାର ବ୍ୟବହାର ବ୍ୟାପକ ହେଉଥିବାରୁ ଏହା ବଢ଼ିବ ପଛେ କମିବାର ସମ୍ଭାବନା ପ୍ରାୟତଃ ନାହିଁ। ଏଥିପାଇଁ ସରକାର ଲୋକଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଂଚାଇବା ନିମନ୍ତେ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ଓ ଏହାକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିବା ଜରୁରୀ ହୋଇପଡ଼ିଛି।

ତେବେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ଥିତି ଆହୁରି ସଙ୍ଗୀନ। ଏହି ଜିଲ୍ଲାରେ ଭୂତଳ ଜଳ କେବଳ ପ୍ରଦୂଷିତ ହୋଇଛି ତାହା ନୁହେଁ ଉଦ୍‌ବେଗ ଜନକ ଭାବେ ହ୍ରାସ ପାଇବାରେ ଲାଗିଛି। ଗତ ୨୦୧୭ମସିହାରେ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ଼ର ରିପୋର୍ଟ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାକୁ ରାଜ୍ୟର ଏକ ସମ୍ଭାବ୍ୟ ଜଳ ସଂକଟ ଜିଲ୍ଲା ଭାବେ ଘୋଷଣା କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଗତ ୨୦୧୯ ମସିହାରେ ଜିଲ୍ଲାରେ ଜଳଶକ୍ତି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଯଦିଓ ଜିଲ୍ଲାର *(ଶେଷ ପୃଷ୍ଠା ଦେଖନ୍ତୁ)*

# ଭିତରକନିକା ବୁଲିଲେ ୧୮୫୭ ପର୍ଯ୍ୟଟକ

**ରାଜନଗର,୭।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭିତରକନିକା ଜାତୀୟ ଉଦ୍ୟାନରେ ରବିବାର ଛୁଟିଦିନ ଥିବାରୁ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଟଂରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲୀ ରହୁଥିବା ପୋଖରୀ ନିକଟରେ ମଧ ଭିଡ ପରିଲକ୍ଷିତ ହୋଇଥିଲା। ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟକ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା। ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୬୧୦ଜଣ ପର୍ଯ୍ୟଟକ ପ୍ରବେଶ କରିଥିଲେ। ସେମାନେ ୧୭ ଟ୍ରିପ ବୋଟରେ ପର୍ଯ୍ୟଟକମାନେ ନଦୀ ମଧ୍ୟରେ ବୋଟିଂର ମଜା ନେଇଥିଲେ। ଖୋଲାରୁ ୭୨ ଟ୍ରିପ ବୋଟରେ ୮୭୦ଜଣ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୬ଟ୍ରିପ ବୋଟରେ ୨୪୦ *(ଶେଷ ପୃଷ୍ଠା ଦେଖନ୍ତୁ)*

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

CONGRATULATIONS
Making Odisha Proud

KHELO INDIA UNIVERSITY GAMES 2025

KIIT shines at KHELO INDIA UNIVERSITY GAMES (KIUG) 2025

Top Medal Holders in Eastern Region
7th among 222 Universities
3 Meet Records


KIIT MEN'S TENNIS TEAM WINS GOLD


KIIT MEN'S RUGBY TEAM WINS GOLD


KIIT WOMEN'S HOCKEY TEAM WINS GOLD


KIIT WOMEN'S RUGBY TEAM WINS GOLD


KIIT 4X100M RELAY MEN'S TEAM WINS GOLD


MAGANTI KEERTHI WINS GOLD IN WOMEN'S WEIGHTLIFTING (86KG)


SAMARDEEP SINGH GILL WINS GOLD IN MEN'S SHOT PUT


KIIT WOMEN'S VOLLEYBALL TEAM WINS SILVER


KIIT WOMEN'S SWIMMING TEAM WINS 10 MEDALS & 1ST RUNNERS UP


ISHA NEHI WINS GOLD IN WOMEN'S HEPTATHLON


KHOIROM REJIYA DEVI WINS GOLD IN WOMEN'S CYCLING INDIVIDUAL PURSUIT


RITHVIKA MITTAPALLI WINS GOLD IN WOMEN'S 50M BREASTSTROKE

21 MEDALS 10 GOLD MEDALS 3 SILVER MEDALS 8 BRONZE MEDALS

KIIT-DU, Patia, Bhubaneswar, Odisha, India 751024 kiit@kiit.ac.in www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୮ ଡିସେମ୍ବର ୨୦୨୫ । ସୋମବାର




# ରିହାତି ମୂଲ୍ୟରେ ଆଳୁ ବିହନ ଯୋଗାଇବାକୁ ଦାବି

**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଉଦ୍ୟାନ କୃଷି ବିଭାଗକୁ ଆଳୁ ଚାଷୀମାନଙ୍କ ପାଇଁ ୧୬୩୦ ବସ୍ତା ସରକାରୀ ଆଳୁ ବିହନ ଆସିଅଛି ଏବଂ ପ୍ରତି ପରିବାରରୁ ଜଣେ ହିତାଧିକାରୀ ପାଇଁ ସର୍ବନିମ୍ନ ୨୫ ଡେସିମିଲ ପାଇଁ ୧୫୦ କିଲୋ ଅର୍ଥାତ୍ ୩ ପକେଟ ଆଳୁ ବିହନକୁ ୩୦୦୦ ଟଙ୍କା ଚାଷୀକୁ ଜମା ଦେବାକୁ ହେବ ଏବଂ ଆଳୁ ଜମିରେ ଲାଗିଲା ପରେ ସରକାରୀ ସାହାଯ୍ୟ ୧୫୦୦ ଟଙ୍କା ଚାଷୀକୁ ମିଳିବ। ଚଳିତ ବର୍ଷ ୨୦୨୫-୨୬ ମୁରିବାହାଲ ବ୍ଲକ ପାଇଁ ୭୫ ହେକ୍ଟର ସରକାର ଏକ ବୃହତ ଲକ୍ଷ ରଖିଛନ୍ତି। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଅଧିକାଂଶ ଆଳୁ ଚାଷୀ ଆଳୁ ବିହନ ଚଢ଼ାଦରରେ ମିଳୁଥିବା ରୁ ଚାଷୀ ଉଦ୍ୟାନ କୃଷି ବିଭାଗରୁ ମୁହଁ ଫେରାଉଥିବା ଦେଖିବାକୁ ମିଳୁଛି। ଚାଷୀମାନଙ୍କ ମତରେ ଆଳୁ ଉତ୍ପାଦନ ବେଳେ ଆଳୁ ବିକ୍ରି ପାଇଁ ଉପଯୁକ୍ତ ବ୍ୟବସ୍ଥା ତଥା କମ୍ ଦରରେ ଆଳୁ ବିକ୍ରିକୁ ନେଇ ଚିନ୍ତାରେ ଚାଷୀ ଥିବା ବେଳେ ସରକାରଙ୍କ ଦ୍ୱାରା ଆନୁଷଙ୍ଗିକ ବ୍ୟବସ୍ଥା ନଥିବାରୁ ଅଞ୍ଚଳର ଅନେକ ଚାଷୀ ଆଳୁ ବିହନ ନେଉ ନଥିବା ଜଣାପଡିଛି। ଯଦି ସରକାର ରିହାତି ମୂଲ୍ୟରେ ଆଳୁ ବିହନ ଯୋଗାଇଦେବା ସହ ଆଳୁ ବିକ୍ରି ପାଇଁ ଉପଯୁକ୍ତ ବ୍ୟବସ୍ଥାର ବନ୍ଦୋବସ୍ତ କଲେ ଅଞ୍ଚଳରେ ଆଳୁ ଚାଷୀ ଉପକୃତ ହେବା ସହ ଆଳୁ ଚାଷ କରିବାର ଆଗ୍ରହୀ ହେବା ସହିତ ଲାଭ ବାନ ହୋଇ ପାରିବା ନେଇ ଚାଷୀମାନେ ପ୍ରକାଶ କରୁଛନ୍ତି। ଏନେଇ ଉଦ୍ୟାନ ବିଭାଗର ଅଧୀକାରୀଙ୍କୁ ପଚାରିବାରୁ ଚଢ଼ାଦର ଥିବାରୁ ଚାଷୀମାନେ ମୁହଁ ମୋଡୁ ଥିବା ପ୍ରକାଶ କରିଛନ୍ତି।

## ନିଆଁ ଲାଗି ପୋଡିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

**ନୂଆପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତର ଚଚରା ଭଟା ଗ୍ରାମର ଗୋମୟ ଟାହାଣି, ପତ୍ନୀ ବୁଇ ଟାହାଣୀ ଓ ପୁତ୍ର, ପୁତ୍ର ବଧୂଙ୍କ ସହ ଦୁଇ ବଖରିଆ ଘରେ ରହନ୍ତି। ଗତ ରାତିରେ ବିଦ୍ୟୁତ୍ ସକ୍ ଯୋଗୁ ତାଙ୍କ ଘରେ ନିଆଁ ଲାଗି ଯାଇଥିଲା। ଫଳରେ ଘରେ ଥିବା ବିଦ୍ୟୁତ୍ ଉପକରଣ ସହ ଧାନ, ଚାଉଳ, ଆସବାବପତ୍ର ଆଦି ପୋଡ଼ି ଯାଇଥିଲା। ବର୍ତ୍ତମାନ ତାଙ୍କ ପରିବାର ଅସହାୟ ହୋଇ ପଡିଛନ୍ତି। ତାଙ୍କ ପରିବାର ଏକ ଗରିବ ପରିବାର ହୋଇଥିବା ବେଳେ ଏହି ନିଆଁ ପୋଡ଼ି ତାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ବର୍ତ୍ତମାନ ତାଙ୍କ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ତାଙ୍କୁ ସରକାରୀ ସହଯୋଗ ଜରୁରୀ ହୋଇପଡ଼ିଛି। ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ସୁବର୍ଣ୍ଣପୁର: ଏକ୍ସପ୍ରେସ ନ୍ୟୁଜ୍**

ରବିବାର ସକାଳୁ ବିନିକା ଥାନା ଅନ୍ତର୍ଗତ ଦାନୀପାଲି ଗ୍ରାମ ଚାଷ ଜମିରୁ ୭୦ ବର୍ଷ ବୟସ୍କା ଜନୈକା ବୃଦ୍ଧାଙ୍କ ମୃତଦେହ ବିନିକା ପୋଲିସ ଉଦ୍ଧାର କରିଛି। ଯଦିଓ ମହିଳା ଜଣକ ୮ ଦିନ ହେଲା ଘର ଛାଡି କୁଆଡେ ଚାଲି ଯାଇଥିଲେ ଘର ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇ ନଥିଲେ କିମ୍ବା ଅଭିଯୋଗ କରି ନଥିଲେ। ରବିବାର ଜମିରେ ମୃତଦେହ ମିଳିବା ପରେ ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି ବୋଲି ସୂଚନା ମିଳିଛି। ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି।

## ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**



ବରୀରେ ଚାଷୀ ଓ ଚାଷର ମୌଳିକ ସମସ୍ୟା ନେଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାଜପା ଓବିସି ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡ଼ା ଶନିବାର ଦିନ ଜିଲାପାଳଙ୍କୁ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ରାହ୍ମଣୀ ବାମ ଖରସ୍ରୋତା ଦକ୍ଷିଣ ପଟ ବରୀ ବ୍ଲକର ୧୬ଟି ପଞ୍ଚାୟତରେ ବନ୍ୟା ନିୟନ୍ତ୍ରଣ ଓ ଜଳ ସେଚନ ଯୋଜନାର ନକ୍ସା ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରାଯାଉ। ବରୀ ବ୍ଲକର ତନ୍ତିଘାଇ, ନୂଆ ନଈ ଏବଂ ବିରୂପାରେ ୩ଟି ମେଗା ଜଳ ସେଚନ ପ୍ରୋଜେକ୍ଟ ୨୦୧୭-୧୮ରୁ ଆରମ୍ଭ ହୋଇ ଦୀର୍ଘ ୩ ବର୍ଷ ଧରି ଅନ୍ତିମ ପର୍ଯ୍ୟାୟରେ ଥିଲେ ମଧ୍ୟ ତାହା ସରକାରୀ ଉଦାସୀନତାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ତୁରନ୍ତ ଉକ୍ତ ୩ଟି ମେଗା ଜଳ ସେଚନ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉ। ବରୀ ବ୍ଲକରେ ଚକବନ୍ଦୀ କାର୍ଯ୍ୟକାରୀ ହୋଇନଥିବାରୁ ୨/୧୦ ଏକର ଜମିର ମାଲିକ ଚାଷୀଙ୍କ ପିଲା ଚାଷ ପ୍ରତି ଆଗ୍ରହ ପ୍ରକାଶ ନ କରି ଦାଦନ ଖଟିବାକୁ ବାହାରକୁ ଚାଲି ଯାଉଛନ୍ତି। ତେଣୁ ବରୀ ଚାଷୀଙ୍କ ପାଇଁ ଚକବନ୍ଦୀ ବ୍ୟବସ୍ଥା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇ କାର୍ଯ୍ୟକାରୀ କରିବାକୁ ଦାବିପତ୍ରରେ ନିବେଦନ କରିଥିଲେ। ବରୀ ଏକ ବାଦାମ, ଆଖୁ ତଥା ପନିପରିବା ଚାଷର ଅଞ୍ଚଳ ହୋଇଥିବା ବେଳେ ଉତ୍ପାଦନ ପରେ ଏହାର ସଂରକ୍ଷଣ ଓ ମୂଲ୍ୟ ଯୁକ୍ତ କରିବାକୁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ। ଏଣୁ ବରୀରେ ଏକ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା



**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ତହସିଲ ଅଧିନ ବାଜପୁରା ପଂଚାୟତସ୍ଥିତ ଇଛାପୁର ଗ୍ରାମର ପ୍ରଦୀପ୍ତ ନାୟକଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଚାଳ ଛପର ଘର ଜଳିଯାଇଛି। ପ୍ରକାଶ ଯେ, ଶନିବାର ବିଳମ୍ବିତ ରାତିରେ ପ୍ରଦୀପ୍ତ ନାୟକଙ୍କ ଘରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା । ଯାହା ଫଳରେ ଦୁଇ ବଖରା ଚାଳ ଛପର ଘର ପୋଡି ଧ୍ୱଂସ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଘର ଭିତରେ ଥିବା ଲକ୍ଷାଧିକ ଟଙ୍କାର ସଂପତି ନଷ୍ଟ ହୋଇଯାଇଛି । ସେ ଜଣେ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଯୁବତୀଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ଶୋକର ଛାୟା

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ପଞ୍ଚାୟତର ଜଣେ ଉଚ୍ଚ ଶିକ୍ଷିତା ଛାତ୍ରୀଙ୍କର ଆକସ୍ମିକ ମୃତ୍ୟୁରେ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାନଗାଁ ଗ୍ରାମର ସରସ୍ୱତୀ ବେହେରା ଓ ଅନନ୍ତ ବେହେରାଙ୍କର ମଧ୍ୟମା କନ୍ୟା ସୁପୁତ୍ରୀ ମମତା ବେହେରା (୨୩ବର୍ଷ) ଶିକ୍ଷା ବିଭାଗରେ ଭବାନୀପାଟଣା ସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଶେଷ କରିବା ପରେ ୟୁଜିସି -ନେଟ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଗତ ଶନିବାର ଦିନ ସେ ଭବାନୀପାଟଣାରୁ ଘରକୁ ଫେରିବା ପରେ ଅସୁସ୍ଥ ହୋଇ ପଡ଼ି ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶୋକରେ ମ୍ରିୟମାଣ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

ସାନଗାଁ ଗ୍ରାମର ଜଣେ ଦିନ ମଜୁରିଆ ଅନନ୍ତଙ୍କର ପାଞ୍ଚ ଝିଅଙ୍କ ମଧ୍ୟରୁ ତୃତୀୟା କନ୍ୟା ମମତା ସବୁଠୁ ମେଳାପୀ ଓ ମେଧାବୀ ଥିଲେ। ମମତା ବଜ୍ରବୁଢ଼ୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପୀନାଥପୁର ଶାସନରୁ ମାଟ୍ରିକ (୨୦୧୮), ମା ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜୟଚନ୍ଦ୍ରପୁରରୁ +୨ (୨୦୨୦) ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ +୩ ଶିକ୍ଷା ସମ୍ମାନ (୨୦୨୩) ଶିକ୍ଷା ଲାଭ କରିଥିଲେ। ଗାଁ ମଶାଣିରେ ଆଜି ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରିୟଙ୍କା ସାମଲ ମମତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିବା ସହିତ ପରିବାରକୁ ୩ ହଜାର ଟଙ୍କା ହରିଶ୍ଚନ୍ଦ୍ର ସହାୟତା ରାଶି ପ୍ରଦାନ କରିଛନ୍ତି।

ମମତାଙ୍କ ଅକାଳ ବିୟୋଗରେ ବିଜେପି ନେତା ଭିକାରୀ ବେହେରା (ମଣ୍ଟୁ), ମହାକାଳପଡା କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା, ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ଜୟଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ରଶ୍ମିରଞ୍ଜନ ସ୍ୱାଇଁ, ସମିତି ସଭ୍ୟା କଲ୍ୟାଣୀ ରାଉତ, ତାରିଣୀ କଲେଜ ଅଧ୍ୟକ୍ଷ ଉମାକାନ୍ତ ଦାସ, ବଜ୍ରବୁଢ଼ୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ ମହାପାତ୍ର, ସମାଜସେବୀ ପ୍ରସନ୍ନ ସାମଲ, କୁନାଲ ବସନ୍ତିଆ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଗିଲନେଟର ଜବତ, ୧୫ କୋର୍ଟ ଚାଲାଣ

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଶୁଭଲକ୍ଷ୍ମୀ-୧୫ ନାମକ ଗିଲନେଟରକୁ ଜବତ କରିଥିଲେ। ସେଥିରୁ ୧୫ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଥିଲେ। ତା'ମଧ୍ୟରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ଫାଶ ଜାଲ ଗୋଟିଏ, ଲାଡେନ ଜାଲ ଗୋଟିଏ ଓ ଟନ ଜାଲ ଗୋଟିଏ ସହ ୮କ୍ୟୁଟାଂଲ ୫୦ କେଜି ସାମୁଦ୍ରିକ ମାଛ ଜବତ କରିଥିଲେ। ଗିରଫ ମତ୍ସ୍ୟଜିବୀମାନେ ହେଲେ ପ୍ରଶାନ୍ତ ମଣ୍ଡଳ, ଭୂବନ ଜେନା, ଜୟକୃଷ୍ଣ ବେହେରା, ହରିଶଚନ୍ଦ୍ର ମାଝି, ବିଦ୍ୟାଧର ମାଝି, ଗୌତମ ମଣ୍ଡଳ, ବଳରାମ ମଣ୍ଡଳ, ନିତ୍ୟାନନ୍ଦ ମଣ୍ଡଳ, ଶୁକଦେବ ପରିଡା, ମନୋଜକୁମାର ମାଝି, ପ୍ରଦୀପ ଦେହୁରୀ ସୁରେନ୍ଦ୍ର ମାଝି, ସୁଦର୍ଶନ ଦଳାଇ, ଶମ୍ଭୁନାଥ ମଣ୍ଡଳ, ଶୁଶାନ୍ତ ମଣ୍ଡଳ। ଗିରଫ ମତ୍ସ୍ୟଜିବୀମାନେ ବାଲେଶ୍ୱର ଜିଲ୍ଲା ସିଙ୍ଗଳା ଓ ବସ୍ତା ଥାନା ଅଞ୍ଚଳର। ଗିରଫ ମତ୍ସ୍ୟଜିବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା। ସେମାନଙ୍କ ଜାମିନୀ ନାମଂଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

## ୫୧ ସମୀକ୍ଷକଙ୍କ ଏକ ଅଧ୍ୟୟନ କ୍ଷେତ୍ର ପରିଦର୍ଶନ

**ସାକ୍ଷୀଗୋପାଳ: ଏକ୍ସପ୍ରେସ ନ୍ୟୁଜ୍**

ନୂତନଭାବେ ନିଯୁକ୍ତି ପାଇ ରାଜ୍ୟ ଏମଡିଆରଏଏଫଏମରେ ତାଲିମ୍ ନେଉଥିବା ୫୧ ଜଣ ସମୀକ୍ଷକଙ୍କ ସାକ୍ଷୀଗୋପାଳ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଏକ ଅଧ୍ୟୟନ ଓ କ୍ଷେତ୍ର ପରିଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମଡିଆରଏଏଫଏମର ଉପନିର୍ଦ୍ଦେଶକ ଚନ୍ଦନ ମଲ୍ଲିକ ଓ ପୁରୀ ଜିଲ୍ଲା ଲୋକାଲ ଫଣ୍ଡ ଅଡିଟ କାର୍ଯ୍ୟାଳୟର ସହାୟକ ସମୀକ୍ଷଓ ଅଧିକାରୀ ବିଜୟ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅଧ୍ୟୟନ ପରିଦର୍ଶନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଉପାଦେୟ ବିବୃତ୍ତି ପ୍ରଦାନ କରିଥିଲେ। ବାଣିଜ୍ୟ ଅଧ୍ୟାପକ ତଥା ହିସାବ ବରକ୍ଷାର ଚନ୍ଦ୍ର ଶେଖର ତ୍ରିପାଠୀ, ଅଧ୍ୟାପକ ମହାବିଦ୍ୟାଳୟରେ ବ୍ୟବହୃତ ହେଉଥିବା ବୁକସ ଅଫ ଆକାଉଣ୍ଟସ ଉପରେ ଏକ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କଲେଜର ହିସାବ ରକ୍ଷକ ମହେଶ୍ୱର ମିଶ୍ର, ମହାବିଦ୍ୟାଳୟର ହିସାବ ଖାତା ଓ ଆନୁସଙ୍ଗିକ ଦସ୍ତାବିଜ ପ୍ରଶିକ୍ଷାର୍ଥୀମାନଙ୍କୁ ଦେଖାଇବା ସହିତ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଶେଷରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ପ୍ରତିଯୋଗିତା

**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ଜଗତସିଂହପୁର ପରିସରସ୍ଥ ନବକୃଷ୍ଣ ଚୌଧୁରୀ ଷ୍ଟାଡିଅମ ଠାରେ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ, ଭୁବନେଶ୍ୱର ଓ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ୬୯ତମ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଜଗତସିଂହପୁରର ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ କୁମାର ମହାନ୍ତି, ମାଧ୍ୟମିକ ଶିକ୍ଷା, ଭୁବନେଶ୍ୱରର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ, ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଜଗତସିଂହପୁର ପୌରପରିଷଦର ଅଧକ୍ଷା ଅର୍ଚ୍ଚନା ସିଂହ, ଜିଲ୍ଲାପରିଷଦର ଅଧକ୍ଷ ମନୋଜ କୁମାର ଭୋଇ ଏବଂ ଶାରୀରିକ ଶିକ୍ଷାଅଧିକାରୀ ଜୟନ୍ତ କୁମାର ରାୟ ସନମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା କ୍ରୀଡ଼ାବିତମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁରର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲାବେଳେ ୩୦ଟି ଜିଲ୍ଲାର କ୍ରୀଡ଼ାବିତମାନେ ସୁନ୍ଦର ଢଙ୍ଗରେ ମାର୍ଚ୍ଚପାଷ୍ଟ ରେ ପ୍ରତିନିଧିତ୍ୱ କରିଥିଲେ। ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶାରୀରିକ ଶିକ୍ଷା ଭୁବନେଶ୍ୱରର ସହକାରୀ ନିର୍ଦ୍ଦେଶକ ଜ୍ୟୋତିପ୍ରସାଦ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଏବଂ ଶିକ୍ଷୟତ୍ରୀ ମନୀଷା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ପବିତ୍ର ମୋହନ ଗୋଛାୟତ, ଅଜୟ କୁମାର ଭୋଇ, ବିନୀତ ଖୁଣ୍ଟିଆ, ରଞ୍ଜନ କୁମାର ମିଶ୍ର, ରଶ୍ମୀକାନ୍ତ ଦାସ, ଚନ୍ଦନ କୁମାର ବେହେରା, ଜ୍ଞାନରଞ୍ଜନ ବିଶ୍ୱାଳ, ବିକ୍ରମ ମହାପାତ୍ର ଅବଦୁଲ ହମିଦ, ମିଳନ କୁମାର ଓଝା ଏବଂ ଭୁବନାନନ୍ଦ ଦାସ ପ୍ରଭୃତି ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଏହି ବିଦ୍ୟଳୟ ସମୂହ କ୍ରିକେଟ ପ୍ରତିଯୋଗିତା ଚଳିତମାସ ୬ତାରିଖରୁ ଆରମ୍ଭ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ସାତୋଟି ଷ୍ଟାଡିୟମରେ ୧୧ତାରିଖ ପର୍ଯ୍ୟନ୍ତ ଚାଲିବ।

## ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ପୋଡିଗଲା ସ୍ୱାମୀ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ଠାକୁର ଘର ଦୀପରୁ ନିଆଁ ଲାଗି ସ୍ତ୍ରୀ ପୋଡିଯାଉଥିବା ବେଳେ ତାଙ୍କ ବଞ୍ଚାଇବାକୁ ଯାଇ ସ୍ୱାମୀ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ସୋର ବ୍ଲକ ନଟାପଡା ଗ୍ରାମର ପ୍ରତୀକ୍ଷା ସେନାପତି ସକାଳେ ଠାକୁର ଘରେ ପୂଜା କରୁଥିବା ବେଳେ ଦୀପରୁ ଶିଖାରୁ ତାଙ୍କ ଲୁଗାରେ ନିଆଁ ଲାଗିଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ୱାମୀ ପ୍ରଫୁଲ୍ଲ ସେନାପତି ମଧ୍ୟ ପୋଡିଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ସେମାନଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଉଭୟଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପଥ ଉତ୍ସବରେ ଝୁମିଲା ମାଲକାନଗିରି

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**




ମାଲ୍ୟବନ୍ତ ମହୋତ୍ସବକୁ ଆହୁରି ଉତ୍ସବମୁଖର କରିବା ପାଇଁ ମାଲକାନଗିରିରେ ଅନୁଷ୍ଠିତ ହୋଇଛି ପଥ ଉତ୍ସବ। ଶୀତୁଆ ସକାଳରେ ନାଚିଲା ଗାଇଲା ଓ ଝୁମିଲା ମାଲକାନଗିରି ସହର। ଆଗକୁ ମାଲ୍ୟବନ୍ତ ମହୋତ୍ସବ ଥିବା ବେଳେ ଏହା ପୂର୍ବରୁ ସଦରମହକୁମାରେ ରେ ଆରମ୍ଭ ହୋଇଛି ପଥ ଉତ୍ସବ।

ଏହି ପଥ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକ ଠାରୁ ଡିଏନକେ ଖେଳ ପଡିଆ ପର୍ଯ୍ୟନ୍ତ ଆୟୋଜନ ହୋଇଥିଲା। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଅଶ୍ୱିନୀ ଏଏଲ, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ବିଏସଏଫ ଡେପୁଟି କମାଣ୍ଡାଣ୍ଟ ରବି ମିଶ୍ର ଉପସ୍ଥିତ ଥିଲେ।

ସକାଳର ପହିଲି କିରଣ ସହ ବେଶ ବର୍ଣ୍ଣାଢ୍ୟରେ ଆୟୋଜନ ସହ ପାଳନ ହୋଇଛି ପଥୋତ୍ସବ। ଆଉ ଏହି ପଥ ଉତ୍ସବରେ ସହରବାସୀ ବି ବେଶ ଉପଭୋଗ କରିଥିଲେ। ଉଦଘାଟନୀ ସମାରୋହ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ବେଶ ଝୁମିଥିଲେ ନାଚିଥିଲ ଯୁବକଯୁବତୀ। ମଞ୍ଚରେ ଦେଖିବାକୁ ମିଳିଥିଲା ଜନଜାତି କଳା ସଂସ୍କୃତିର ଝଲକ। ପଥ ଉତ୍ସବରେ ନାଚ, ଗୀତ ସ୍କେଟିଂ, ଖାଦ୍ୟର ପସରା, ଆର୍ଟ କ୍ରାଫ୍ଟ ବା ଝୋଟି ଚିତା, ଯୋଗ, ବିଭିନ୍ନ ପ୍ରକାର ଦୁଃସାହସିକ ଖେଳ ଓ କ୍ରୀଡା ପ୍ରଦର୍ଶିତ ହୋଇଥିଲା। ଏହାସହ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର ଭିନ୍ନ ଭିନ୍ନ ପ୍ରକାର ଚିତ୍ରାଙ୍କନ ବେଶ ଚିତାକର୍ଷକ ରହିଥିଲା।

ଏଥିରେ ଅନେକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଦେଖିବାକୁ ମିଳିଛି। ପରିବେଶ ସଚେତନତା, ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ମାନିବା ପାଇଁ ସଚେତନତା ମଧ୍ୟ ଦେଖିବାକୁ ମିଳିଛି। ବିଶେଷକରି ପାରମ୍ପରିକ କଳା ଓ ନୃତ୍ୟ ପ୍ରଦର୍ଶନ ଲୋକଙ୍କ ମନକୁ ବେଶ ଛୁଇଁଥିଲା। ଆଜିର ପଥ ଉତ୍ସବରେ ସୀମା ସୁରକ୍ଷା ବଳ ତରଫରୁ ଆୟୋଜନ କରାଯାଇଥିବା ଡଗ୍ ସୋ ବେଶ୍ ଆକର୍ଷଣୀୟ ହୋଇଥିଲା। ପୋଲିସ୍ ବାହିନୀ ତରଫରୁ ଆରକ୍ଷୀ ଝଙ୍କାର ଟିମ୍ ମେଲୋଡି ପ୍ରଦର୍ଶନ କରିଥିଲେ। ଶ୍ୟାମ ସୁନ୍ଦର ନାୟକ ଓ ନିବେଦିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ଓ ସମସ୍ତ କମିଟି ସଦସ୍ୟ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ବନ୍ଦେ ମାତରଂ ସମୂହ ଗାନ ଓ ଆତ୍ମ ନିର୍ଭର ଭାରତ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବନ୍ଦେ ମାତରଂ ୧୫୦ ବର୍ଷ ପୂର୍ତ୍ତି ଅବସରରେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉମର ପଂଚାୟତସ୍ଥିତ ଓସ୍ତପୁର ନାଳୀପଡିଆ ପରିସରରେ ସମୂହ ଗାନ ଓ ଆତ୍ମ ନିର୍ଭର ଭାରତ ସମ୍ମିଳନୀ କାର୍ଯ୍ୟକ୍ରମ ମାହାଙ୍ଗା ବିଜେପି ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ନିର୍ମଳ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ସର୍ବ ଭାରତୀୟ ମିଡ଼ିଆ ସେଲ ସଂଯୋଜୀକା ସୁଜାତା ପାଢ଼ୀ ଯୋଗଦେଇ ବିଜେପି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବିଜେପିକୁ ତୃଣମୂଳ ସ୍ତରରେ କିପରି ଆହୁରି ମଜଭୁତ ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। ଏଥିସହିତ ସମସ୍ତେ କିପରି ଆତ୍ମ ନିର୍ଭର ହୋଇପାରିବ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ନାରୀନେତ୍ରୀ ଯାଜ୍ଞସେନୀ ଜେନା, ସମ୍ମାନିତ ଅତିଥିଭାବେ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧକ୍ଷ ନୃସିଂହ ଚରଣ ମିଶ୍ର, ଜିଲ୍ଲା ବିଜେପି ଉପସଭାପତି ମନୋରଞ୍ଜନ ନାୟକ, ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ସଞ୍ଜୟ ବେହେରା, କୈଳାସ ବେହେରା, ବିନୋଦ ସାମଲ ପ୍ରମୁଖ ଯୋଗଦେଇ ବିଜେପି ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କମଳା ବସ୍ତିଆ କିଶୋର ରାଉତ, ସୁରେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ ଅଶୋକ ଓଝା, ଅଶୋକ ବେହେରା, ଦେବେନ୍ଦ୍ର ସାହୁ, ଅଭିନ ଜେନା, ସମରେନ୍ଦ୍ର ରାଉତ, ଉତ୍ତମ ଚରଣ ମଲିକ, ବାବୁଲି ରାଉତରାୟ, ବ୍ରଜବନ୍ଧୁ ପ୍ରଧାନ, ଅମୀୟ ରଞ୍ଜନ ପ୍ରଧାନଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ବିଜେପି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦେବଦତ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

# ବାଣିଜ୍ୟ

## ଡିଜିସିଏ ରାତି ନିୟମ ଇଣ୍ଡିଗୋକୁ ରେକର୍ଡ ନିଯୁକ୍ତି ପାଇଁ ବାଧ୍ୟ କରିପାରେ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଏକ ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଅଭାବ ଯୋଗୁଁ ଏହାର ନେଟୱାର୍କରେ ବଡ଼ ଧରଣର ବାଧା ସୃଷ୍ଟି ହେବା ପରେ ଇଣ୍ଡିଗୋ ଏହାର ପାଇଲଟ୍ ପୁଲ୍ କୁ ଦ୍ରୁତ ଗତିରେ ପୁନଃନିର୍ମାଣ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରିଛି, ଯେଉଁଥିରେ ଏୟାରଲାଇନ୍ ଫେବୃଆରୀ ୧୦ ସୁଦ୍ଧା ୧୫୮ ପାଇଲଟ୍ ଏବଂ ଆସନ୍ତା ବର୍ଷ ଡିସେମ୍ବର ସୁଦ୍ଧା ଆଉ ୭୪୨ ପାଇଲଟ୍ ଯୋଡିବାକୁ ଲକ୍ଷ୍ୟ ରଖିଛି।

ରିପୋର୍ଟରେ କୁହାଯାଇଛି ଯେ ଏୟାରଲାଇନ୍ସ ପକ୍ଷରୁ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଦାଖଲ କରାଯାଇଥିବା ପ୍ରସ୍ତାବ ପରେ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁଥିରେ ଆଗାମୀ ୧୨ ମାସ ମଧ୍ୟରେ ୩୦୦ କ୍ୟାପଟେନ୍ ଏବଂ ୬୦୦ ଜୁନିଅର ପ୍ରଥମ ଅଧିକାରୀଙ୍କୁ ନିଯୁକ୍ତି ଦେବାର ଯୋଜନା ରହିଛି। ମନିକଣ୍ଟ୍ରୋଲ୍ ସ୍ୱାଧୀନ ଭାବରେ ରିପୋର୍ଟକୁ ଯାଞ୍ଚ କରିପାରିଲା ନାହିଁ।

ଫେବୃଆରୀ ଶେଷ ତାରିଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଇଣ୍ଡିଗୋକୁ ସେହି ସମୟ ସୁଦ୍ଧା କ୍ରମାଗତ ରାତି କାର୍ଯ୍ୟ ଉପରେ ନୂତନ ଡିଜିସିଏ ସୀମାକୁ ସମ୍ପୂର୍ଣ୍ଣ ପାଳନ କରିବାକୁ ପଡିବ।

ମିଣ୍ଟ ଦ୍ୱାରା ସମୀକ୍ଷା କରାଯାଇଥିବା ଏକ ଡକ୍ୟୁମେଣ୍ଟରେ, ଇଣ୍ଟରଗ୍ଲୋବ ଆଭିଏସନ୍ କହିଛି ଯେ ଏହାର ବର୍ତ୍ତମାନ ୨୫୦ ଜଣ ଜୁନିଅର ପ୍ରଥମ ଅଧିକାରୀଙ୍କ ଏକ ତାଲିମପ୍ରାପ୍ତ ପୁଲ୍ ଅଛି। ଆଗାମୀ ବର୍ଷ ମଧ୍ୟରେ, ଏହା ମଧ୍ୟମ-ଅବଧି ଆବଶ୍ୟକତା ପୂରଣ କରିବା ପାଇଁ ୩୦୦ କ୍ୟାପଟେନ୍ ଏବଂ ୬୦୦ ପ୍ରଥମ ଅଧିକାରୀଙ୍କୁ ନିଯୁକ୍ତ କିମ୍ବା ଅପଗ୍ରେଡ୍ କରିବାକୁ ଯୋଜନା କରୁଛି।

ଏହାର ଏୟାରବସ୍ ଫ୍ଲିଟ୍ ପାଇଁ, ଇଣ୍ଡିଗୋ ଡିସେମ୍ବରରେ କ୍ୟାପଟେନ୍ ଉପଲବ୍ଧତା ୨,୩୫୭ ଏବଂ ପ୍ରଥମ-ଅଫିସର ଶକ୍ତି ୨,୧୯୪ ରିପୋର୍ଟ କରିଛି।

ଏହା ଫେବୃଆରୀ ଅନୁପାଳନ ତାରିଖ ସୁଦ୍ଧା ମୋଟ ସଂଖ୍ୟା ୨,୪୨୫ କ୍ୟାପଟେନ୍ ଏବଂ ୨,୨୮୪ ପ୍ରଥମ ଅଧିକାରୀଙ୍କୁ ବୃଦ୍ଧି କରିବ।

ଆର୍ଥିକ ବର୍ଷ ୨୫ର ବାର୍ଷିକ ରିପୋର୍ଟ ଅନୁଯାୟୀ, ଏୟାରଲାଇନ୍ସର ୫,୪୫୬ ପାଇଲଟ୍ ଥିଲେ, ଯେଉଁଥିରେ କ୍ୟାପଟେନ୍ ଏବଂ ପ୍ରଥମ ଅଧିକାରୀ ସାମିଲ ଥିଲେ।

ଡିଜିସିଏର ସଂଶୋଧିତ ଉଡ଼ାଣ ଶୁଳ୍କ ସୀମାର ଦ୍ୱିତୀୟ ପର୍ଯ୍ୟାୟ, ଯାହା ନଭେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହେଉଛି, ପାଇଲଟମାନଙ୍କୁ ମଧ୍ୟରାତ୍ରିରୁ ସକାଳ ୬ଟା ମଧ୍ୟରେ ସର୍ବାଧିକ ଦୁଇଟି ଲଗାତାର ରାତିର ଉଡ଼ାଣ ପାଇଁ ସୀମିତ କରେ। ଏହି ନିୟମ କୁ ଆବଶ୍ୟକତାକୁ ବୃଦ୍ଧି କରେ କାରଣ ପାଇଲଟମାନଙ୍କୁ ଦୁଇ ରାତି ଏପରି କାର୍ଯ୍ୟ ପରେ ବାଧ୍ୟତାମୂଳକ ବିଶ୍ରାମ ନେବାକୁ ପଡିବ।

ସମସ୍ତ ଏୟାରଲାଇନ୍ସକୁ ନଭେମ୍ବର ୧ ତାରିଖରୁ ପାଳନ କରିବାକୁ ବାଧ୍ୟ କରାଯାଇଥିଲା, କିନ୍ତୁ ଇଣ୍ଡିଗୋକୁ ଅତିରିକ୍ତ ସମୟ ଦିଆଯାଇଥିଲା।

ପୂର୍ବରୁ, ନିୟାମକ ମଧ୍ୟ ଜୁଲାଇ ୧ ତାରିଖରୁ ସାପ୍ତାହିକ ବିଶ୍ରାମକୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବୃଦ୍ଧି କରି ଏବଂ ବିଶ୍ରାମ ସହିତ ଛୁଟିର ବଦଳକୁ ବାରଣ କରି ଏକ ନିୟମ ପ୍ରଚଳନ କରିଥିଲେ। ସେହି ବ୍ୟବସ୍ଥାକୁ ସେଠାରୁ ଫେରାଇ ନିଆଯାଇଛି।

# ସିନେମାଫିନେମା ଟିଭିଫିବି

## ୧୦୦୦ କୋଟି ଟପିବ 'ବାରାଣସୀ'ର ପ୍ରସାରଣ ଅଧିକାର




**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଗ୍ଲୋବାଲ ଷ୍ଟାର୍ ପ୍ରିୟଙ୍କା ଚୋପ୍ରା ଓ ସାଉଥ୍ ସୁପରଷ୍ଟାର୍ ମହେଶ ବାବୁଙ୍କ ଅପ୍‌କମିଙ୍ଗ ଫିଲ୍ମ 'ବାରାଣସୀ'କୁ ନେଇ ବଡ ଖବର। ଏସ୍‌ଏସ୍ ରାଜାମୌଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ରିଲିଜ୍‌କୁ ବର୍ଷରୁ ଅଧିକ ସମୟ ଅଛି। କିନ୍ତୁ ଚର୍ଚ୍ଚା ଏବେଠୁ ଜୋର୍ ଧରିଛି। ବଡ ବଡ ଓଟିଟି ପ୍ଲାଟ୍‌ଫର୍ମ ଫିଲ୍ମର ଡିଜିଟାଲ ପ୍ରସାରଣ ଅଧିକାର ପାଇବାକୁ ରେସ୍ ଲଗାଇଛନ୍ତି।

ରିପୋର୍ଟ ଅନୁସାରେ, 'ବାରାଣସୀ' ବୈଶ୍ୱିକ ପ୍ରସାରଣ ବଜାରରେ ଭାରତର ସବୁଠୁ ହଟ୍ ପ୍ରପର୍ଟି ହୋଇଛି। ବିଦେଶରେ ଫିଲ୍ମ 'ଆର୍‌ଆର୍‌ଆର୍'ର ବଡ ସଫଳତା ଓ ଅସ୍କାର ବିଜୟ ପରେ 'ବାରାଣସୀ' ରିଲିଜ୍ ହେବାକୁ ଯାଉଛି। ଏହା ପୂର୍ବରୁ ରାଜାମୌଲୀଙ୍କ ଫିଲ୍ମ 'ବାହୁବଳୀ-୨' ବିଦେଶରେ ୬୨ ନିୟୁତ ଡଲାରରୁ ଅଧିକ ଆୟ କରିଥିଲା। ଏହି ଦୃଷ୍ଟିରୁ ରାଜାମୌଲୀ ବିଦେଶରେ ଜଣେ ବହୁପରିଚିତ ଚେହେରା ହୋଇଛନ୍ତି। ତେଣୁ ତାଙ୍କ ନିର୍ଦ୍ଦେଶିତ 'ବାରାଣସୀ'ର ଡିଜିଟାଲ ପ୍ରସାରଣ ଅଧିକାର ପାଇଁ ଟକ୍କର ସ୍ୱାଭାବିକ କଥା।

ରିପୋର୍ଟ ଅନୁସାରେ, ଡିଜିଟାଲ ପ୍ଲାଟ୍‌ଫର୍ମଗୁଡିକ ଫିଲ୍ମର ଅଧିକାର ପାଇଁ ମୋଟା ଅଙ୍କ ଦେବାକୁ ଆଗଭର, ଯାହା କୌଣସି ହଲିଉଡ୍ ଫିଲ୍ମଠୁ କମ୍ ନୁହେଁ ଏହି ଅଙ୍କ ହଜାର କୋଟି ମଧ୍ୟ ଛୁଇଁପାରେ। ଏପରି ହେଲେ, 'ବାରାଣସୀ' ଏକାକୀ ଭାରତୀୟ ଫିଲ୍ମ ପାଇଁ ଡିଜିଟାଲ ରାଇଟ୍‌ର ପ୍ରି-ସେଲ୍ କଲେକ୍ସନ୍‌ର ରେକର୍ଡ ଭାଙ୍ଗିବ। ଏ ମାମଲାରେ ସବୁଠୁ ମହଙ୍ଗା ଭାରତୀୟ ଫିଲ୍ମ ହେବ 'ବାରାଣସୀ'। ଗତ ନଭେମ୍ବରରେ ରାମୋଜି ଫିଲ୍ମ ସିଟିରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଫିଲ୍ମର ଫାର୍ଷ୍ଟଲୁକ୍ ଜାରି ହୋଇଥିଲା।

# ହିନ୍ଦୋଳ ହସ୍ପିଟାଲରେ ବିଜୁଳିଗଲେ ବିକଳ୍ପ ନାହିଁ

## ମୋବାଇଲ ଫୋନ ଓ କ୍ୟାଣ୍ଡଲରେ ଅନ୍ଧାର ଦୂରୀକରଣ



**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ ଦୀର୍ଘ ବର୍ଷ ଧରି ସମସ୍ୟା ମଧ୍ୟରେ ରହି ଆସି ଥିବା ବେଳେ ଅଧିକାଂଶ କ୍ଷେତ୍ରରେ ନାହିଁ ନାହିଁରେ ଚାଲିଛି ରୋଗୀ ସେବା ବ୍ୟବସ୍ଥା। ବର୍ତ୍ତମାନର ରାଜ୍ୟ ସରକାର ଏଠାରେ କିଛି ମାତ୍ରାରେ ଡାକ୍ତର ସମସ୍ୟା ଦୂର କରି କେତେଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିବା ବେଳେ ପ୍ରକୃତ ପକ୍ଷେ ପାଳି ଓଳିରେ ଚାଲିଛି ରୋଗୀ ଚିକିତ୍ସା ସେବା। ସେହିଭଳି ବିଗତ ସରକାରଙ୍କ ଅମଳରେ ୫ଟି (ମୋ ଡାକ୍ତରଖାନା) ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ ଅର୍ଥରେ ବହୁବିଧ ଉନ୍ନତିକରଣ କାର୍ଯ୍ୟ କରାଯାଇଥିଲା। ତନ୍ମଧ୍ୟରୁ ସ୍ଥାନୀୟ ଜନସାଧାରଣଙ୍କ ବହୁତ୍ ଦିନର ଦାବିକୁ ଗୁରୁତ୍ୱ ଦେଇ ପୂର୍ବରୁ ରହିଥିବା ନିମ୍ନମାନର କ୍ୟାବିନକୁ ଭଙ୍ଗା ଯାଇ ଉନ୍ନତମାନର ୨ ବଖରା ବିଶିଷ୍ଟ କ୍ୟାବିନ୍ ନିର୍ମାଣ କରା ଯାଇ ଅଛି। ବିଶୁଦ୍ଧ ପିଇବା ପାଣିର ବ୍ୟବସ୍ଥା ସାଙ୍ଗକୁ ଉଭୟ କକ୍ଷରେ ପାଇଖାନା ଗାଧୁଆ ଘର ସାଙ୍ଗକୁ ୧ ନଂ କକ୍ଷରେ ଶୀତ ତାପ ନିୟନ୍ତ୍ରିତ ଯନ୍ତ୍ରର ବ୍ୟବସ୍ଥା ରହିଛି। ଯେଉଁଠି ପାଇଁ ଡାକ୍ତରଖାନା ପରିଚାଳନା ବ୍ୟବସ୍ଥାରେ ରହିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଂସ୍ଥା ୧ ନଂ କୋଠରୀ ପାଇଁ ରୋଗୀଙ୍କ ଠାରୁ ଦୈନିକ ୨୦୦ ଟଙ୍କା ଏବଂ ୨ନଂ କୋଠରୀ ପାଇଁ ରୋଗୀଙ୍କ ଠାରୁ ୧୦୦ ଟଙ୍କା ଲେଖାଏଁ ରସିଦ ଆକାରରେ ଅର୍ଥ ଆଦାୟ କରି ଆସୁଅଛି। ମାତ୍ର ପରିତାପର ବିଷୟ ଏହି ଯେ ଦିନ ହେଉ କି ରାତି ହେଉ ବିଜୁଳି ଚାଲି ଗଲେ କ୍ୟାବିନର ୨ଟି କକ୍ଷରେ ଆଉ ବିକଳ୍ପ ବିଜୁଳି ବ୍ୟବସ୍ଥା ନାହିଁ। ବିଶେଷ କରି ସନ୍ଧ୍ୟା ପର ବିଦ୍ୟୁତ୍ ଚାଲି ଗଲେ ୨ଟି ଯାକ କକ୍ଷ ଅନ୍ଧାରରେ ରହୁଛି। ଶଯ୍ୟା ସାୟୀ ରୋଗୀଙ୍କ ନିକଟରେ ଥିବା ପରିଜନଙ୍କ ମୋବାଇଲ ଫୋନ ଓ ମହମବତି ସେହି ସମୟ ପାଇଁ ଆଲୋକ ବର୍ତ୍ତିକା ପାଲଟୁଛି। ଉନ୍ନତ ମାନର କ୍ୟାବିନ ବ୍ୟବସ୍ଥା ହୋଇଛି ସତ୍ ସେଥି ମଧ୍ୟରେ ଇନ୍ ଭର୍ଟର ବ୍ୟବସ୍ଥା ନାହିଁ କି ଡାକ୍ତରଖାନା ପରିସରରେ ଥିବା ଜେନେରେଟର କରେଣ୍ଟ ସହିତ କ୍ୟାବିନର କୌଣସି ସଂଯୋଗି କରଣ କରା ଯାଇନାହିଁ। ଫଳରେ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ଅର୍ଥ ପୈଠ କରିବି ରୋଗୀଙ୍କୁ ହିନସ୍ଥା ହେବାକୁ ପଡୁଛି। ଡାକ୍ତରଖାନାର ପୁରୁଣା ବିଲ୍ଡିଂ ସହିତ ମୁଖ୍ୟ ସାଧାରଣ ୱାର୍ଡ, ପ୍ରସୁତି ୱାର୍ଡ, ବ୍ଲଡ ବ୍ୟାଙ୍କ୍, ଡ଼ାଇଲିସିସ୍ ବିଭାଗ ସହିତ ଚାଇଲ୍ଡ କେୟାର, କ୍ୟାବିନମାନଙ୍କରେ ବିକଳ୍ପ ବିଜୁଳି ବ୍ୟବସ୍ଥା ରହିଥିବା ବେଳେ ଅତି ଗୁରୁତ୍ୱ ପୂର୍ଣ୍ଣ ସ୍ୱତନ୍ତ୍ର କ୍ୟାବିନ୍ ପାଇଁ କାହିଁକି ବିକଳ୍ପ ବିଜୁଳି ବ୍ୟବସ୍ଥା କରାଯାଉନାହିଁ ପ୍ରଶ୍ନ ସାପେକ୍ଷ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନ ସାଧାରଣ ଦୃଢ଼ ଦାବି କରିଛନ୍ତି।

## ଆଜିର ରାଶିଫଳ

| ତାରିଖ | ସୋମବାର–ଚତୁର୍ଥୀ |
|---|---|
| ୮.୧୨.୨୦୨୫ | ନକ୍ଷତ୍ର– ପୁଷ୍ୟା, କକଟଚନ୍ଦ୍ର |

| | |
|---|---|
| ମେଷ | : କଳହଯୋଗ ରହିଛି। |
| ବୃଷ | : ସନ୍ତାନ ସୁଖ ହୋଇପାରେ। |
| ମିଥୁନ | : ଧନହାନି ଘଟିପାରେ। |
| କର୍କଟ | : ଧନଲାଭ ହୋଇପାରେ |
| ସିଂହ | : ବଂଧୁବିଦ୍ୱେଷ ହୋଇପାରେ। |
| କନ୍ୟା | : କର୍ମେ ଆନନ୍ଦ ରହିବ। |
| ତୁଳା | : ପଦୋନ୍ନତି ଘଟିପାରେ। |
| ବିଛା | : ଅନୁଶୋଚନା ହୋଇପାରେ। |
| ଧନୁ | : ଆଘାତଭୟ ରହିଛି। |
| ମକର | : ପ୍ରୀତିବୃଦ୍ଧି ଘଟିପାରେ। |
| କୁମ୍ଭ | : ପ୍ରଶଂସିତ ହୋଇପାରେ। |
| ମୀନ | : ପିତାଙ୍କ ଚିନ୍ତା ଘାରିପାରେ। |

## ଅସ୍ତରଙ୍ଗରେ ପହଞ୍ଚିଲା ପିଇବା ପାଣି



**ଅସ୍ତରଙ୍ଗ: ଏକ୍ସପ୍ରେସ ନ୍ୟୁଜ୍**

ପିଇବା ପାଣି ଅସ୍ତରଙ୍ଗବାସୀଙ୍କ ମୁଖ୍ୟ ସମସ୍ୟା ଦୀର୍ଘ ସାତ ଦିନ ହେବ ଅସ୍ତରଙ୍ଗ ଅଞ୍ଚଳରେ ପିଇବା ପାଣି ନଥିବାରୁ ତହଲବିକଳ ହୋଇପଡି ଥିଲେ ଅଞ୍ଚଳବାସୀ। ଗ୍ରାମ୍ୟ ପରିମଳ ପାନୀୟ ବିଭାଗ ପକ୍ଷରୁ କାକଟପୁର ମୂଳା ଗଡ଼ ଛକରେ ପାଣି ପାଇପି ମରାମତି ହୋଇପାରିନଥିଲା। ଏ ସମ୍ପର୍କରେ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ତଥା ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ଶରତ କୁମାର ପରିଡ଼ା ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଅବଗତ କରିଥିଲେ। ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରି ଅଧଘଣ୍ଟା ପାଇଁ ପାଣି ଯୋଗାଇ ଦେଇଥିଲେ। ଭୁବନେଶ୍ୱରରୁ ଉନ୍ନତମାନର ବିଶେଷଜ୍ଞ ଟିମ୍ ଆସି ମରାମତି କରିବା ପରେ ପାଣି ପାଇପ୍ ସଚଳ ହୋଇଥିଲା ଯାହା ଫଳରେ ଅସ୍ତରଙ୍ଗ ଅଞ୍ଚଳରେ ପିଇବା ପାଣି ପହଞ୍ଚି ଥିଲା। ଜିଲ୍ଲାପାଳ ଶ୍ରୀଯୁକ୍ତ ପରିଡ଼ାଙ୍କ ମହନୀୟତା ପାଇଁ ଅସ୍ତରଙ୍ଗ ଅଞ୍ଚଳରେ ଚର୍ଚ୍ଚା ଜିଲ୍ଲାପାଳ ହେବ ତ ଏମିତି।

## ଅପହୃତା ଛାତ୍ରୀ ଉଦ୍ଧାର

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମାହାଙ୍ଗା ଥାନା ଅଞ୍ଚଳରୁ ଦୁଇ ଅପହୃତା ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଚୌଦ୍ୱାର ଅଞ୍ଚଳରୁ ଉଦ୍ଧାର କଲା ମାହାଙ୍ଗା ପୋଲିସ। ସୂଚନା ମୁତାବକ ଗତ ଗୁରୁବାର ଶ୍ରୀକୃଷ୍ଣପୁର ପଞ୍ଚାୟତ ମାଳିହତା ଅଞ୍ଚଳର ଦୁଇ ଦଶମ ଶ୍ରେଣୀ ଛାତ୍ରୀ ବିଦ୍ୟାଳୟକୁ ଆସି ଅପହରଣ ହୋଇଥିବା ନେଇ ମାହାଙ୍ଗା ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏକ ଟିମ ଚୌଦ୍ୱାର ଅଂଚଳରୁ ଚଢାଉ କରି ରାଜେଶ ମଲିକ, ବଣ୍ଟି ସେଠୀଙ୍କ ଘରୁ ଉଦ୍ଧାର କରିଥିଲେ। ଚଢାଉ ସମୟରେ ବଣ୍ଟି ଏବଂ ରାଜେଶ ଫେରାର ହୋଇଯାଇଥିବାବେଳେ ଦୁଇ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରିଥିଲେ। ପରେ ଦୁଇ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଶ୍ରୀ ରାଉତ ସୂଚନା ଦେଉଛନ୍ତି। ଏଥିସହିତ ଥାନା କେସ ନଂ ୩୮୭/୨୫,୩୮୮/୨୫ରେ ଦୁଇଟି ମାମଲା ରୁଜୁ କରାଯିବା ସହ ଖୁବ୍‌ଶିଘ୍ର ଧରାଯିବ ବୋଲି କହିଥିଲେ।

## ବିଲୁଆ ଆକ୍ରମଣରେ ୫ ଗୁରୁତର

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ରୋହିଗାଁ ଗ୍ରାମରେ ବିଲୁଆ ଆତଙ୍କ। ଜଙ୍ଗଲି ବିଲୁଆ ଆକ୍ରମଣରେ ୫ ଗ୍ରାମବାସୀ ଗୁରୁତର। ସମସ୍ତ ଗୁରୁତରଙ୍କୁ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି। ଗୁରୁତର ଆହାତମାନେ ହେଲେ ରୋହିଗାଁ ଗ୍ରାମର ସୁକୁନୁ ଜେନା, ସୋଲି ସ୍ୱାଇଁ, ତପସ୍ୱିନି ଜେନା, ସରମିଲା ଜେନା ଓ ଗୁରୁଦେବ ରଣା ବୋଲି ଜଣାପଡିଛି।

ସୂଚନା ମୁତାବକ, ରୋହିଗାଁ ଗ୍ରାମରେ ବାୟା ବିଲୁଆ ଆତଙ୍କରେ ଗ୍ରାମବାସୀ ଆତଙ୍କିତ। ବିଲୁଆ ଆକ୍ରମଣରେ ୫ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଥିବା ବେଳେ ସମସ୍ତ ଗୁରୁତରମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆଡପଡା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ତେବେ ଏବେ ଧାନ ଫସଲ ଅମଳ ସମୟ ହୋଇଥିବା ହେତୁ ଲୋକମାନେ ଚାଷ ଜମିକୁ ଯାଇଥିବା ବେଳେ ଏହି ଜଙ୍ଗଲି ବିଲୁଆ ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି।

## ଧାମରାରେ ବୁଲୁଛି ମହାବଳ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ଧାମରା ଅଞ୍ଚଳରେ ଏକ ମହାବଳ ବାଘ ବୁଲୁଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶନିବାର ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଛି।

ସୂଚନା ଅନୁଯାୟୀ, ଧାମରା ବନ୍ଦର ୩ ନଂ. ଗେଟ୍ ଆଗରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ କେହି ଜଣେ ଭାଇରାଲ କରିଛନ୍ତି। ପ୍ରକୃତରେ ସେଠାରେ ବାଘ ଅଛି ନା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମାଧ୍ୟମରେ ପ୍ରସ୍ତୁତ କରାଯାଇ ଭାଇରାଲ ହୋଇଛି, ତାହାର ପ୍ରକୃତ ତଥ୍ୟ ଜଣାପଡ଼ିନାହିଁ। ତେବେ ଏହି ଭିଡିଓ ଭାଇରାଲ ହେବା ପରେ ଧାମରା ବନପାଳ କୁମୁଦ ଚନ୍ଦ୍ର ସାହୁ ଏବଂ କରଞ୍ଜମାଳ ବନପାଳ ସନ୍ତୋଷ ମାଝୀ ୫ଜଣ ବନରକ୍ଷୀଙ୍କୁ ନେଇ କଇଥଖୋଲା, କରଞ୍ଜମାଳ ଅଞ୍ଚଳ ବୁଲି ଦେଖିବା ସହ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମଧ୍ୟ ପାଇନାହାନ୍ତି। ପ୍ରଥମେ ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ସିସି କ୍ୟାମେରାରେ ଏହି ଭିଡିଓ କଏଦ ହୋଇଥିବା କଥା ଶୁଣିବାକୁ ମିଳିଥିବା ବେଳେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଶନିବାର ଦିନତମାମ ବନପାଳ ଏବଂ ବନରକ୍ଷୀମାନେ ସମସ୍ତ ସ୍ଥାନ ବୁଲି ଦେଖିଥିଲେ ମଧ୍ୟ ମହାବଳ ବାଘର କୌଣସି ସୁରାକ୍ ପାଇନାହାନ୍ତି। ଏଣୁ କେଉଁ ପରିସ୍ଥିତିରେ ଏବଂ କିଏ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି, ସେଥିପ୍ରତି ଜିଲା ପ୍ରଶାସନ ସଜାଗ ହେବା ସହ ତୁରନ୍ତ ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ତେବେ ଭାଇରାଲ ଭିଡିଓକୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏନେଇ ଡିଏଫ୍‌ଓ ସୌଭାଗ୍ୟ ରଞ୍ଜନ ସାହୁ କହିଛନ୍ତି, ଏହା ଏଆଇ ଭିଡିଓ। ଧାମରାକୁ ବାଘ ଆସିବା ପାଇଁ କୌଣସି ଜଙ୍ଗଲ କରିଡର୍ ନାହିଁ। ଏଣୁ ବାଘ ଏଠାକୁ ଆସିବା ଅସମ୍ଭବ। ତଥାପି ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର ଅନୁସନ୍ଧାନ କରାଯାଉଛି।

## ପୋଖରୀରେ ବୁଡ଼ିଗଲେ ଦୁଇ ନାବାଳିକା, ଜଣେ ଉଦ୍ଧାର



**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗାଁରେ ରବିବାର ପୂର୍ବାହ୍ନରେ ଘଟିଯାଇଛି ଏକ ଦୁଃଖଦ ଘଟଣା। ଗାଁ କରଣ ସାହିର ଦୁଇ ସାଙ୍ଗ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀ ୱାଲ ଖସଡ଼ାରେ ଖସି ଯାଇ ଆର୍.ସାଲୋନି ପାତ୍ର (୮) ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସାଙ୍ଗ ଏନ. ରାଜେଶ୍ୱରୀ ପାତ୍ର ପାଣିରେ ବୁଡି ଯାଇଥିଲେ। ପୋଖରୀରେ ଗାଧୋଉଥିବା କିଛି ବ୍ୟକ୍ତି ରାଜେଶ୍ୱରୀଙ୍କୁ ଉଦ୍ଧାର କରିଥିବା ବେଳେ ସାଲୋନିଙ୍କ ସନ୍ଧାନ ମିଳି ନ ଥିଲା। ଖବରପାଇ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସାଲୋନି ଏବଂ ରାଜେଶ୍ୱରୀଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାଲୋନିଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଅସୁସ୍ଥ ରାଜେଶ୍ୱରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ଟିମ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଥାନା ଅପମୃତ୍ୟୁ ମାମଲା ନଂ.୪୬/୨୫ ଅନୁଯାୟୀ ସାଲୋନିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ସାଲୋନିଙ୍କ ବାପା ଆର୍.ଘନ ପାତ୍ର ଗୁଜରାଟର ସୁରାଟସ୍ଥିତ ଲୁଗାକଳରେ କାମ କରି ସେଠାରେ ଥିବା ବେଳେ ମା' ଚାଷଜମିକୁ ଧାନ କାଟିବାକୁ ଚାଲିଯାଇଥିଲେ। ଗାଁ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବା ୨ ସାଙ୍ଗ ପ୍ରତିଦିନ ଭଳି ରବିବାର ସକାଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାପଡ଼ିଛି।

## ଯୁବକଙ୍କୁ ଦଉଡିରେ ବାନ୍ଧି ଗାଁ ଦାଣ୍ଡରେ ଘୋଷାରିଲେ



**ବାଲେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜମିଜମା ବିବାଦକୁ ନେଇ ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ତେଲଗଡିଆ ଗାଁରେ ଘଟିଛି ଅମାନବୀୟ ଘଟଣା। ଜଣେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ ସହ ଦଉଡିରେ ବାନ୍ଧି ଗାଁଦାଣ୍ଡରେ ଘୋଷାରିବା ପରେ ସ୍ଥାନୀୟ ପରିଖି ଫାଣ୍ଡି ସମ୍ମୁଖରେ ଫିଙ୍ଗିଦେଲେ। ଏହି ଘଟଣା ୩ ଦିନ ତଳେ ଘଟିଥିଲା। ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ଘୂରି ବୁଲିବା ପରେ ରବିବାର ଲୋକଲୋଚନକୁ ଆସିଛି। ଏହି ସମ୍ବେଦନଶୀଳ ଘଟଣାରେ ପୋଲିସର ସମ୍ବେଦନହୀନତା ଅନେକ ପ୍ରଶ୍ନ ଠିଆ କରିଛି।

ସୂଚନା ମୁତବାକ, ଜମିଜମା ବିବାଦକୁ ନେଇ ଗତ ୩ ତାରିଖରେ କେତେକ ଯୁବକ ତେଲଗଡିଆ ଗ୍ରାମର ଦେବାଶିଷ ହାତୀଙ୍କୁ ଠେଙ୍ଗା ଓ କୋଦାଳ ବେଣ୍ଟରେ ନିର୍ମମ ଭାବରେ ପିଟିଥିଲେ। ନିସ୍ତୁକ ମାଡ ଖାଇବା ପରେ ସେ ଅଚେତ ହୋଇଯାଇଥିଲେ। ପରେ ତାଙ୍କୁ ଦଉଡ଼ିରେ ବାନ୍ଧି ଗାଁ ଦାଣ୍ଡରେ ଘୋଷାରି ଘୋଷାରି ନେଇ ପରିଖି ଫାଣ୍ଡି ସମ୍ମୁଖରେ ଫୋପାଡି ଦେଇ ପଳାଇ ଯାଇଥିଲେ। ଏହି ସମୟରେ ଦେବାଶିଷଙ୍କ ପତ୍ନୀ ଶେଫାଳି ପ୍ରତିରୋଧ କରିବାକୁ ଚେଷ୍ଟା କରିଥିବା ବେଳେ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଛାଡି ନଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଅସଦାଚରଣ କରିବା ସହିତ ମାଡ ମାରିଥିଲେ। ପତ୍ନୀ ଶେଫାଳି ଏନେଇ ଫାଣ୍ଡିରେ ପହଞ୍ଚି ଘଟଣା ସଂପର୍କରେ ଜଣାଇଥିଲେ ମଧ୍ୟ ପୋଲିସ ନିରବ ରହିଥିଲା। ଏହାପରେ ସେ ଦେବାଶିଷଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଗତ ୫ ତାରିଖରେ ଶେଫାଳି ସଦର ଥାନାରେ ଏତଲା ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ୍ ବସିଛି। ଏନେଇ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଲୁଟେରାଙ୍କ ଆକ୍ରମଣରେ ଅଟୋଚାଳକ ଗୁରୁତର

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ବିଳମ୍ବିତ ରାତିରେ ଜଣେ ଅଟୋ ଚାଳକଙ୍କୁ କିଛି ଲୁଟେରା ଲୁଟ କରିବା ଉଦ୍ଦେଶ୍ୟରେ ଧାରୁଆ ଅସ୍ତ୍ରରେ ହାଣିଥିବା ଜଣାପଡିଛି। ସୂଚନା ଅନୁସାରେ ରାତିରେ ବାହାନଗା ବ୍ଲକ ଦାଣ୍ଡହରିପୁର ପଞ୍ଚାୟତ ଛବାଟିଆ ଗ୍ରାମର ପୀତବାସ ପଡିହାରି (୨୫) ଅଟୋଚଳାଇ ପରିବର ପ୍ରତିପୋଷଣ କରନ୍ତି। ରାତିରେ ପେସେଞ୍ଜର ନେଇ ସୋର ବସଷ୍ଟାଣ୍ଡକୁ ଆସିଥିବା ବେଳେ ରାତି ୧୨.୩୦ରେ ଘରକୁ ଫେରୁଥିଲେ। ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ କଳା ରଙ୍ଗର ପଲସର୍ ବାଇକରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହିତ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ବାରମ୍ବାର ହାଣିଥିଲେ। ପୀତବାସ କୌଶଳ କ୍ରମେ ସେଠାରୁ ଖସି ଯାଇ ଲୁଚିଯାଇଥିଲେ। ପରେ ଦୁର୍ବୃତ୍ତମାନେ ବାଲେଶ୍ୱର ଅଭିମୁଖେ ପଳାଇବାରୁ ପୀତବାସ ବହୁ କଷ୍ଟରେ ଅଟୋଚଳାଇ ସୋର ଡାକ୍ତରଖାନାକୁ ଆସିଥିବା ବେଳେ ସେଠାରେ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀର ଜୀବନ

**ହରଭଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା- ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ମାର୍ଦ୍ଦିଙ୍ଗ ନିକଟରେ ବାଇକକୁ ପଛପଟୁ ଧକ୍କା ଦେଲା ଟ୍ରକ । ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଆହତ ହୋଇଛନ୍ତି। ମୃତକ ଅପରାଜିତା ରାଉତ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଆଜି ସକାଳେ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବ୍ରାହ୍ମଣପାଦ ଗାଁର ବିରୁପାକ୍ଷ ସାହୁ ଏବଂ ତାଙ୍କ ପତ୍ନୀ ଅପରାଜିତା ରାଉତ ଉଭୟ ଏକ ବାଇକ ଯୋଗେ ବ୍ରାହ୍ମଣ ପାଦରୁ ପୁରୁଣା କଟକ ସମ୍ପର୍କୀୟ ଘରକୁ ଯାଉଥିଲେ। ଦୁର୍ଭାଗ୍ୟବଶତଃ ସମାନ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ମାର୍ଡିଙ୍ଗ ନିକଟରେ ଧକ୍କା ଦେଇଥିଲା। ଏଥିରେ ପତ୍ନୀ ଅପରାଜିତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଣାକଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ପୁରୁଣା କଟକ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ହତ୍ୟା ଘଟଣାର ପର୍ଦ୍ଦାଫାଶ: ୪ ଗିରଫ



**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**

ସାମାନ୍ୟ ଜମି ପାଇଁ ଦାଦା ଜୀବନ ନେଲା ପୁତୁରା। ଗାଁ ମଝିରେ ଗୋଡେଇ ଗୋଡେଇ ହାଣି ହତ୍ୟା କରିବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଗତ ୨ ତାରିଖ ଦିନ ସନ୍ଧ୍ୟା ସମୟରେ ଜମି ବିବାଦକୁ କେନ୍ଦ୍ରକରି ବଳଙ୍ଗା ଥାନା ତୋରିହାଁବନ୍ଧ ଗାଁର ଅମୀୟ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ତେବେ ଅଭିଯୁକ୍ତ ପୁତୁରା ଫେରାର ହୋଇଯାଇଥିବା ବେଳେ ଅଭିଯୁକ୍ତ ପୁତୁରାକୁ ଧରିବା ପାଇଁ ବଳଙ୍ଗା ପୋଲିସ ପକ୍ଷରୁ ୨ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଆଖପାଖରୁ ୩ ଜଣ ସହଯୋଗୀଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ଭୁବନେଶ୍ୱରରୁ ଗିରଫ କରାଯାଇଛି।

ବଳଙ୍ଗା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଅଶ୍ୱିନୀ କୁମାର ପ୍ରଧାନ, ପ୍ରଭାତୀ ପ୍ରଧାନ, ସଞ୍ଜୟ ବିଡିକା ଓ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏପଟେ ହତ୍ୟା କରାଯାଇଥିବା ମାରଣାସ୍ତ୍ର ସହ ଏକ ବୁଲେଟ୍ ଗାଡ଼ି ଜବତ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଓ ଏସଆଇ ସସ୍ମିତା ବେହେରା ଏହି ଘଟଣା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଘଟଣାସ୍ଥଳରେ ବଳଙ୍ଗା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ରକ୍ତ ନମୂନା ସଂଗ୍ରହ କରି ଅଭିଯୁକ୍ତମାନଙ୍କ ବିରୋଧରେ ସାକ୍ଷ୍ୟ ପ୍ରମାଣ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ୪ ଜଣକୁ ଗିରଫ କଲୁ ଏବଂ ବଳଙ୍ଗା ପୋଲିସ ସଫଳତା ପାଇଛି ବୋଲି ଡିଏସପି ପ୍ରକାଶ କରିଛନ୍ତି।

## ଖୋର୍ଦ୍ଧାର ନନ୍ଦିଘୋଷ ହସ୍ପିଟାଲ ସିଲ୍

**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧାର ନନ୍ଦିଘୋଷ ହସ୍ପିଟାଲ ସିଲ୍। ରାଜ୍ୟ ପିସିପିଏନଡିଟି ସେଲ୍ ଓ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମିଳିତ ଚଢ଼ାଉ ପରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଅଳ୍ପ ଦୂରରେ ଥିବା ନନ୍ଦିଘୋଷ ହସ୍ପିଟାଲ୍ ସିଲ୍ କରାଯାଇଛି। ବେଆଇନ୍ ଅଲଟ୍ରାସାଉଣ୍ଡ୍ କରିବା ଅଭିଯୋଗରେ ରାଜ୍ୟ ଟିମ୍ ହସ୍ପିଟାଲ୍ ଭିତରେ ଥିବା ଅଲଟ୍ରାସାଉଣ୍ଡ୍ ରୁମକୁ ସିଲ୍ କରିଦେଇଛି। ତା' ସହିତ ଅଲଟ୍ରାସାଉଣ୍ଡ୍ ମେସିନର ହାର୍ଡ ଡିସ୍କ ଓ ରେଜିଷ୍ଟର ଯାଞ୍ଚ କରିଛନ୍ତି। ଚଢ଼ାଉ କରି ସମସ୍ତ ରେକର୍ଡ ପତ୍ର ଉଠାଇ ନେଇଛନ୍ତି।

ପୂରା କାଗଜପତ୍ର ଯାଞ୍ଚ କଲା ପରେ ପିସିପିଏନଡିଟି ଆକ୍ଟ ଆନୁସାରେ ଅଲଟ୍ରାସାଉଣ୍ଡର ଦୁଇ ମାଲିକାନାଙ୍କ ନାଁରେ ମାମଲା ରୁଜୁ ହେବ ବୋଲି ରାଜ୍ୟ ଟିମ୍ ସ୍ପଷ୍ଟ କରିଛନ୍ତି। ନନ୍ଦିଘୋଷ ହସ୍ପିଟାଲରେ ଅଲଟ୍ରାସୋଉଣ୍ଡକୁ ନେଇ ପୂର୍ବରୁ ଅନେକ ଅଭିଯୋଗ ଥିଲା। ବହୁ ଅନୈତିକ କାର୍ଯ୍ୟ ଏଠାରେ ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ସେଥିପାଇଁ ରାଜ୍ୟ ଟିମ୍ ଚଢ଼ାଉ କରିବାକୁ ନିଷ୍ପତ୍ତି ନେଇଥିଲା। ଲିଙ୍ଗ ନିରୂପଣ ସମ୍ପର୍କିତ ଯଦିଓ କୌଣସି ଠୋସ୍ ପ୍ରମାଣ ଟିମ୍‌ର ହସ୍ତଗତ ହୋଇନାହିଁ, କିନ୍ତୁ ଲିଙ୍ଗ ନିରୂପଣର ସମସ୍ତ ବ୍ୟବସ୍ଥା ଏଠାରେ ଅଛି ବୋଲି ଚଢ଼ାଉ କରିଥିବା ଅଧିକାରୀମାନେ କହିଛନ୍ତି।

## ନିଖୋଜ ପିହୁର ମାଆଙ୍କୁ ହତ୍ୟା ଧମକ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ନିଖୋଜ ପିହୁର ମାଆଙ୍କୁ ହତ୍ୟା ଧମକ। ଦେଢ଼ ମାସ ହେଲେ ଅଜଣା ନମ୍ବରରେ ହତ୍ୟା ଧମକ ଆସୁଥିବା ଅଭିଯୋଗ କଲେ ମୋନାଲିସା ନାୟକ। ଏଥିସହିତ ଅଭଦ୍ର ଭାଷାରେ ଗାଳି ଗୁଲଜ କରୁଥିବା ଅଭିଯୋଗ ହୋଇଛି । ଜୀବନ ପ୍ରତି ବିପଦ ଥିବାରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୩ ତାରିଖରୁ ଅଭିଯୋଗ କରିଥିଲେ ମଧ୍ୟ ବିଞ୍ଝାରପୁର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଏକ ଭିଡ଼ିଓ ବାର୍ତ୍ତା ଜାରି କରିଛନ୍ତି। ତେବେ ନ୍ୟାୟ ଦାବିରେ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଅନ୍ୟ ପଟେ ପୋଲିସ ଏତଲା ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରୁଥିବା ସୂଚନା ମିଳିଛି।

## ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ମନମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୋହିପିଟା ବନ୍ଧ ନିକଟରେ ଅଭାବନୀୟ ଘଟଣା। ମୁଣ୍ଡରେ ଗୁରୁତର କ୍ଷତାକ୍ତ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର। ମୃତକ ଜଣକ ମନମୁଣ୍ଡା ଥାନା ଦମାମୁଣ୍ଡା ଗ୍ରାମର ଭୂଷଣ ପ୍ରଧାନଙ୍କ ପୁଅ କୈବଲ୍ୟ ପ୍ରଧାନ ବୋଲି ଜଣାପଡିଛି। ମୃତକଙ୍କ ବାଇକ ଓ ମୋବାଇଲ ଲୁଟ୍ ସହ ତାକୁ ହତ୍ୟା କରାଯାଇଥିବା ମୃତକର ଭାଇ ଘୁଣ୍ଟୁ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମୃତ ଭୂଷଣ ବୁରୁରାମୁଣ୍ଡା - ଜୟଦପୁର ମଧ୍ୟରେ ଥିବା ଜଣେ ଠିକାଦାରଙ୍କ କ୍ୟାମ୍ପରେ ପାଚକ କାମ କରୁଥିଲା। ଶନିବାର ରାତ୍ର



ପ୍ରାୟ ୯ଟା ୩୦ ମିନିଟରେ ସେ କାମ ସାରି ବାଇକ ଯୋଗେ ଘର ଅଭିମୁଖେ ଯାଉଥିଲା। କିନ୍ତୁ ସେ ରାତ୍ରିରେ ଘରକୁ ଫେରି ନଥିଲା। ଏନେଇ ପରିବାର ବହୁ ଖୋଜାଖୋଜି କରିଥିଲେ। ହେଲେ ରବିବାର ସକାଳୁ ଗୁହିପିଟା ବନ୍ଧ ନିକଟରେ ଜଣେ ବ୍ୟକ୍ତି କ୍ଷତାକ୍ତ ଅବସ୍ଥାରେ ମରି ପଡ଼ିଥିବା ରବିବାର ଲୋକମାନଙ୍କ ଠାରୁ ପରିବାରବର୍ଗ ଜାଣିବାକୁ ପାଇଥିଲେ। ସେମାନେ ଘଟଣାସ୍ଥଳକୁ ଯାଇ ଦେଖିବାରେ ଉକ୍ତ ମୃତକ କୈବଲ୍ୟ ପ୍ରଧାନ ବୋଲି ଜାଣିଥିଲେ। ତେବେ ମୃତ କୈବଲ୍ୟର ମୁଣ୍ଡରେ ଗୁରୁତର କ୍ଷତାକ୍ତ ହୋଇଥିବା ବେଳେ ଘଟଣାସ୍ଥଳରୁ ତାଙ୍କ ବାଇକ ଓ ମୋବାଇଲ ନ ଥିଲା। କେହି ଜଣେ ଦୁର୍ବୃତ୍ତ କୈବଲ୍ୟର ବାଇକ ଓ ମୋବାଇଲକୁ ଲୁଟ ପୂର୍ବକ ହତ୍ୟା କରି ଫେରାର ହୋଇଯାଇଥିବା ଜାଣିବାକୁ ମିଳିଛି। ହେଲେ ଅନ୍ୟପଟେ ଏହା ଏକ ସୁଚିନ୍ତିତ ଓ ଯୋଜନାବଦ୍ଧ ଲୁଟ୍ ଏବଂ ହତ୍ୟାକାଣ୍ଡ ବୋଲି ପରିବାରବର୍ଗଙ୍କ ପକ୍ଷରୁ କୁହାଯାଇଛି। ତେବେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଦେଇଥିବା ସୂଚନା ମିଳିଛି।

## ଧାନ କିଣାବିକାରେ ଅଚଳାବସ୍ଥା

**ବରଗଡ: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ ଜିଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ରବିବାର ୧୦ଦିନରେ ପହଞ୍ଚିଛି। ହେଲେ ବର୍ତ୍ତମାନ ସୁଦ୍ଧା ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇ ପାରିନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀ ରବିବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପାଣି ମଣ୍ଡିରେ ତାଲା ପକାଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଏହି ମଣ୍ଡିରେ ଧାନ କିଣାବିକା ସ୍ୱାଭାବିକ ହେବ ନାହିଁ, ସେତେଦିନ ପର୍ଯ୍ୟନ୍ତ ମଣ୍ଡିରୁ ତାଲା ଖୋଲିବେ ନାହିଁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

■ ମଦରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ୩ ନୂଆ ମଦ କାରଖାନା ପ୍ରତିଷ୍ଠାର ଯୋଜନା ରହିଛି, ଫଳରେ ରାଜ୍ୟକୁ ଆଉ ମଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବନି। ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ।

■ ମଦପାନ ନକରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏଥିରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଅନ୍ୟପଟେ ରାଜ୍ୟରେ ପ୍ରତିବର୍ଷ ମଦ ବିକ୍ରିର ନୂଆ ନୂଆ ରେକର୍ଡ ସୃଷ୍ଟି ହେବା ଦୁର୍ଭାଗ୍ୟଜନକ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୮ ଡିସେମ୍ବର, ୨୦୨୫ | ସୋମବାର



# ଓଡ଼ିଶା ଏକ୍ସପ୍ରେସ୍


## ଅବକାରୀ ରାଜସ୍ୱ ବଢ଼ିବା ଶୁଭ ସୂଚନା ନୁହେଁ

ମଦ୍ୟପାନର ଅନେକ କୁପ୍ରଭାବ ଥିବା ସତ୍ତ୍ୱେ ଅବକାରୀ ରାଜସ୍ୱ ପ୍ରତିବର୍ଷ ବଢି ଚାଲିବା କେବେ ବି ଏକ ଶୁଭ ସୂଚନା ନୁହେଁ। ସ୍ୱାସ୍ଥ୍ୟ ସମସ୍ୟା ସହିତ ରାସ୍ତା ଦୁର୍ଘଟଣା, ପାରିବାରିକ କଳହ ଏବଂ ଅପରାଧିକ ଘଟଣା ବୃଦ୍ଧିର ଏକ ମୁଖ୍ୟକାରଣ ମଦ୍ୟପାନ ବୋଲି ସର୍ବେକ୍ଷଣ ଏବଂ ଗବେଷଣାରୁ ସବୁବେଳେ ଜଣାଯାଏ। ସମାଜ ଉପରେ ଏହାର କୁପ୍ରଭାବ ସବୁଠୁ ଅଧିକ। ଅନେକ ସଂସାର ଉଜୁଡିଯାଉଛି ମଦ୍ୟପାନ କାରଣରୁ। ଶିକ୍ଷକ ଏବଂ ଅଧ୍ୟାପକମାନେ ମଦ୍ୟପାନ କରି ଶିକ୍ଷାନୁଷ୍ଠାନକୁ ଆସୁଥିବାର ଖବର ମଧ୍ୟ ପ୍ରକାଶ ପାଉଛି। ଏହା ଶୈକ୍ଷିକ ବାତାବରଣକୁ ଯେ କଳୁସିତ କରୁଛି ଏଥିରେ ସାମାନ୍ୟ ସନ୍ଦେହ ନାହିଁ। ସ୍କୁଲ କଲେଜ ପିଲାମାନଙ୍କୁ ବିପଦଗାମୀ କରୁଛି ମଦ।

ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବରେ ଆମ ରାଜ୍ୟର ଏକ ସୁନାମ ରହିଛି। ଆମରାଜ୍ୟର ଲୋକମାନଙ୍କ ସରଳତାକୁ ବିଦେଶୀ ପର୍ଯ୍ୟଟକମାନେ ପ୍ରଶଂସା କରନ୍ତି। ଆମ ରାଜ୍ୟର ଲୋକେ ଖୁବ୍ ଅତିଥି ପ୍ରରାୟଣ, କିନ୍ତୁ ଦେଖାଯାଉଛି ଅପରାଧିକ କାର୍ଯ୍ୟକାଳପ ରାଜ୍ୟରେ ବଢିବାରେ ଲାଗିଛି। ଏଭଳି ଏକ ପରିବେଶ ବଜାୟ ରହିଲେ ପର୍ଯ୍ୟଟକଙ୍କ ସଂଖ୍ୟା କମିବାର ସମ୍ଭାବନା ମଧ୍ୟ ରହିଛି। ମଦ୍ୟପାନ ଜନିତ ଗାଡି ଚାଳନା ପାଇଁ ରାସ୍ତା ଦୁର୍ଘଟଣାକୁ ରୋକାଯାଇପାରୁନି।

ଖବରରୁ ଜଣାଯାଇଛି ଅବକାରୀ କାରବାରରୁ ରାଜ୍ୟ ସରକାର ଯେତିକି ଟଙ୍କାର ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରୁଛନ୍ତି ପ୍ରତିବର୍ଷ ତା'ଠାରୁ ଅଧିକ ରାଜସ୍ୱ ଆସୁଛି ରାଜକୋଷକୁ। ଗତ ୫ବର୍ଷର ଅବକାରୀ ରାଜସ୍ୱରୁ ଏହା ଲକ୍ଷ୍ୟ କରାଯାଇଛି। ୨୦୨୨-୨୩ ବର୍ଷରେ ଅବକାରୀ ରାଜସ୍ୱରୁ ୬,୫୦୦ କୋଟି ଟଙ୍କା ପାଇବାକୁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଥିଲେ। ଏ ବର୍ଷ ରାଜକୋଷକୁ ଆସିଥିଲା ୮୯୬୭ କୋଟି ୪୯ ଲକ୍ଷ ଟଙ୍କା। ୨୦୨୩-୨୪ ବର୍ଷାରେ ସରକାର ରାଜସ୍ୱ ଆଦାୟ ଲକ୍ଷ୍ୟକୁ ୭୮୦୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ବର୍ଦ୍ଧିତ ରାଜସ୍ୱ ଆଦାୟ ଧାରା ଜାରି ରହିବା ସହିତ ସେ ବର୍ଷ ଅବକାରୀ ରାଜସ୍ୱ ଆଦାୟ ୧୦ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଯାଇଥିଲା। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ଧାର୍ଯ୍ୟ ଲକ୍ଷ୍ୟକୁ ୮୬୮୦ କୋଟି ଟଙ୍କାକୁ ବଢାଇ ଦେଇଥିବା ବେଳେ ରାଜସ୍ୱ ଆକାରରେ ପାଇଥିଲେ ୧୧ ହଜାର ୪୩୮ କୋଟି ଟଙ୍କା। ରାଜ୍ୟରେ ଏବେ ଅବକାରୀ ରାଜସ୍ୱର ମୁଖ୍ୟ ଆୟ ମଦରୁ ହେଉଥିବା ବେଳେ ପ୍ରତିବର୍ଷ ବିକ୍ରି ବୃଦ୍ଧି ପାଉଥିବାର ଦେଖାଯାଉଛି।

ମଦରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ୩ ନୂଆ ମଦ କାରଖାନା ପ୍ରତିଷ୍ଠାର ଯୋଜନା ରହିଛି, ଫଳରେ ରାଜ୍ୟକୁ ଆଉ ମଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡିବନି। ଏହି ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ।

ମଦପାନ ନକରିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏଥିରେ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ଅନ୍ୟପଟେ ରାଜ୍ୟରେ ପ୍ରତିବର୍ଷ ମଦ ବିକ୍ରିର ନୂଆ ନୂଆ ରେକର୍ଡ ସୃଷ୍ଟି ହେବା ଦୁର୍ଭାଗ୍ୟଜନକ।

ମଦକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଗଲେ ଏହା ବିକାଶର ବାଧକ ହେବ ବୋଲି କୁହାଯାଉଛି। କିନ୍ତୁ ଲୋକଙ୍କ ପାଇଁ ଏବଂ ସମାଜ ପାଇଁ କ୍ଷତିକାରକ ହେବା ସତ୍ତ୍ୱେ ଏହା ଉପରେ ରୋକ ଲଗାଯିବା ଉପରେ କୌଣସି ଯୋଜନା ନଥିବା ଦର୍ଶାଉଛି ଲୋକଙ୍କ ପାଇଁ ସରକାର କେତେ ସଚେତନ। ସଚେତନତା ସୃଷ୍ଟି କରିବା ସତ୍ତ୍ୱେ ମଦବିକ୍ରି କରିବା ସୂଚାଉଛି-ରାଜ୍ୟରେ ମଦ୍ୟପଙ୍କ ସଂଖ୍ୟା ବଢୁଛି ପ୍ରତିବର୍ଷ। ଲୋକେ ମଦ କିଣିନେଇ ତାକୁ ଯେ ନଳାରେ ଢାଳୁଛନ୍ତି ଏକଥା କହିବା ଭୁଲ ହେବ। ତେଣୁ ମଦ୍ୟପାନ ସଚେତନତା ପ୍ରଭାବ ଶୂନ୍ୟ ହୋଇଛି ବୋଲି ଧରିନେବାପଡିବ।

# ଏମାନଙ୍କ କଥା ଭାବେ କିଏ ?

ଭାରତବର୍ଷର ଏକ ବିଶେଷତ୍ୱ ହେଲା- ଏ ଦେଶ ମୁନି, ଋଷି, ସାଧକ, ଦାର୍ଶନିକ ଏବଂ ତତ୍ତ୍ୱଦର୍ଶୀଙ୍କ ଜନ୍ମଭୂମି ଏବଂ କର୍ମଭୂମି ହୋଇଥିଲେ ହେଁ ଏ ଦେଶର ଲୋକେ କିନ୍ତୁ କୌଣସି କଥାର ଗଭିରତା ମାପିବାକୁ ପସନ୍ଦ କରନ୍ତି ନାହିଁ । ସବୁ କଥା ହାଲୁକା ଭାବେ ନିଅନ୍ତି । ଆବହମାନ କାଳରୁ ଏ ଦେଶର ଲୋକଙ୍କର ବସ୍ତୁବାଦରେ ଅଖଣ୍ଡ ବିଶ୍ୱାସ ।

ଏ ଦେଶର ଲୋକେ ଆଜିଯାଏଁ ବସ୍ତୁବାଦ ଏବଂ ବାସ୍ତବତାର ଫରକ୍ ଯେମିତି ବୁଝିପାରି ନାହାନ୍ତି ସେମିତି ଖୁସି ଆଉ ସୁଖୀର ପାର୍ଥକ୍ୟ ବୁଝିବାରେ ବିଫଳ ହୋଇଛନ୍ତି । ଖୁସିପାଇଁ ଏମାନେ ଏତେ ପାଗଳ ଯେଉଁଥିପାଇଁ କୃଷ୍ଣଚୂଡ଼ା ଗଛର ଫୁଲ, ଛାଇକୁ ନେଇ ଅନେକ ଲେଖା ଅଛି । କିନ୍ତୁ ଆମ୍ବ, ପଣସ, ବର, ଓସ୍ତକୁ ଏହି ପର୍ଯ୍ୟାୟକୁ କେହି କେବେ ଆଣିନାହାନ୍ତି । ପଣସ ଗଛର ଛାଇରେ ପ୍ରେମିକା ସହିତ ଗପୁଥିବାର ବର୍ଣ୍ଣନା ସାହିତ୍ୟରେ ବିରଳ !

ଏ ଦେଶର ଲୋକେ ସବୁବେଳେ ଖୁସିହେବାକୁ ଭଲପାଆନ୍ତି । ବାର ମାସରେ ତେର ପର୍ବ । ତେରଶହ ଯାନିଯାତ୍ରା । ଏଥିସହିତ କ୍ରିକେଟ୍ ଆଉ ସିନେମା ! ଏଇସବୁ ଖୁସି ଭିତରେ ଥାଇ ସେମାନେ ସୁଖୀ ହେବାର ସୁଯୋଗ ଚିରକାଳ ହାତଛଡ଼ା କରିଆସିଛନ୍ତି । ଆମ ଲୋକେ ଭାବନ୍ତି, ଲୋକଙ୍କ ମନୋରଂଜନ କରୁଥିବା ଲୋକମାନେ ହିଁ ପ୍ରକୃତରେ ଲୋକନାୟକ । ଅମିତାଭ୍ ବଚ୍ଚନ, ଶାହାରୁଖ୍ ଖାଁ, ସଚ୍ଚିନ୍ ତେନ୍ଦୁଲକର ବା ମହେନ୍ଦର ସିଂ ଧୋନୀ ଅନେକଙ୍କ ପାଇଁ ଭଗବାନ ! ସଚ୍ଚିନ୍ ତେନ୍ଦୁଲକରଙ୍କୁ ଏ ଦେଶର ଲୋକେ 'କ୍ରିକେଟ୍‌ର ଭଗବାନ' ବୋଲି କୁହନ୍ତି ! ହାତରେ ପଟାଖଣ୍ଡେ ଧରି ରଙ୍ଗିନ୍ ବଲ୍‌କୁ ସୀମା ସେପଟକୁ ପଠାଉଥିବା ଲୋକର ପାରଦର୍ଶିତାକୁ ଏ ଦେଶର ଲୋକେ ଏକ ଚମତ୍କାରିତା ବୋଲି ଭାବନ୍ତି । କିନ୍ତୁ ଏମାନେ ସିଆଚିନ୍ ଗ୍ଲାସିୟରରେ ମାଇନସ୍ ୩୦ ଡିଗ୍ରୀ ତାପମାତ୍ରାରେ ବନ୍ଧୁକ ଧରି ସୀମା ସେପଟର ଶତ୍ରୁକୁ ଅଟକାଇଥିବା ସୈନ୍ୟଙ୍କ କଥା କେବେ ଆଲୋଚନା କରନ୍ତି ନାହିଁ । ସେମାନେ ସେଠି ସୀମା ଜଗିଥିବାରୁ ଏମାନେ ଯେ ଏଠି କ୍ରିକେଟ୍ ଭଗବାନଙ୍କର ପୂଜାର୍ଚ୍ଚନା କରିପାରୁଛନ୍ତି ଏ ଧାରଣା ଖୁବ୍ କମ୍ ଲୋକଙ୍କର ଅଛି । ଏ ଦେଶର ଲୋକେ କ୍ରିକେଟ୍ ଖେଳାଳିଙ୍କ ସେଞ୍ଚୁରି ମାଡ଼ କିମ୍ବା ସିନେମା ଷ୍ଟାର୍‌ଙ୍କ କପଡ଼ାଫାଡ଼୍ ଦୃଶ୍ୟର ଭୂରି ଭୂରି ପ୍ରଶଂସା କରନ୍ତି, ରାସ୍ତାଘାଟରେ ଆଲୋଚନା କରନ୍ତି । ଖୁସିର ଖୋରାକ୍ ଯୋଗାଉଥିବା ବ୍ୟକ୍ତିମାନେ ତେଣୁ ଏ ଦେଶରେ ମହାନାୟକ !

> ଜୀବନତମାମ୍ ଗବେଷଣାଗାରରେ ବସି ଜୀବନରକ୍ଷାକାରୀ ଔଷଧ ଉଦ୍ଭାବନ କରିଥିବା କିମ୍ବା ଅଧିକ ଅମଳକ୍ଷମ ଧାନ, ପରିବା, ଫଳର ନମୂନା ସୃଷ୍ଟି କରିଥିବା ବୈଜ୍ଞାନିକଙ୍କୁ ତାଙ୍କର ଏହି କୃତି ପାଇଁ ଏ ଦେଶର ଲୋକେ ସ୍ୱୀକୃତି ଦେଇ ତାଙ୍କ ଫଟୋ ପୂଜା କରୁଥିବାର ନଜିର ଆଖିରେ ପଡ଼େ ନାହିଁ । ଏମାନେ ଜାଣନ୍ତି ନାହିଁ, ଏଇମାନେ ହିଁ ଏ ଦେଶର ଅସଲ ହୀରୋ । ଏମାନଙ୍କ କଥା କିଏ ଭାବେ ? ଏମାନଙ୍କୁ ଭାରତରତ୍ନ ଦେବାପାଇଁ ସାଧାରଣ ଲୋକେ କେବେ ଦାବିକରନ୍ତି ନାହିଁ । ଏମାନେ ସଚ୍ଚିନ୍ ତେନ୍ଦୁଲକର, ଅମିତାଭ୍ ବଚ୍ଚନ, ଧ୍ୟାନଚାନ୍ଦଙ୍କ ପାଇଁ ଚିତ୍କାର କରନ୍ତି, କିନ୍ତୁ ଜୀବନକୁ ସୁଖମୟ କରୁଥିବା ଏହି ସାଧକମାନଙ୍କ ପାଇଁ ପଦୁଟିଏ କେହି ସୁପାରିଶ କରନ୍ତି ନାହିଁ ।

ରୂପେଲି ପରଦାରେ ୭ ମହଲା କୋଠା ଉପରୁ ତଳକୁ ଲମ୍ଫ ପ୍ରଦାନ କରି ନାୟିକାକୁ ନିଆଁରୁ ଉଦ୍ଧାର କରୁଥିବା ନାୟକର ଏହି ସମ୍ପାଦିତ (ଏଡିଟେଡ୍) ଦକ୍ଷତାକୁ ଲୋକେ ଅସାମାନ୍ୟ ବ୍ୟକ୍ତିଗତ ସାମର୍ଥ୍ୟ ବୋଲି ଭାବି ତାଙ୍କର ଫଟୋ ପୂଜା କରନ୍ତି । କିନ୍ତୁ ପ୍ରକୃତ ନିଆଁରେ ପୋଡ଼ି ଯାଉଥିବା ଲୋକକୁ ଉଦ୍ଧାର କରୁଥିବା ଅସଲ ହୀରୋଙ୍କୁ କେହି ମନେ ପକାନ୍ତି ନାହିଁ କିମ୍ବା ଏ ଆଲୋଚନା ରାସ୍ତାଘାଟରେ କରନ୍ତି ନାହିଁ ।

ଜୀବନତମାମ୍ ଗବେଷଣାଗାରରେ ବସି ଜୀବନରକ୍ଷାକାରୀ ଔଷଧ ଉଦ୍ଭାବନ କରିଥିବା କିମ୍ବା ଅଧିକ ଅମଳକ୍ଷମ ଧାନ, ପରିବା, ଫଳର ନମୂନା ସୃଷ୍ଟି କରିଥିବା ବୈଜ୍ଞାନିକଙ୍କୁ ତାଙ୍କର ଏହି କୃତି ପାଇଁ ଏ ଦେଶର ଲୋକେ ସ୍ୱୀକୃତି ଦେଇ ତାଙ୍କ ଫଟୋ ପୂଜା କରୁଥିବାର ନଜିର ଆଖିରେ ପଡ଼େ ନାହିଁ । ଏମାନେ ଜାଣନ୍ତି ନାହିଁ, ଏଇମାନେ ହିଁ ଏ ଦେଶର ଅସଲ ହୀରୋ । ଏମାନଙ୍କ କଥା କିଏ ଭାବେ ? ଏମାନଙ୍କୁ ଭାରତରତ୍ନ ଦେବାପାଇଁ ସାଧାରଣ ଲୋକେ କେବେ ଦାବିକରନ୍ତି ନାହିଁ । ଏମାନେ ସଚ୍ଚିନ୍ ତେନ୍ଦୁଲକର, ଅମିତାଭ୍ ବଚ୍ଚନ, ଧ୍ୟାନଚାନ୍ଦଙ୍କ ପାଇଁ ଚିତ୍କାର କରନ୍ତି, କିନ୍ତୁ ଜୀବନକୁ ସୁଖମୟ କରୁଥିବା ଏହି ସାଧକମାନଙ୍କ ପାଇଁ ପଦୁଟିଏ କେହି ସୁପାରିଶ କରନ୍ତି ନାହିଁ । ମୁଁ ଯଦି କୁହେ- ସଚ୍ଚିନ୍ ତେନ୍ଦୁଲଙ୍କର ଏ ଦେଶ ପାଇଁ ଅବଦାନ କ'ଣ ? ତା'ହେଲେ ଅନେକ ଲୋକ ମୋତେ ପାଗଳ ବୋଲି ଭାବିବେ କିମ୍ବା କହିବେ- ଏଇଟା ନିର୍ବୋଧ ! କିନ୍ତୁ ମୋର ଏ ପ୍ରଶ୍ନର ସଠିକ୍ ଜବାବ୍ କେହି ଦେଇପାରିବେ ନାହିଁ । କାଠପଟାରେ ବଲ୍ ବାଡ଼େଇ ରନ୍ ସଂଗ୍ରହ କଲେ ବିଲରେ ଅଧିକ ଧାନ ଫଳିବ ନାହିଁ । ଏ ୱିକେଟ୍‌ରୁ ସେ ୱିକେଟ୍‌କୁ ଦୌଡ଼ିଲେ ଦେଶରୁ ରୋଗ ଦୂର ହେବ ନାହିଁ, ବାଉଣ୍ଡରି ଲାଇନ୍‌ରେ କ୍ୟାଚ୍ ଧରିଲେ ଲୋକଙ୍କୁ ପେଟପୂରା ଭୋଜନ ମିଳିବ ନାହିଁ । ସଚ୍ଚିନ ତେନ୍ଦୁଲକରଙ୍କ ରେକର୍ଡ ଦେଶରୁ ବେକାରୀ ଦୂର କରିପାରିବ ନାହିଁ କି କୋହଲୀଙ୍କ ଇଲେକ୍ଟ୍ରିଫାଇଙ୍ଗ୍ ବ୍ୟାଟିଂରେ ବିଜୁଳି ସମସ୍ୟା ଦୂର ହେବ ନାହିଁ । ତା'ହେଲେ ଏମାନଙ୍କର ଏତେ ସମ୍ମାନ ଆଉ ପ୍ରତିଷ୍ଠା କ'ଣ ପାଇଁ ?

ଏ ପ୍ରଶ୍ନର ସିଧା ଉତ୍ତର- ଏମାନେ ଲୋକଙ୍କର ମନୋରଂଜନ କରନ୍ତି । ତେଣୁ ଏମାନେ ଏ ଦେଶର ଯୋଗ୍ୟ ସନ୍ତାନ । ଏହାଛଡ଼ା ଆଉ କିଛି ଯୁକ୍ତି ଏହି ପାରଦର୍ଶିତା ସପକ୍ଷରେ ଅଛି କି ? ସିଧାସଳଖ ନାହିଁ ।

ଅନେକେ ଯୁକ୍ତି କରିପାରନ୍ତି- ଏମାନେ ଦେଶର ମର୍ଯ୍ୟାଦା ବଢ଼ାଇଛନ୍ତି । ଦେଶ-ଦେଶ ମଧ୍ୟରେ ସମ୍ପର୍କ ସ୍ଥାପନ କରିଛନ୍ତି । ଏ କଥା ଯଦି ଠିକ୍ ତା'ହେଲେ ସିନେମାର ସୁପ୍ରଭାବ ଆଲୋଚିତ ହୁଏ ନାହିଁ କାହିଁକି ? ଭାରତ ସହ ଅନେକ କ୍ରିକେଟ୍ ମ୍ୟାଚ୍ ଖେଳିଥିବା ପାକିସ୍ତାନ ଅହରହ ସୀମା ସେପଟୁ ସନ୍ତ୍ରାସବାଦୀ ପଠାଉଛି କାହିଁକି? ଏ ଦେଶର ଅନେକ କୋର୍ଟ ରାୟରେ ସିନେମାର କୁପ୍ରଭାବର ଦୃଷ୍ଟାନ୍ତ ଅଛି । ଆଜିଯାଏଁ ବି ସିନେମାର କୁପ୍ରଭାବକୁ ନେଇ ଅନେକ ଆଲୋଚନା । ଏଥିନେଇ ଅନେକ ନିବନ୍ଧ ପ୍ରସ୍ତୁତ ହୋଇଛି । ସିନେମାର ଯଦି ସୁପ୍ରଭାବ ଥାଆନ୍ତା ତା'ହେଲେ ଆମେ ରାମରାଜ୍ୟରେ ଥାଆନ୍ତୁ । କିନ୍ତୁ ଏମାନଙ୍କ ସପକ୍ଷରେ ଯୁକ୍ତି- ଏମାନେ ଆମର ମନୋରଂଜନ କରୁଛନ୍ତି । ଏହା ଯଦି ସତ୍ୟ ତା'ହେଲେ ଶହ ଶହ ଲୋକଙ୍କ ମନୋରଂଜନ କରୁଥିବା ଦେହଜୀବୀ ଏବଂ ଡ୍ୟାନ୍ସବାର୍‌ର ନୃତ୍ୟାଙ୍ଗନାଙ୍କ ପ୍ରତି ଏତେ ଉପେକ୍ଷା କାହିଁକି ? ସେମାନେ ଅନେକ କିଛି ତ୍ୟାଗ କରି ନିଜ ଶରୀରକୁ ତିଳ ତିଳ କରି ନଷ୍ଟ କରି, ନିଜକୁ ଶାରୀରିକ ଓ ମାନସିକ କଷ୍ଟ ଦେଇ ଅନ୍ୟକୁ ଖୁସି କରୁନାହାନ୍ତି ? ମନୋରଂଜନକାରୀ ଯଦି ଭାରତରତ୍ନ ହୋଇପାରିବ ତା'ହେଲେ ଏମାନେ ଉପେକ୍ଷାର ଅଳିଆଗଦାରେ ପଡ଼ିବେ କାହିଁକି ? ଏମାନେ ବି ତ ଲୋକଙ୍କୁ ମନୋରଞ୍ଜନର ଖୋରାକ୍ ଯୋଗାଉଛନ୍ତି ! ଏ ପ୍ରଶ୍ନର ଉତ୍ତର କାହା ପାଖରେ ଥିବ ମୁଁ କହିପାରୁନି, କିନ୍ତୁ ମୋ ପାଖରେ ଯେଉଁ ଉତ୍ତର ଅଛି ତାହା ଏ ଲେଖାର ମୂଳତତ୍ତ୍ୱ । ଖୁସି ଏବଂ ସୁଖୀ ଏକା କଥା ନୁହେଁ । ଖୁସି ହେଉଥିବା ଲୋକ ଯେ ସୁଖୀ ଏ କଥାରେ ଗ୍ୟାରେଣ୍ଟି ନାହିଁ । ତେଣୁ ଆସନ୍ତୁ, ଆମର ସୁଖୀ ଜୀବନ ପାଇଁ ସହାୟତା କରୁଥିବା ଏ ଦେଶର ଯୋଗ୍ୟ ଲୋକଙ୍କ ପ୍ରତି ଆଗ୍ରହ ପ୍ରକାଶ କରିବା । ସେମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରିବା, ସେମାନଙ୍କୁ ହୀରୋର ମାନ୍ୟତା ଦେବା । ନହେଲେ ଖୁସି ପଛରେ ଗୋଡ଼େଇ ସବୁବେଳେ କ୍ରିକେଟ୍ ତାରକା ନଚେତ୍ ସିନେ ତାରକାଙ୍କୁ ରାଜ୍ୟସଭା ସଦସ୍ୟ କରୁଥିବା ନହେଲେ ତାଙ୍କୁ ଭାରତରତ୍ନ ଦେବାପାଇଁ ଗଳାଫଟାଇ ଚିତ୍କାର କରୁଥିବା...

ଶେଷରେ ଏକ ବାସ୍ତବବାଦୀ ଉଦାହରଣ ସହିତ ଏ ଲେଖା ଶେଷ କରିବି । ଆପଣମାନେ ଏ ଭିତରେ କେବେ ନା କେବେ ଭୁବନେଶ୍ୱରରୁ କଟକ ଯାଇଥିବେ । କେହି କେହି ଫୁଲନଖରାପଟେ ଯାଇଥିବେ, ଆଉ କିଏ ତ୍ରିଶୁଳିଆ ଦେଇ ନେତାଜୀ ସୁଭାଷ ବୋଷ ପୋଲ ବାଟେ କଟକ ସହରକୁ ପ୍ରବେଶ କରିଥିବେ ।

ଫୁଲନଖରାବାଟେ ଭୁବନେଶ୍ୱରଆଡୁ କଟକ ସହରର ବିଭିନ୍ନ ସ୍ଥାନକୁ ଯିବାକୁ ହେଲେ କାଠଯୋଡ଼ି ପୋଲ ପାରିହେବାକୁ ପଡ଼େ । ପୂର୍ବେ ଗୋଟିଏ ପୋଲ ଥିଲା । ଏବେ ଆଉ ଦୁଇଟି ପୋଲ ତିଆରି ହୋଇଛି । ଏହି ଦୁଇଟି ପୋଲ କଟକ ସହର ପାଇଁ ଉଦ୍ଦିଷ୍ଟ । ଏଇ ତିନୋଟି ପୋଲ ଦେଇ ଆପଣ ସହର ଭିତରକୁ ଯାଇପାରିବେ । ସହର ଭିତରକୁ ଯିବାପାଇଁ ରାସ୍ତାର ଯେଉଁ ଡିଜାଇନ୍ ତିଆରି ହୋଇଛି ତାହା ଏତେ ବଢ଼ିଆ, ଆପଣଙ୍କୁ ବିଶେଷ ଚିନ୍ତା କରିବାକୁ ପଡ଼ିବ ନାହିଁ । ଏହିସବୁ ସ୍ଥାନମାନଙ୍କରେ ଟ୍ରାଫିକ୍ ପୋଲିସ୍ ବ୍ୟବସ୍ଥା ମଧ୍ୟ ସେତେଟା ନାହିଁ । ଏଡ଼େ ସୁନ୍ଦର ଭାବେ ବିଭିନ୍ନ ଅଞ୍ଚଳକୁ ଯିବା ପାଇଁ ଭିନ୍ନ ଭିନ୍ନ ଧରଣର ରାସ୍ତାର ନକ୍ସା ତିଆରି ହୋଇଛି, ଯେଉଁଥିରେ ଟ୍ରାଫିକ୍ ପୋଲିସ୍‌କୁ ହାତ ଦେଖାଇବାକୁ ପଡୁ ନାହିଁ । ସେମିତି ସହରରୁ ବାହାରିବା ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା ହୋଇଛି ।

କଟକ ସହର ଭୁବନେଶ୍ୱର ଭଳି ପ୍ରଶସ୍ତ ବା ଖୋଲାମେଲା ନୁହେଁ । ଜାମ୍ ବେଶୀ । ତେଣୁ ଲୋକେ କେମିତି ସହଜରେ ଏବଂ ସୁବିଧାରେ ଯାଇପାରିବେ ସେଥିପାଇଁ କୁଆଖାଇ ଏବଂ କାଠଯୋଡ଼ି ପୋଲବାଟେ ସହରକୁ ଯିବାପାଇଁ ଯିଏ ନକ୍ସା ତିଆରି କରିଛନ୍ତି ତାଙ୍କୁ ମୁଁ ଅନେକ ସମୟରେ ଧନ୍ୟବାଦ ଜଣାଏ । ହେଲେ ଦୁଃଖର କଥା, ଯିଏ ଏ ରାସ୍ତାର ଡିଜାଇନ୍ ତିଆରି କରିଛନ୍ତି ସେମାନଙ୍କ ନାଁ ମୁଁ ଜାଣିନି । କେବଳ ମୁଁ କାହିଁକି, କେହି ବି ଏମାନଙ୍କ ନାଁ ଜାଣିନାହାନ୍ତି । କାରଣ ଉଦ୍‌ଘାଟନ ଫଳକରେ ଯିଏ ନକ୍ସା ପ୍ରସ୍ତୁତ କରେ ତା' ନାଁ ନଥାଏ । ଯିଏ ଫିତା କାଟେ ଏବଂ ଚିତା କାଟେ ଅର୍ଥାତ୍ ଶୁଭ କାର୍ଯ୍ୟରେ ମୁଣ୍ଡରେ ଚନ୍ଦନ, ସିନ୍ଦୂର ବୋଳି ନଡ଼ିଆ ବାଡ଼ାଏ ସେଇ ଲୋକଙ୍କ ନାଁ ନାମଫଳକରେ ଥାଏ । ଏହା ହିଁ ଏ ଦେଶର ବିଶେଷତ୍ୱ !

# ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

■ଡା. ସମ୍ରାଟ କର■

ଶୀତ ତ ଦିନକୁ ଦିନ ବଢ଼ିଲାଣି । ସେ ଦିନ କୁହୁଡ଼ି ଭରା ଶୀତୁଆ ସକାଳୁ କ୍ଷିପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି । ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ। ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃଗତ ଦାୟିତ୍ୱରେ ଅଛନ୍ତି । ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି । ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ । କାରଣ ବାସ୍ତବ କଥା ହେଉଛି ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ । ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ । ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ । ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ । ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଳାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ । ସକାଳୁ ନିଦରୁ ଉଠିବାକୁ ଇଚ୍ଛା ହୁଏନାହିଁ । ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ । ଆଗରୁ ଭରପୂର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ। କୌଣସି ନିଷ୍ପି ନେବାରେ ଦ୍ୱିଧା ଲାଗେ। ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଚ୍ଛା ହୁଏ । କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ। ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ ।

ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ। ଏହାଦ୍ୱାରା ଶରୀରରେ ସିରୋଟୋନିନ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ। ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ୍ୟ ଜରୁରୀ । ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ। ସନ୍ତୁଳିତ ଆହାର ମଧ୍ୟ ଉପଶମ ଆଣିବାରେ ସହାୟକ ହୁଏ। ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସମ୍ପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ। ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ। ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ୍ୟ ଏ ଦିଗରେ ଉପାଦେୟ । ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ। ଯଦି ଯାବତୀୟ ପଦ୍ଧତିର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ । ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ। ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ ।

ପୁରୀଘାଟ ରୋଡ଼, କଟକ

## ସବୁରେ ତୋ' ହାତ, ଗୋପନେ ନିହିତ

**ସତ କହିବାକୁ କିଆଁ ଡରିବି**

ଅମ୍ବିକା ପ୍ରସାଦ ଦାସ

ସେଦିନ ଇଣ୍ଡିଗୋ ବିମାନର ପ୍ରଥମ ଧାଡ଼ିରେ ମୋ' ପାଖରେ ବସିଥାନ୍ତି ଜଣେ ସହଯାତ୍ରୀ । ଆସନଟି ତାଙ୍କ ଲାଗି ଉପଯୁକ୍ତ ହେଉନଥିଲେ ହେଁ ବାଧବାଧକତାରେ ବସିଥାନ୍ତି ସେ । ବୋର୍ଡିଂ ସରିଲା, ତାଙ୍କ ପାଖ ସିଟ୍‌ଟି ଫାଙ୍କାଥାଏ। ତାହା ତାଙ୍କ ଲାଗି ଠିକ୍ ହେବ ଭାବି କହିଲି- ଆପଣ ଖାଲିଥିବା ସିଟ୍‌କୁ ଯାଇ ଭଲରେ ବସନ୍ତୁ। ସେ କିନ୍ତୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଆସନରୁ ଖାଲିଥିବା ଆସନକୁ ଯିବା ଲାଗି ଚାହୁଁନଥିଲେ, କାଳେ ତାହା ତାଙ୍କ ଲାଗି ଅନୁଚିତ ଆଚରଣ ହେବ । ପରେ ବିମାନ ପରିଚାରିକା ଆସି ତାଙ୍କ ଲାଗି ଫାଙ୍କା ଆସନରେ ବସିବାର ବ୍ୟବସ୍ଥା କଲେ । ମିଟିଂରେ ପହଞ୍ଚିବା ସମ୍ଭବ ନଥିବାରୁ ସିଧା ବିମାନରୁ ଓହ୍ଲାଇ ଦିଲ୍ଲୀସ୍ଥିତ ତାଙ୍କ ଦପ୍ତରକୁ ଯିବା ଲାଗି ପ୍ରସ୍ତୁତ ହୋଇ ଆସିଥାନ୍ତି ସେ । ଯିବି । କିନ୍ତୁ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ମିଳିଲା ମୋତେ । ସେଠିକାର ଅନୁଭବ ଓ ଅନୁଭୂତି ଥିଲା ନିଆରା । ଚମତ୍କାର । ତାଙ୍କ ମୋବାଇଲ ରିଂ ହେଲା, ସେପଟୁ କଲ୍ କରିଥିବା ବ୍ୟକ୍ତି କହୁଥାନ୍ତି- ଆଜିର ମିଟିଂ ୧୧ଟା ପରିବର୍ତ୍ତେ ସାଢ଼େ ୧୨ଟାରେ

> ବିମାନ ବନ୍ଦରରୁ ମୋତେ ତାଙ୍କ ସାଥିରେ ନେଲେ। କହିଲେ, ଆପଣ ଆପଣଙ୍କ ଗନ୍ତବ୍ୟସ୍ଥଳକୁ ଯିବା ପୂର୍ବରୁ ଆମ ଦପ୍ତରରେ ଥିବା ମୋ' ପ୍ରକୋଷ୍ଠକୁ ଟିକେ ଚାଲନ୍ତୁ । ଦୁଇ ମିନିଟ୍‌ରେ ଫେରିଯିବେ । ତାଙ୍କ ଲାଗି ଉଦ୍ଦିଷ୍ଟ ବିରାଟ ପ୍ରକୋଷ୍ଠର ଉତ୍ତର-ପୂର୍ବ କୋଣରେ ପୂଜା ପାଉଥାନ୍ତି ତ୍ରିମୂର୍ତ୍ତି- ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ। ଲାଗୁଥାଏ ଯେମିତି ସେଇ ପ୍ରକୋଷ୍ଠରେ ମହାପ୍ରଭୁ ତାଙ୍କ ଆଡ଼କୁ ଚାହିଁଛନ୍ତି ଓ କହୁଛନ୍ତି- 'ମୁଁ ଅଛି, ନିର୍ଦ୍ୱନ୍ଦରେ ଚିନ୍ତାମୁକ୍ତ ହୋଇ କାମ କରିଚାଲ ।'

ସେଇ ପ୍ରକୋଷ୍ଠରେ ମହାପ୍ରଭୁ ତାଙ୍କ ଆଡ଼କୁ ଚାହିଁଛନ୍ତି ଓ କହୁଛନ୍ତି- 'ମୁଁ ଅଛି, ନିର୍ଦ୍ୱନ୍ଦରେ ଚିନ୍ତାମୁକ୍ତ ହୋଇ କାମ କରିଚାଲ ।' ସେ କଥା ପ୍ରସଙ୍ଗରେ କହିଲେ- ପୂର୍ବରୁ ଯେଉଁଠି ବି ଯେଉଁ ପଦପଦବୀରେ ଅବସ୍ଥାପିତ ହୋଇଛି ସେଠି ମହାପ୍ରଭୁଙ୍କ ଏହି ବିଗ୍ରହଙ୍କୁ ରଖି ପୂଜାର୍ଚ୍ଚନା ସହ ସକଳ କର୍ମକୁ ତାଙ୍କ ପାଖରେ ସମର୍ପଣ କରିଛି । ତେଣୁ କେବେବି କିଛି ଅସୁବିଧା ହୋଇନି ମୋର । ତାଙ୍କଠାରୁ ବିଦାୟ ନେଇ ଫେରିଲା ବେଳେ ଭାବୁଥାଏ- ସତରେ ଚମତ୍କାରୀ ହିଁ ସବୁବେଳେ କରନ୍ତି ଏମିତି ଚମତ୍କାର !! କେବଳ

ମହାଶୟ,

ନିବନ୍ଧଟି ପଢ଼ିଲି ବହୁତ ଭଲ ଲାଗିଲା । ପ୍ରକୃତରେ ନିବନ୍ଧଟି ହୃଦୟସ୍ପର୍ଶୀ ଏବଂ ପ୍ରଭୁ ଜଗନ୍ନାଥଙ୍କ ଲୀଳା ମୋ ଆଖିରେ ଲୁହ ଆଣିଦେଲା ।

**ଦାଶରଥି ଶତପଥୀ,**
ପୂର୍ବତନ ସଚିବ,ଓଡ଼ିଶା ବିଧାନସଭା

ମହାଶୟ,

କରି କରାଉ ଥାଏ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ । ଅତି ସୁନ୍ଦର । ଧନ୍ୟବାଦ ।

**ନୀଳ ମୋହନ ତ୍ରିପାଠୀ,**
ଅବସରପ୍ରାପ୍ତ ପୋଲିସ ଅଧିକାରୀ, ଭୁବନେଶ୍ୱର

ମହାଶୟ,

ସୁନ୍ଦର ଉପସ୍ଥାପନା । ଫଳ ଭର୍ତ୍ତି ହୋଇଥିବା ଗଛଟି ସବୁବେଳେ ନଇଁ କରି ରହିବା ପରି ଈଶ୍ୱର ସମର୍ପିତ ବ୍ୟକ୍ତିଙ୍କୁ କେବେହେଲେ ଅହଙ୍କାର ସ୍ପର୍ଶ କରିପାରେ ନାହିଁ । ସବୁ ତ ସିଏ କରୁଛି, ମୁଁ କେବଳ ନିମିତ୍ତ ମାତ୍ର ବୋଲି ଭାବି ସେମାନେ ତାଙ୍କ ଚତୁଃପାର୍ଶ୍ୱରେ ଥିବା ନକାରାତ୍ମକ ବାତାବରଣକୁ ସକାରାତ୍ମକ ବାତାବରଣ ପରିବର୍ତ୍ତନ କରିବାର ସାମର୍ଥ୍ୟ ରଖିଥାନ୍ତି । ଈଶ୍ୱରଙ୍କ ଆଶୀର୍ବାଦର ହାତ ନିଜ ମଥାରେ ଅନୁଭବ କରି ପାରୁଥିବା ବ୍ୟକ୍ତିଙ୍କ ପାଇଁ ସବୁ କ୍ଷତି ଲାଭରେ, ସବୁ ଦୁଃଖ ସୁଖରେ ଓ ସବୁ ଅସମ୍ଭବ ସମ୍ଭବରେ ପରିଣତ ହୋଇଯାଏ ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

# ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମ: ମୋ ବହିରେ ପ୍ରଥମ



**ଡିଙ୍କି ମହାକାଳି ଚକୁଳି**

ସମରେନ୍ଦ୍ର ବଳିଆରସିଂହ

ପ୍ରଥମ ପ୍ରେମ ଭଳି ପ୍ରଥମ ବହି । A First book has some of the sweetness of a First love.

ବ୍ରିଟିଶ୍ ଲେଖକ ରବର୍ଟ ଆରିସ୍ ଉଇଲମର୍ଟଙ୍କର ଏହି ମତ ସହ ଆପଣ ବୋଧେ ଏକମତ ହେବେ । ପ୍ରଥମ ପ୍ରେମ ଭଳି ପ୍ରଥମ ବହ । ଭାରି ଉତ୍ସାହ, ଭାରି ପୁଲକ ସେଥିରେ । ସବୁ ପ୍ରଥମର ଭାରି ମହତ୍ତ୍ୱ ଥାଏ, ସେଇଭଳି ପ୍ରଥମ ବହି । ପିଲାଟି ଦିନରୁ ଜଣେ ସୃଜନ-ମନସ୍କ ମଣିଷ ପାଇଁ ବହି ତ ସମ୍ପତ୍ତି ଭଳି । ବହିଟେ ଛାପିବା ହେଉଚି ଗୋଟେ ଲେଖକର ବଡ଼ ଲକ୍ଷ୍ୟ । କାରଣ ବହି ମାଧ୍ୟମରେ ସେ ପହଞ୍ଚିପାରିବ ବୃହତ୍ତର ପାଠକ ସମାଜ ପାଖରେ ।

ମୋର ପ୍ରଥମ ବହି ଥିଲା 'ବିପ୍ଳବୀ ବୀର ରଘୁ ଦିବାକର'।

ତତ୍କାଳୀନ ବିହାର(ସଂପ୍ରତି ଝାଡ଼ଖଣ୍ଡ) ରାଜ୍ୟର ଭାଗଲପୁର ଜେଲ। ୧୯୪୧ ମସିହା ଅପ୍ରେଲ ମାସ ୪ ତାରିଖ ସିନ୍ଦୂରା ଫାଟିବା ଆଗରୁ ଫାଶୀ ଖଣ୍ଟରେ ଝୁଲିଥିଲେ ଦୁଇ ଜଣ ଶିକ୍ଷିତ, ସଚେତନ ଓଡ଼ିଆ ଯୁବକ । ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, କୁଚକ୍ରୀ ବିଟିଶ୍ ଶାସନ ଓ ରାଜ ଶାସନର ଅନ୍ୟାୟ ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା । ପରାଧୀନ ଭାରତବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ସେଇ ଓଡ଼ିଆ ତରୁଣ ଦ୍ୱୟ ଥିଲେ ନୟାଗଡ଼ ଜିଲା ରଣପୁର ଥାନା ଗଡ଼ବାଣୀକିଲୋ ଗ୍ରାମର ଦିବାକର ପରିଡ଼ା ଓ ବାଦଭୂଇଁ ଗ୍ରାମର ରଘୁନାଥ ମହାନ୍ତି । ଏହି ଦୁଇ ସାଙ୍ଗ, ଦୁଇ ଶହୀଦଙ୍କୁ ସାରା ରାଜ୍ୟରେ ଲୋକେ ଶହୀଦ ରଘୁ-ଦିବାକର ବୋଲି ଜାଣନ୍ତି । ସେମାନଙ୍କ ସଂକଳ୍ପ ଥିଲା ଦେଶ ଓ ଜାତିର ମୁକ୍ତି ସଂକଳ୍ପ ।

ପ୍ରିୟ ପାଠକବନ୍ଧୁ, ପରାଧୀନ ଭାରତର ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମର କରୁଣ କାହାଣୀକୁ ମୋ ପ୍ରଥମ ବହିରେ ସାମ୍ନାକୁ ଆଣିବାର ପ୍ରୟାସ କରିଥିଲା ଏ ଅଧମ ଲେଖକ। ରଣପୁର ପ୍ରଜାଆନ୍ଦୋଳନର କର୍ଣ୍ଣଧାର ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବଳିଦାନର ଗାଥାରେ ପରିପୁଷ୍ଟ ଥିଲା ମୋ ବହି 'ବିପ୍ଳବୀ ବୀର ରଘୁ ଦିବାକର' । ଗଡ଼ଜାତ ଶାସନ, ବ୍ରିଟିଶ୍ ଶାସନ, ପ୍ରଜାମାନଙ୍କୁ ମେଜର ବେଜେଲଗେଟ୍‌ଙ୍କ ଅକଥନୀୟ ନିର୍ଯାତନା, ରକ୍ତପଟା ଜାଗିର, ଟଂଟିଆକଟା, ବେଠି, ଭେଟି, ପାରିଧି, ଅନ୍ଧାରି ଶାସନର ଭିତିରି କଥା, ପ୍ରଜାମଣ୍ଡଳ ଆନ୍ଦୋଳନ, ବେଜେଲଗେଟ୍‌ଙ୍କ ହତ୍ୟା ଆଦି ସନ୍ନିବେଶିତ ହୋଇଥିଲା ଏଥିରେ । ପିଲାଟି ଦିନରୁ ଯାହାଙ୍କ ବାବଦରେ ଶୁଣିଆସିଥିଲି, ତାଙ୍କରି ବାବଦରେ ବହିଟେ ଲେଖିବା ମୋ ପାଇଁ ସୌଭାଗ୍ୟର ବିଷୟ ଥିଲା । କାରଣ ବେଜେଲଗେଟ୍ ହତ୍ୟା ମାମଲାରେ ଶହୀଦ ହୋଇଥିବା ସଂଗ୍ରାମୀ ଦିବାକର ପରିଡ଼ା ଥିଲେ ଆମ ଗାଁର । ତାଙ୍କ ଘର ଓ ଆମ ଘର ଭିତରେ ଥିଲା ପାରିବାରିକ ସମ୍ପର୍କ। ତାଂକ ଜେଜି ମା' ଥିଲେ ମୋ ଅଣଜେଜେଙ୍କ ପିଉସୀ। ଅର୍ଥାତ୍ ସମ୍ପର୍କରେ ସେ ମୋର ଜେଜେ । ଯଦିଓ ତାଙ୍କୁ ମୁଁ ସ୍ୱଚକ୍ଷୁରେ ଦେଖିନି, କିନ୍ତୁ ହେତୁ ହେବା ଦିନୁଁ ତାଙ୍କ କଥା ଶୁଣିଆସିଛି ।

ସେଇ କ୍ରମରେ ପୂର୍ବପୁରୁଷଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଥିଲା ଏଇ ବହି 'ବିପ୍ଳବୀ ବୀର ରଘୁ ଦିବାକର' । ଆମ ଗାଁ ଗଡ଼ବାଣୀକିଲୋ ଥିଲା ରଣପୁର ପ୍ରଜାଆନ୍ଦୋଳନର ଅନ୍ୟତମ କେନ୍ଦ୍ରସ୍ଥଳୀ । ସଂଗ୍ରାମୀ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି ଆମ ଗାଁରେ ବସି ଆନ୍ଦୋଳନର ମନ୍ତ୍ରଣା କରୁଥିଲେ। ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମର ସେଇ ତୀର୍ଥକ୍ଷେତ୍ରରେ ମୋର ପିଲାଦିନ କଟିଥିଲା। ରଣପୁର ଗଡ଼ଜାତର ୨୦ଟି ଗାଁକୁ ନେଇ ଆମ ଗାଁ ଗଡ଼ବାଣୀକିଲୋ ଥିଲା ଗୋଟେ ପ୍ରଗଣା ବା ଜିଲ୍ଲା । ହିନ୍ଦୁ-ମୁସଲିମ୍ ସଂପ୍ରୀତିର ଏଇ ପୀଠସ୍ଥଳୀ ଥିଲା ଅନେକ ସଂଗ୍ରାମୀଙ୍କ ଜନ୍ମସ୍ଥଳୀ। ମୋ ଅଣଜେଜେ ଚିନ୍ତାମଣି ପରିଡ଼ା, ଜେଜେ ବିଶ୍ୱନାଥ ପରିଡ଼ା ଓ ବାପାଙ୍କ ଠାରୁ ମୁଁ ଶୁଣିଆସିଥିଲି ଆମ ଗାଁ ତଥା ରଣପୁର ଅଞ୍ଚଳର ସଂଗ୍ରାମ, ବଳିଦାନ ଓ ତ୍ୟାଗର କଥା । ଜେଜେ ବି ସାମିଲ ହୋଇଥିଲେ ସ୍ୱାଧୀନତା ସଂଗ୍ରାମରେ। ଭାଇ ଦିବାକରଙ୍କ ସାଙ୍ଗରେ ବୁଲିଥିଲେ ଗାଁକୁ ଗାଁ। ବାନରସେନାରେ ସାମିଲ ହୋଇ ସଂଗ୍ରାମ ପାଇଁ ମୁଠି ଚାଉଳ ସଂଗ୍ରହ କରିଥିଲେ। ଅତଏବ ଏସବୁକୁ ମୁଁ ରୂପ ଦେଇଥିଲି ମୋ ପ୍ରଥମ ବହିରେ। ସଂଯୋଗକ୍ରମେ ବାପାଙ୍କ ପ୍ରଥମ ବହି ମଧ୍ୟ ରଘୁ-ଦିବାକରଙ୍କ ଉପରେ ଅଧାରିତ ଥିଲା, ଯାହାର ନାମ ଥିଲା 'ଶହୀଦ ରଘୁ ଦିବାକର' । ମୁଁ ବି ବାପାଙ୍କ ପଦାଙ୍କ ଅନୁସରଣ କଲି ।

କହିବାକୁ ଗଲେ, ମୋ ବାପା ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପ୍ରାଣବନ୍ତ ପ୍ରେରଣାରେ ଏ ବହିଟି ଲୋକଲୋଚନକୁ ଆସିଥିଲା। ବୋଉ ଶୈଳବାଳା ଦେବୀ ବହିଟିର ପ୍ରୁଫ୍ ସଂଶୋଧନ କରିଥଲେ। ମୋ ବହିର ପ୍ରଚ୍ଛଦ ଓ ଭିତରେ ଥିବା ଛବିଗୁଡ଼ିକ ଖ୍ୟାତନାମା ଚିତଶିଳ୍ପୀ ବଳଦେବ ମହାରଥା ଆଙ୍କିଥିଲେ । ୨୦୦୧ ମସିହାରେ ଏହି ବହିର ପ୍ରଥମ ସଂସ୍କରଣ ଓ ୨୦୦୫ ମସିହାରେ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା । ପ୍ରଥମ ସଂସ୍କରଣଟିର ପ୍ରକାଶକ ଥିଲେ ମୋ ବାପା। ଦ୍ୱିତୀୟ ସଂସ୍କରଣର ଦାୟିତ୍ୱ ନେଇଥିଲେ ଅଧ୍ୟାପିକା ଅନୁପମା ଚମ୍ପତିରାୟ। ମଧୁସ୍ମିତା ପ୍ରକାଶନୀ ତରଫରୁ ଏହା ଛପାଯାଇଥିଲା । ସମୁଦାୟ ୩୬ ପୃଷ୍ଠାର ଏହି ବହିର ମୂଲ୍ୟ ଥିଲା ମାତ୍ର କୋଡ଼ିଏ ଟଙ୍କା । ନବସାକ୍ଷରମାନଙ୍କ ପାଇଁ ସରଳ ଭାଷାରେ ଏହା ଲେଖାହୋଇଥିବା ହେତୁ ବେଶ୍ ଆଦୃତି ପାଇଥିଲା। ପ୍ରଥମ ସଂସ୍କରଣଟି ରାଜା ରାମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ ଦ୍ୱାରା ମନୋନୀତ ହୋଇ ବିଭିନ୍ନ ପାଠାଗାରକୁ ଯୋଗାଣ ହୋଇଥିଲାବେଳେ ଦ୍ୱିତୀୟ ସଂସ୍କରଣଟି ଖୋର୍ଦ୍ଧା ଜିଲା ସାକ୍ଷରତା ମିଶନ ଦ୍ୱାରା ମନୋନୀତ ହୋଇ ହଜାର ହଜାର ସଂଖ୍ୟାରେ ବିଭିନ୍ନ ବିଦ୍ୟାଳୟକୁ ଯୋଗାଣ ହୋଇଥିଲା। ଏହା ମୋ ପାଇଁ ବେଶ୍ ଗର୍ବ ଓ ଗୌରବର ବିଷୟ ଥିଲା । ପ୍ରଥମ ବହିର ପୁଲକ ଏବେବି ମନରେ ତାଜା ହୋଇ ରହିଚି । ୨୦୦୧ ଅଗଷ୍ଟ ୧୫ ତାରିଖରେ ବିପ୍ଳବୀ ବୀର ରଘୁ ଦିବାକର ବହି ପ୍ରକାଶିତ ହୋଇଥିଲା। ସେହି ପରିପ୍ରେକ୍ଷୀରେ ବହିର ଉଦ୍ଦେଶ୍ୟ (ମୁଖବନ୍ଧ) ବାବଦରେ ମୁଁ ଲେଖିଥିଲି, ଅଧିକାଂଶ ନବସାକ୍ଷର ସାବାଳକ। ସେମାନେ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାର ବୟସ । ଏ ବୟସରେ ସାଧାରଣତଃ ଯୁବକମାନେ ଅନିସନ୍ଧିତ୍ସୁ ଓ ଜିଜ୍ଞାସୁ । ମାତ୍ର ଆଜି ଅଧିକାଂଶ ନବସାକ୍ଷର ଜାଣନ୍ତିନାହିଁ ମଙ୍ଗଳ ପାଣ୍ଡେ, ଲକ୍ଷ୍ମଣ ନାୟକ କିଏ? କାହିଁକି ସେମାନେ ଶହୀଦ ହୋଇଥିଲେ? ଜାଣନ୍ତି ନାହିଁ କାହିଁକି ସ୍ୱାଧୀନତା ଦିବସ ପାଳିତ ହେଉଛି? କେବଳ ପିଲାମାନେ କ'ଣ, ବଡ଼ମାନେ ମଧ୍ୟ ସ୍ୱାଧୀନତାର ମୂଲ୍ୟ ବୁଝନ୍ତିନାହିଁ । ଅନେକଙ୍କ ପାଇଁ ସ୍ୱାଧୀନତା ଦିବସ ହେଉଛି ମଉଜ କରିବାର, ଛୁଟି କାଟିବାର ଦିନ। 'ଯେ ଯାହାର କାମ ନେଇ ବ୍ୟସ୍ତ । ଦେଶ ଫେଶ କଥା ଚିନ୍ତା କଲେ କ'ଣ ମିଳିବ?'-ଏହା ଅଧିକାଂଶ ଲୋକଙ୍କର ମତ । ପୃଥିବୀର ଅନ୍ୟାନ୍ୟ ଦେଶବାସୀଙ୍କ ଅପେକ୍ଷା ଆମ ଦେଶବାସୀଙ୍କର ଦେଶପ୍ରେମ କମିକମି ଯାଉଥିବା ଭଳି ମନେ ହେଉନାହିଁ କି? ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ରଣପୁର ଆନ୍ଦୋଳନ ଏକ ବଡ଼ ଘଟଣା । ଏହି ମାଟିର ସୁଯୋଗ୍ୟ ସନ୍ତାନ ରଘୁ-ଦିବାକର ଇଂରେଜ ସରକାର ବିରୋଧରେ ଲଢି ଶହୀଦ ହୋଇଥିଲେ। ଗଡ଼ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଫାଶୀବରଣ କରିବାରେ ସେମାନେ ହେଲେ ପ୍ରଥମ ଶହୀଦ । ସେମାନଙ୍କର ତ୍ୟାଗ, ବଳିଦାନ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମକୁ ଇନ୍ଧନ ଯୋଗାଇଥିଲା । 'ବିପ୍ଳବୀ ବୀର ରଘୁ ଦିବାକର' ପୁସ୍ତକଟିରେ ଏସବୁ ସହଜ କଥା ସହଜ ସାବଲୀଳ ଭାଷାରେ ବର୍ଣ୍ଣନା କରାଯାଇଛି । ସେହି ବିପ୍ଳବୀ ଶହୀଦମାନଙ୍କର ନୀତି, ଆଦର୍ଶକୁ ଆମେ ଆପଣେଇନେଲେ ଆମ ଦେଶ ପୃଥିବୀର ଶ୍ରେଷ୍ଠ ଦେଶରେ ପରିଣତ ହେବ ଓ ପୁନଃ 'ବିଶ୍ୱଗୁରୁ' ବୋଲାଇବ, ଏଥିରେ ସନ୍ଦେହ ନାହିଁ । ରଘୁ ଦିବାକର ଅମର ରହେ ।

ଏହି ବହିକୁ ମୁଁ ଉତ୍ସର୍ଗ କରିଥିଲି ମୋର ଅଜା ବିଶିଷ୍ଟ ଶିକ୍ଷାବିତ୍ ବୃନ୍ଦାବନ ଚନ୍ଦ୍ର ଚୌଧୁରୀ ଓ ଖ୍ୟାତନାମା ଶିଶୁ ସାହିତ୍ୟିକ ତଥା 'ସଂସାର'ର ପ୍ରତିଷ୍ଠାତା ସମ୍ପାଦକ ରାମକୃଷ୍ଣ ନନ୍ଦଙ୍କୁ । ଉଭୟ ଥିଲେ ମୋ ସାହିତ୍ୟିକ ଜୀବନର ଅନ୍ୟତମ ପ୍ରେରଣାଦାତା । ବହି ପ୍ରକାଶନ ପରେ ପାଠକମାନଙ୍କ ଉତ୍ସାହପୂର୍ଣ୍ଣ ଚିଠି ଏବେ ବି ସାଇତି ରଖିଚି । ସେସବୁ ମୋ ପାଇଁ ଅମୂଲ୍ୟ ସମ୍ପଦ ।


*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*

# ନିଦ୍ରାହୀନତାରୁ ହୃଦ୍‌ଘାତ ଆଶଙ୍କା!!

ନିଦ୍ରାହୀନତାର ଶିକାର ଲୋକଙ୍କ ଠାରେ ହୃଦ୍‌ଘାତ ଆଶଙ୍କା ବୃଦ୍ଧି ପାଇଥାଏ ବୋଲି ଏକ ନୂତନ ଅଧ୍ୟୟନରେ ସତର୍କ କରିଦିଆଯାଇଛି । ଏ ସମ୍ପର୍କରେ ଚାଇନା ମେଡିକାଲ ୟୁନିଭର୍ସିଟିର ଗବେଷକ କ୍ୱିଓ କହନ୍ତି 'ଶରୀର ପାଇଁ ନିଦ୍ରା ହେଉଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆମ ଜୀବନକାଳର ଏକ-ତୃତୀୟାଂଶ ସମୟ କେବଳ ଶୋଇବାରେ ହିଁ ବିତିଯାଏ । କିନ୍ତୁ ଆଧୁନିକ ସମାଜରେ ଅଧିକରୁ ଅଧିକ ଲୋକ ନିଦ୍ରାହୀନତାର ଶିକାର ହେଉଥିବା ଅଭିଯୋଗ କରନ୍ତି । ନିଦ୍ରାହୀନତା ସହ ହୃଦ୍‌ରୋଗ ବା ହୃଦ୍‌ଘାତ ଭଳି ସମସ୍ୟା ଜଡ଼ିତ । ଯେଉଁମାନେ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି ସେମାନଙ୍କୁ ଶେଯରେ ଗଡ଼ିପଡ଼ିଲେ ମଧ୍ୟ ନିଦ ନ ଲାଗିବା, ଉଠି ପଡ଼ିବା ଆଦି ଲକ୍ଷଣମାନ ପ୍ରକାଶ ପାଇଥାଏ । ଗବେଷକମାନଙ୍କ ବିଶ୍ଳେଷଣରୁ ଜାଣିବାକୁ ମିଳିଲା ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ପର୍ଯ୍ୟନ୍ତ ନିଦ ଜାରି ନରହିବା ଏବଂ ଖୁବ୍‌ଶୀଘ୍ର ନିଦ ଭାଙ୍ଗିଯିବା ଆଦି କାରଣ ପାଇଁ ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଇଥାଏ । ବଡ଼ି ଭୋରରୁ ଉଠିବା ସହିତ ଶରୀରରେ ପ୍ରତିକୂଳ ପ୍ରଭାବର କୌଣସି ସମ୍ପର୍କ ନାହିଁ । ତେବେ ଗବେଷକମାନେ ଦେଖିବାକୁ ପାଇଲେ ଯେ, ବିଳମ୍ବରେ ନିଦ ଲାଗିବା, ଅଧିକ ସମୟ ନିଦ ଲାଗି ନରହିବା ଏବଂ ହଠାତ୍ ନିଦରୁ ଉଠିପଡ଼ିବା ଆଦି ଲକ୍ଷଣ ଯୋଗୁ ହୃଦ୍‌ରୋଗ ଆଶଙ୍କା ଯଥାକ୍ରମେ ୨୭,୧୧ ଓ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ । ତେବେ ନିଦ୍ରାହୀନତାର ଶିକାର ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ଠାରେ ହୃଦ୍‌ରୋଗ ଓ ହୃଦ୍‌ଘାତ ଆଶଙ୍କା ଅଧିକ ବୋଲି ଗବେଷକମାନେ କହିଛନ୍ତି ।








ମନୁଷ୍ୟ ଶରୀର ପାଇଁ ନିଦ୍ରାର ଆବଶ୍ୟକତା ଯଥେଷ୍ଟ ପରିମାଣରେ ରହିଛି । ଖାଦ୍ୟ, ଜଳ ଓ ବାୟୁ ଭଳି ନିଦ୍ରା ମଧ୍ୟ ସୁସ୍ଥ ଶରୀର ପାଇଁ ଆବଶ୍ୟକ । ଉପଯୁକ୍ତ ଖାଦ୍ୟ ବିନା ଶରୀର ଯେପରି ଦୁର୍ବଳ ହୋଇଯାଏ, ଠିକ୍ ସେହିପରି ଆବଶ୍ୟକ ପରିମାଣରେ ନିଦ୍ରା ନହେଲେ ମନୁଷ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ହୋଇଯାଏ । ସେ ତା'ର ଦୈନନ୍ଦିନ କାର୍ଯ୍ୟ କରିବାକୁ ଅକ୍ଷମ ହୋଇଯାଏ ଓ ପରିଶେଷରେ ନିଜ ପରିବାର ତଥା ସମାଜ ପାଇଁ ତାର କର୍ତ୍ତବ୍ୟ କରି ନପାରି ନିଜକୁ ଅଲୋଡ଼ା ବୋଲି ଭାବିଥାଏ । ଏହି ପରିପ୍ରେକ୍ଷୀରେ ନିଦ କିପରି ହୁଏ ତାହା ସର୍ବପ୍ରଥମେ ଆମର ଜାଣିବା ଉଚିତ ।

ଆମ ଶରୀରରେ ଯେଉଁସବୁ କାର୍ଯ୍ୟ ହୁଏ ତାହା ମସ୍ତିଷ୍କ ଦ୍ୱାରା ପରିଚାଳିତ ହୁଏ । ମସ୍ତିଷ୍କକୁ ଶରୀରକୁ ଆସୁଥିବା ସ୍ନାୟୁ ଦ୍ୱାରା ଖବର ଯାଏ ଓ ମସ୍ତିଷ୍କରୁ ଆସୁଥିବା ସ୍ନାୟୁ ଦ୍ୱାରା ଶରୀରର ବିଭିନ୍ନ ଅଂଶକୁ ଖବର ଯାଏ । ତେଣୁ ପ୍ରତ୍ୟେକ କାର୍ଯ୍ୟର ନିୟନ୍ତ୍ରକ ହେଲା ଆମର ମସ୍ତିଷ୍କ । ଏହି କାର୍ଯ୍ୟ ସମ୍ପାଦନ, ଅନୁଶୀଳନ ଓ ପ୍ରେରଣ କରିବା ଦ୍ୱାରା ମସ୍ତିଷ୍କର କୋଷଗୁଡ଼ିକ ଅବଶ ହୋଇଯାଆନ୍ତି ଓ ବିଶ୍ରାମ ଦରକାର କରନ୍ତି । ମସ୍ତିଷ୍କର ଏହି ସାମୟିକ ବିଶ୍ରାମ ହେଉଛି ନିଦ୍ରା । ନିଦ୍ରାକୁ ମୁଖ୍ୟତଃ ଦୁଇଟି ପର୍ଯ୍ୟାୟରେ ବିଶ୍ଳେଷଣ କରାଯାଇପାରେ ।

**ବୟସ୍କ ଓ ବୃଦ୍ଧ** : ବୟସ୍କ ଓ ବୃଦ୍ଧ ବ୍ୟକ୍ତିଙ୍କର ନିଦ ପତଳା ହୋଇଥାଏ । ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ଦିନକୁ ୫/୬ ଘଣ୍ଟା ଶୋଇବା ଉଚିତ । ଶୋଇବା ଘରେ ବାୟୁ ଚଳାଚଳର ଅଭାବ, ଖାଦ୍ୟପେୟର ଅସୁବିଧା ବା ମାନସିକ ଚିନ୍ତା ଯୋଗୁଁ ବୟସ୍କ ଲୋକମାନଙ୍କର ଉତ୍ତମ ନିଦ୍ରା ହୋଇନଥାଏ । ନିଦ କମିଗଲେ ସେମାନଙ୍କର ହୃଦ୍‌ରୋଗ, ମୂତ୍ରାଶୟ ରୋଗ ଓ ଫୁସ୍‌ଫୁସ୍ ରୋଗ ଆରମ୍ଭ ହୋଇଥାଏ । ତେଣୁ ନିଦ କମିଗଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କେତେକ ବ୍ୟକ୍ତି ନିଶା ବଟିକା ବା ମଦ ବ୍ୟବହାର କରି ନିଦ୍ରା ଯାଆନ୍ତି । ଏହା ଅଭ୍ୟାସରେ ପଡ଼ିଗଲେ ବିନା ନିଶାରେ ସେମାନଙ୍କର ନିଦ ହୁଏନାହିଁ । ଏହି ନିଶାଗୁଡ଼ିକ ମନୁଷ୍ୟର ଧୀଶକ୍ତି, ସ୍ମରଣଶକ୍ତି ଓ ଶରୀରର ଭାରସାମ୍ୟ ଶକ୍ତି ଉପରେ ଯଥେଷ୍ଟ କୁପ୍ରଭାବ ପକାଏ, ତେଣୁ ଏହାର ନିରାକରଣ ଆବଶ୍ୟକ ।



**ଛାତ୍ରଛାତ୍ରୀ** : ଛାତ୍ରଛାତ୍ରୀମାନେ ଏକାଗ୍ର ଭାବରେ ବେଶିଦିନ ରାତ୍ରି ଅନିଦ୍ରା ହେବା ଅନୁଚିତ । ଏହାଦ୍ୱାରା ମସ୍ତିଷ୍କ ଉପରେ କୁପ୍ରଭାବ ପଡ଼ିଥାଏ ।

**ଗାଡ଼ି ଚାଳକ** : ସେହିପରି ଗାଡ଼ି ଚଳାଉଥିବା ବ୍ୟକ୍ତି ୫/୬ ଘଣ୍ଟା ଧରି ଏକାଗ୍ର ଭାବରେ ଗାଡ଼ି ଚଳାଇ ମଝିରେ ମଝିରେ ବିଶ୍ରାମ ନେଇ ଗାଡ଼ି ଚଳାଇବା ଉଚିତ । ନିଦ୍ରାହୀନତାର କାରଣ ନିଦ୍ରା ସହିତ ବିଭିନ୍ନ ସ୍ନାୟବିକ ଜୀବର ରାସାୟନିକ ଓ ମାନସିକ ପ୍ରକ୍ରିୟା ସଂଶ୍ଳିଷ୍ଟ ଥିବାରୁ ବହୁବିଧ କାରଣ ପର୍ଯ୍ୟାଲୋଚନା କରିବା ଦରକାର ।

### ନିଦ ନ ହେବା କାରଣ

**ଅତ୍ୟଧିକ ଉତ୍କଣ୍ଠା** : କୌଣସି ବିଷୟରେ ଜାଣିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ଅପେକ୍ଷା କରିବା ବା କେହି ଜଣେ ଆତ୍ମୀୟ ଆସିବା ପାଇଁ ଅତ୍ୟଧିକ ଉତ୍କଣ୍ଠା ସହିତ ପ୍ରତୀକ୍ଷା କରିବା ।

**ବିଷାଦ ରୋଗ** : କୌଣସି କାରଣରୁ ଅତ୍ୟଧିକ ମାନସିକ ବିଷାଦ ହେଲେ ।

**ଉନ୍ମାଦ ରୋଗ** : ଉନ୍ମାଦ ବା ମାନସିକ ରୋଗ ଆରମ୍ଭ ହେଲେ ।

**ସିଜୋଫ୍ରେନିଆ** : ଏହି ସିଜୋଫ୍ରେନିଆ ରୋଗ ହେଲେ ।

**ଅତ୍ୟଧିକ ଯନ୍ତ୍ରଣା ହେତୁ** : କୌଣସି ଶାରୀରିକ ରୋଗ ହେତୁ ଶରୀରରେ ଅତ୍ୟଧିକ ଯନ୍ତ୍ରଣା ହେଲେ। ଲଟାକାଶ, ଯକ୍ଷ୍ମା, ଶ୍ୱାସ ପ୍ରଭୃତି ହେଲେ ନିଦ୍ରାରେ ବ୍ୟାଘାତ ଘଟେ। ସ୍ନାୟବିକ ରୋଗ ଯଥା ମାଇଗ୍ରେନ ହେଲେ ।

**ପରିସ୍ଥିତିଜନିତ** : ଯୁଦ୍ଧର ଭୟାବହତା, ବନ୍ୟା ଓ ବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସମୟରେ, ନିଜର ଆତ୍ମୀୟ କେହି ଡାକ୍ତରଖାନାରେ ଥିଲେ ବା ରୋଗଗ୍ରସ୍ତ ଥିଲେ, ରାତ୍ରି ଡ୍ୟୁଟି, ବିବାହ ଆଦି ସାମାଜିକ ଉତ୍ସବ ସମୟରେ । ଦୈନନ୍ଦିନ ଜୀବନ ପ୍ରଣାଳୀରେ ପରିବର୍ତ୍ତନ ଯଥା ବିଦେଶରୁ ପ୍ରତ୍ୟାବର୍ତ୍ତନ କଲେ ।

**ନିଶାସକ୍ତି** : ନିଶାସକ୍ତି ବ୍ୟକ୍ତି ନିଶା ଦ୍ରବ୍ୟ ବ୍ୟବହାର ନକଲେ ।

ଉପରୋକ୍ତ ଯେକୌଣସି କାରଣରୁ ନିଦ ନହେଲେ ଏହାର ଚିକିତ୍ସା କରିବା ଦରକାର, କାରଣ ଶରୀର ପାଇଁ





ଆବଶ୍ୟକ ପରିମାଣର ବିଶ୍ରାମ ନ ହେଲେ ପରେ ଏହା ଶରୀରର ବିଭିନ୍ନ ଶାରୀରିକ ଓ ମାନସିକ ରୋଗର କାରଣ ହୋଇଥାଏ । ନିଦ୍ରାହୀନତା ନିରାକରଣ ପାଇଁ ଔଷଧ ମୁଖ୍ୟତଃ ରୋଗର ପ୍ରକାର ଭେଦ ଉପରେ ନିର୍ଭର କରିଥାଏ । ଏଥିପାଇଁ ନାଇଟ୍ରାଜିପାମ୍, ଆଲପ୍ରାଜୋଲାମ, ଜଲପିଡେମ୍ ଆଦି ବ୍ୟବହାର କରାଯାଏ । ମାତ୍ର ଏହାକୁ ଅଧିକ ଦିନ ବ୍ୟବହାର କଲେ ଲୋକଟିର ଆଡିକ୍ସନ ବା ଅଭ୍ୟାସ ହୋଇଯାଏ । ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ନିଦ୍ରାହୀନତାର ବିଭିନ୍ନ କାରଣ ଦୂର କରିବାକୁ ଚେଷ୍ଟା କରାଯାଏ । ନିଦ୍ରାକାରୀ ଔଷଧ ଆଇନ୍‌କାନୁନ୍ ଅନୁଯାୟୀ ଡାକ୍ତରଙ୍କ ବିନା ପରାମର୍ଶରେ କିଣିବା ବା ବିକିବା ନିଷିଦ୍ଧ ହେଲେ ମଧ୍ୟ ଆଜିକାଲି ନିଶାସକ୍ତ ବ୍ୟକ୍ତିମାନେ ଏହାକୁ ଯେକୌଣସି ଉପାୟରେ ହସ୍ତଗତ କରି ଏହାର ଦୁରୁପଯୋଗ କରୁଛନ୍ତି, କିନ୍ତୁ ଏଭଳି କରିବା ଅନୁଚିତ । କାରଣ ଏହାଦ୍ୱାରା ଶରୀରର ଅନେକ କ୍ଷତି ହୋଇଥାଏ । ନିଦ ନ ହେବା ଅନେକ ଗୁଡ଼ିଏ ମୌଳିକ କାରଣ ଉପରେ ନିର୍ଭର କରେ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ସାରିବା ପରେ ଔଷଧ ବ୍ୟବହାର କରିବା ଉଚିତ । ନିଦ୍ରାହୀନତାର ଭୟାବହ ପରିଣାମରୁ ଦୂରେଇ ରହିବା ପାଇଁ କିଛି ନିୟମ ମାନି ଚଳିବା ଉଚିତ । ନିଜର ଦୈନନ୍ଦିନ କାର୍ଯ୍ୟକ୍ରମ ଠିକ୍ ସମୟରେ କରିବା ଉଚିତ । ଶାରୀରିକ ପରିଶ୍ରମ ଉତ୍ତମ ନିଦ୍ରା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଯେଉଁମାନେ ଶାରୀରିକ ପରିଶ୍ରମ କରନ୍ତି ନାହିଁ ସେମାନେ ସକାଳେ ସନ୍ଧ୍ୟାରେ ମୁକ୍ତ ବାୟୁରେ ବ୍ୟାୟାମ କରିବା ବା ଦୁଇ କିଲୋମିଟର ବାଟ ଚାଲିବା ଉଚିତ। ସବୁଦିନ ଏକା ସମୟରେ ନିଦରୁ ଉଠିବାକୁ ଚେଷ୍ଟା କରିବେ। ନିଶା ସେବନ କରିବେ ନାହିଁ । ରାତିରେ ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇବେ । ଶୋଇବା ଘରଟିକୁ ପରିଷ୍କାର ଓ ଶାନ୍ତ ରଖିବେ। ଯେ କୌଣସି କାରଣରୁ ନିଦ ନ ହେଲେ ବା ସାମାନ୍ୟ ମାନସିକ ଭାରସାମ୍ୟରେ ବ୍ୟତିକ୍ରମ ଦେଖାଦେଲେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଉପଯୁକ୍ତ ଚିକିତ୍ସା ଦ୍ୱାରା ସୁନିଦ୍ରା ଲାଭ କରନ୍ତୁ ।



# ସାଇବର ଦୁର୍ବଳତାର ସ୍ୱାସ୍ଥ୍ୟଗତ ସମସ୍ୟା

ଦିଲ୍ଲୀରେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ସାଇବର ଦୁର୍ବଳତାଜନିତ ସ୍ୱାସ୍ଥ୍ୟଗତ ସମସ୍ୟାର ଚିକିତ୍ସା ଲାଗି ଏକ ଓପିଡ଼ି ଆଉଟଡୋର ରୋଗୀଙ୍କ ସକାଶେ ଖୋଲାଯାଇଛି । ଏଥିରୁ ସୂଚୀତ ହୋଇଛି ଯେ ଦେଶରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ବ୍ୟବହାର ପ୍ରତି ଅତ୍ୟଧିକ ଆକର୍ଷଣ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜା ଯାଉଥିବାବେଳେ ଏହା ଏକ ସାମାଜିକ ବ୍ୟାଧିର ରୂପ ନେଉଛି । ଏଥିସହ ଆଗାମୀ ଦିନରେ ଦେଶର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ବିଶେଷ ଭାବରେ ରାଜ୍ୟ ସ୍ତରରେ ଡ୍ରଗ୍ ସେବନ ସମସ୍ୟା ପରି ସାଇବର ଆକର୍ଷଣର ଶାରୀରିକ ଓ ମାନସିକ କୁପ୍ରଭାବ ନେଇ ଚିକିତ୍ସା ବ୍ୟବସ୍ଥା ଖୋଲିବାକୁ ପଡ଼ିବ । ଏହି ସମସ୍ୟା ଯୁବଶ୍ରେଣୀ ଓ ଆଗାମୀ ପିଢ଼ି ପାଇଁ ବେଶୀ ଅଧିକ ବିପଜ୍ଜନକ । କାରଣ ଦେଶରେ ବାଳକ ବାଳିକାମାନେ ମଧ୍ୟ ଉପରୋକ୍ତ ଗାଜେଟ୍ ଗୁଡ଼ିକରେ ଅତ୍ୟଧିକ ନିର୍ଭରଶୀଳ ହେଲେଣି ।

କମ୍ପ୍ୟୁଟର, ମୋବାଇଲ ଫୋନ ବ୍ୟବହାର ବୃଦ୍ଧି ତଥା ଇଣ୍ଟରନେଟର ଅତ୍ୟଧିକ ଉପଯୋଗ ନେଇ ଡାକ୍ତର ଓ ମାନସିକରୋଗ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ସେମାନଙ୍କର ମତ ହେଲା କୌଣସି ସମସ୍ୟା ସୃଷ୍ଟି ହେଲା ପରେ ଚିକିତ୍ସା କରିବା ଅପେକ୍ଷା ଆଗରୁ ନିବାରଣମୂଳକ ପଦକ୍ଷେପ ନିଆଯିବା ଉଚିତ । ଏଥିପାଇଁ ଇଣ୍ଟରନେଟ ବ୍ୟବହାରରେ ନିୟନ୍ତ୍ରଣ ଓ ଶୃଙ୍ଖଳା ଉପରେ ସେମାନେ ଜୋର ଦେଉଛନ୍ତି। ଛୋଟ ପିଲାଙ୍କ ପ୍ରତି ଏ କ୍ଷେତ୍ରରେ ଅଧିକ ସତର୍କତା ଆବଶ୍ୟକ । ଅଭିଭାବକମାନେ ଏଥିପାଇଁ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଉଛି । ବିଶେଷଜ୍ଞମାନଙ୍କ ଭାଷାରେ ଉପରୋକ୍ତ ଇଲେକ୍‌ଟ୍ରୋନିକ୍ ଗ୍ୟାଜେଟ୍ ଗୁଡ଼ିକର ଅତ୍ୟଧିକ ବ୍ୟବହାରକୁ ସମସ୍ୟାଯୁକ୍ତ ଇଣ୍ଟରନେଟ ବ୍ୟବହାର ଓ ଅନ୍ୟାନ୍ୟ ନାମ ଦିଆଯାଉଛି । କିନ୍ତୁ ଦିଲ୍ଲୀରେ ଏମ୍ସରେ ମନସ୍ତାତ୍ତ୍ୱିକ ଚିକିତ୍ସାଭିତ୍ତିକ ଓପିଡି ପ୍ରଥମଥର ପାଇଁ ଖୋଲାଯିବା ଦ୍ୱାରା ସ୍ପଷ୍ଟ ହୋଇଯାଇଛି ଯେ ଭାରତ ଏହାକୁ ଗୁରୁତର ରୂପ ନେଉଥିବା ଚିକିତ୍ସା ସମସ୍ୟା ଭାବେ ଗ୍ରହଣ କରିଛି। ଏବେ ଦୀର୍ଘସମୟ ଧରି ଅନେକ କମ୍ପ୍ୟୁଟର ଓ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି । କେତେକ କ୍ଷେତ୍ରରେ ତାହା ଅଭ୍ୟାସଗତ ଓ ଅନ୍ୟ କେତେକ କ୍ଷେତ୍ରରେ ତାହା ବାଧ୍ୟତାମୂଳକ। ସୋସିଆଲ ମିଡ଼ିଆ ସକ୍ରିୟତା ହେଉ, ଗେମ୍ସ ପାଇଁ ହେଉ, ଭିଡିଓ ଦେଖିବା ଲାଗି ହେଉ ବୌଦ୍ଧିକ ବା ଆମଦପ୍ରମୋଦ ଉଦ୍ଦେଶ୍ୟରେ ଏସବୁର ବ୍ୟବହାର ବଢ଼ି ଚାଲିଛି । ମାନସିକରୋଗ ବିଶେଷଜ୍ଞମାନଙ୍କ ମତରେ ଏଥିଯୋଗୁଁ ଶାରୀରିକ ଓ ମାନସିକ ବିକୃତି ପରିଲକ୍ଷିତ ହେଲାଣି। ଯାହାର ନିରାକରଣ ଆବଶ୍ୟକ । ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏହା ନିଶା ସେବନ ପରି ଏକ ଦୁର୍ବଳତା ହୋଇଛି । ବୟସ୍କ ଲୋକେ ମଧ୍ୟ ଏଥିପ୍ରତି ଦିନକୁ ଦିନ ଅଧିକ ଆକର୍ଷିତ ହେଉଛନ୍ତି । ପରିଣତି ସ୍ୱରୂପ ଅବସାଦ, ଉତ୍କଣ୍ଠା, ଏକାଡେମୀ ଓ ଦୈନନ୍ଦିନ ଜୀବନର କାମରେ ଅବହେଳା, ଜୀବନରୁ ଦୂରେଇ ଯିବା ଓ ଅନ୍ୟାନ୍ୟ ବିଶୃଙ୍ଖଳା ଏଥିଯୋଗୁଁ ପରିଲକ୍ଷିତ ହେଉଛି । ଏହି ମନସ୍ତତ୍ତ୍ୱବିତ୍ କୁପ୍ରଭାବ ସ୍ୱାସ୍ଥ୍ୟଗତ ବିପଦ ଆଣିବାକୁ ବାଧ୍ୟ । ଶୋଇବାରେ ବ୍ୟାଘାତ, ଖାଇବାରେ ବିଶୃଙ୍ଖଳା, ଚକ୍ଷୁ ସମସ୍ୟା ଓ ବସି ରହିବା ଆଦି କାରଣରୁ ଦେଖାଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଏଥିସହ ସଂଶ୍ଳିଷ୍ଟ। ବିବାହ, ବିଚ୍ଛେଦ, ଚାକିରି ହରାଇବା, ଋଣ ବୃଦ୍ଧି ଆଦି ସମସ୍ୟା ମଧ୍ୟ ଏହାର କୁଫଳ । ଦେଶରେ ସରକାର ଡିଜିଟାଲ ଯୁଗ ପାଇଁ ଆହ୍ୱାନ ଦେଉଥିବାବେଳେ ତା' ପଛରେ ମହତ ଉଦ୍ଦେଶ୍ୟ ରହିଛି ସତ କିନ୍ତୁ ସାଇବର ପୃଥିବୀର ଅନ୍ୟାନ୍ୟ ସମସ୍ୟା ବୋଲି ଗୁରୁତ୍ୱ ଦେବାକୁ ହେବ । ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ପରିବର୍ତ୍ତେ ପୂର୍ବପରି ବ୍ୟକ୍ତିଗତ ଯୋଗାଯୋଗ ଓ ବନ୍ଧୁତ୍ୱ ଅଧିକ ଭଲ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ମଣିଷ ମୁହାଁମୁହିଁ ଭେଟଭାଟ ଓ କଥାବାର୍ତ୍ତା ପରିବର୍ତ୍ତେ ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ ଜରିଆରେ ପୃଥିବୀ ସହ ସମ୍ପର୍କ ରଖିଲେ ନିଜ ଭିତରେ କେନ୍ଦ୍ରୀଭୂତ ହୋଇଯିବ ଯାହା ବେଶୀ ସମସ୍ୟା ସୃଷ୍ଟି କରିବ । ମଣିଷ ଏକ ସାମାଜିକ ପ୍ରାଣୀ । ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବାସ୍ତବ ପୃଥିବୀ ସହ ତା'ର ସଂଯୋଗ ରହିବା ଉଚିତ । ଡାକ୍ତରମାନଙ୍କ ମତରେ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଦି ଗ୍ୟାଜେଟ୍ ପ୍ରତି ଦୁର୍ବଳତା ବୃଦ୍ଧି ଆଚରଣଗତ ସମସ୍ୟା ବଢ଼ାଉଛି । କେତେକ କ୍ଷେତ୍ରରେ ଏଥିପାଇଁ ଆକ୍ରାନ୍ତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରିବା ଆବଶ୍ୟକ ହେଉଛି । ଏଣୁ କମ୍ପ୍ୟୁଟର, ମୋବାଇଲ ଫୋନ ଓ ଇଣ୍ଟରନେଟ ବ୍ୟବହାର ଆଦି ଦେଶରେ ଜୀବନକୁ ସମୃଦ୍ଧ କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ ଥିଲେ ବି ଏସବୁ ସାମଗ୍ରୀ ଜୀବନଶୈଳୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ଅନୁଚିତ ।










# ଯୁଦ୍ଧାୟ କୃତନିଶ୍ଚୟ...

୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଙ୍ଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ । ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା । ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା । ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି । ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି । ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର । ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି । ଆଇନକାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ । ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ । ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି । ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି । ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି । ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ । ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ । ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ ।' ଦୁର୍ନୀତି ଅର୍ଥ ନୀତି ଠାରୁ ଦୂର । ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି । ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ । ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ – ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ – ଠକି ଯିବ ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି– ଫାଙ୍କି ଦେଲେ ତାହା ହିଁ ପାଇବ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି – ଚୋରି କରନାହିଁ ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ – ତାହା ହିଁ ଚୌର୍ଯ୍ୟ ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ– ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା– ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଅନୁକୂଳ ଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ– ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତତ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର – ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ – ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାପର୍ଯ୍ୟ ଗୁରୁତ୍ୱ ରଖନ୍ତା।










*ଡା. ଉମେଶ ଚନ୍ଦ୍ର ପାତ୍ର*
*ମୋ. ୯୪୩୭୦୫୧୯୫୭*

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୮ ଡିସେମ୍ବର ୨୦୨୫ । ସୋମବାର

## ବିଡିଓ ଓ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ତାଗିଦ୍

ଯାଜପୁର,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାର ବିଭିନ୍ନ ବ୍ଲକ ଏବଂ ତହସିଲର ଅଧିକାରୀମାନେ ଉପରିସ୍ଥ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ନେଇ ହେଡକ୍ୱାର୍ଟରରେ ଅନୁପସ୍ଥିତ ରହିବା ନେଇ ଅଭିଯୋଗ ଆସିବା ପରେ ଜିଲ୍ଲାପାଳ କ୍ଷୁବ୍ଧ ହୋଇ ନୋଟିସ ଜାରି କରିଛନ୍ତି। ଏଣିକି କୌଣସି ବିଡିଓ ଏବଂ ତହସିଲଦାର ଛୁଟି ଦରଖାସ୍ତ ଦାଖଲ ନକରି ବିନା ଅନୁମତିରେ ଅନୁପସ୍ଥିତ ରହିପାରିବେ ନାହିଁ ବୋଲି ଜିଲାପାଳ ଅମ୍ବର କୁମାର କର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଯଦି ଅଫିସରେ ଅନୁପସ୍ଥିତ ରୁହନ୍ତି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଯାଜପୁର ଜିଲ୍ଲାର କିଛି ବିଡ଼ିଓ ଏବଂ ତହସିଲଦାର ଛୁଟି ଦରଖାସ୍ତ ନଦେଇ ହେଡକ୍ୱାର୍ଟର ଛାଡ଼ିବା ଘଟଣା ସାମ୍ନାକୁ ଆସିଥିଲା। ଯାହା ଫଳରେ ସରକାରୀ କାମରେ ବାଧା ଉପୁଜିବା ସହ ବ୍ଲକ ଓ ତହସିଲ କାର୍ଯ୍ୟାଳୟକୁ ସମସ୍ୟା ଜଣାଇବା ପାଇଁ ଆସୁଥିବା ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମୟାନୁସାରେ କୌଣସି କାମ ହୋଇପାରୁନାହିଁ। ଏନେଇ ଜିଲାପାଳଙ୍କ ନିକଟକୁ ଅନେକ ଅଭିଯୋଗ ଆସିବା ପରେ ଏହି ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ କହିଛନ୍ତି ଯେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ପାଇଁ ପ୍ରଶାସନ ସର୍ବଦା ତତ୍ପର ରହିଛି। ତେଣୁ କାର୍ଯ୍ୟକ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ତାଗିଦ୍ କରିଛନ୍ତି। ଏହି କଡ଼ା ନିର୍ଦ୍ଦେଶ ପାଇବା ପରେ ଅଧିକାରୀମାନେ ବ୍ୟବସ୍ଥା ଭିତରେ ରହି ନିୟମାନୁସାରେ ଦାୟିତ୍ୱ ତୁଲାଇବେ ବୋଲି ଆଶା କରାଯାଉଛି।

## ନବଘନଙ୍କ ପରି ଶିକ୍ଷକ ଛାତ୍ର ସମାଜ ପାଇଁ ଆଲୋକ ବର୍ତ୍ତିକା

କେନ୍ଦ୍ରାପଡା,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଶାସନିପଡା ଠାରେ ଆଦର୍ଶ ପ୍ରଧାନ ଶିକ୍ଷକ, ସଂଗଠକ ତଥା ସମାଜସେବୀ ନବଘନ ମହାରଣାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନବଘନ ମହାରଣାଙ୍କ ପରି ଆଦର୍ଶ ଶିକ୍ଷକ ନିଜ ଜୀବନରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ଓ ପଥ ପ୍ରଦର୍ଶକ ହେବା ସହ ଛାତ୍ର ସମାଜ ପାଇଁ ଆଲୋକ ବର୍ତ୍ତିକା ସାଜିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଆଶୁତୋଷ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ରାଜ୍ୟ ଶିକ୍ଷକ ମହାସଂଘର ପ୍ରାକ୍ତନ ରାଜ୍ୟ ସମ୍ପାଦକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି, ରାଜ୍ୟ ଓସ୍ତା ଉପସଭାପତି ଅଧିକାରୀ ରାଧାକୃଷ୍ଣ ଦାସ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ, ଓସ୍ତା ଜିଲ୍ଲା ସମ୍ପାଦକ ଭଗବାନ ସାହୁ, ଓସ୍ତା ବ୍ଲକ ସଭାପତି ବିଜୟ କୁମାର ସ୍ୱାଇଁ, ନୋଡାଲ ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ଅଲ ଓସ୍ତା ବ୍ଲକ ସଭାପତି ପ୍ରଦୀପ ଲେଙ୍କା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ନିରଞ୍ଜନ ସାମଲ, ଅବସରପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ସାହୁ, କ୍ଷୀରୋଦ କୁମାର ସେନାପତି, ପୂର୍ବତନ ସରପଞ୍ଚ ରଞ୍ଜିତ ପରିଡା ଓ ସୁରେନ୍ଦ୍ରନାଥ ବେହେରା,ଆଇନଜୀବୀ ଭଂଜକିଶୋର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦୀପ୍ତ କୁମାର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ମହାରଣାଙ୍କ ବିଜ୍ଞାନ ବିଷୟରେ ଶିକ୍ଷାଦାନ, ଛାତ୍ରବତ୍ସଳତା, ସ୍କୁଲର ଉନ୍ନତି ପାଇଁ ଥିବା ପ୍ରଚେଷ୍ଟା ଓ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା

କେନ୍ଦ୍ରାପଡା,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମାଳୟା ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମନୋବିଜ୍ଞାନ ପ୍ରାଧ୍ୟାପକ ମୁରଲୀଧର ରଥ, ଶିକ୍ଷକ ନାରାୟଣ ସ୍ୱାଇଁ, ସମାଜସେବୀ ନଗେନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଜୀବନରେ ଶିକ୍ଷା ଗ୍ରହଣ ସହିତ କ୍ରୀଡାର ଉପଯୋଗିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ପ୍ରତିଯୋଗିତାରେ ପ୍ରଥମରୁ ଦାଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ସମ୍ପାଦକ ରାଜଗୋପାଳ ମହାନ୍ତି ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ବେହୁରା ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ସମସ୍ତ ଗୁରୁଜୀ ଓ ଗୁରୁମାମାନେ ସହଯୋଗ କରିଥିଲେ। ଅଭିଭାବିକା ଓ ଗୁରୁମାମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟୁଜିକ ଚେୟାର ପ୍ରତିଯୋଗିତା ବିଶେଷ ଆକର୍ଷଣୀୟ ହୋଇଥିଲା।

## ମହାବିଦ୍ୟାଳୟରେ ଗୀତା ଜୟନ୍ତୀ

ରାଜନଗର,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକର କୁରୁଣ୍ଟି ଗ୍ରାମ ପଞ୍ଚାୟତ ସ୍ଥିତ ଚନ୍ଦ୍ରଶିଖରଠାରେ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରହିତ୍ୟରେ ଗୀତା ଜୟନ୍ତୀ ଓ ଗୀତା ପରାୟଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୁଖ୍ୟଅତିଥି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି ବେଦମନ୍ତ୍ର ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ ଓ ସମ୍ମାନିତ ବକ୍ତା ଭାବେ ଭାରପ୍ରାପ୍ତ ପ୍ରଧାନ ପଣ୍ଡିତ ରତ୍ନାକର ଦାସ ଯୋଗଦେଇ ଭଗବତ ଗୀତାପାଠର ଉପାଦେୟତା, ଆମ ସଂସ୍କୃତି ଉପରେ ଏହାର ପ୍ରଭାବ, ଆଧ୍ୟାତ୍ମିକ ଚେତନାର ଜାଗରଣ, ନୀତିବାନ, ସଂସ୍କାରୀ ମଣିଷ ନିର୍ମାଣ କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ।

## ଡ଼ଃ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ

ରାଜନଗର,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକ ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଆନୁକୂଲ୍ୟରେ ଡଃ ଆମ୍ବେଦକରଙ୍କ ୬୯ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ମଞ୍ଚର ଜିଲ୍ଲା ସଭାନେତ୍ରୀ ପ୍ରମିଳା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚର ବ୍ଲକ ସଭାପତି ବାମନଚରଣ ଯେନା, ମହିଳା ସଭାନେତ୍ରୀ ସୀତା ସେଠୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ତହସିଲର ମୁଖ୍ୟ ଲିପିକ ଠାକୁର ଚନ୍ଦ୍ର ହେମ୍ବ୍ରମ, ସୁପରଭାଇଜର ପ୍ରକାଶ ଚନ୍ଦ୍ର ମହାନ୍ତି, ବ୍ଲକ ଆଇନଜୀବୀ ସଂଘର ସଭାପତି ଉମେଶ ଚନ୍ଦ୍ର ଦାସ, ଆଇନଜୀବୀ ପ୍ରଦୀପ କୁମାର ଦାସ, ତ୍ରୈଲୋକ୍ୟ କୁମାର ମହାନ୍ତି, ବିନ୍ଦୁରେଖା ବେହେରା, ସୁଶାନ୍ତ କୁମାର ଜେନା, ବିଶ୍ୱନାଥ ବାରିକ, ମନ୍ମଥ କୁମାର ରାଉତ, ଭଜହରି ମିଶ୍ର ପ୍ରମୋଦ କୁମାର ପ୍ରଧାନ ଯୋଗ ଦେଇ ଆମ୍ବେଦକରଙ୍କ ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ।

## ୧୯୮୬ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ଖଣ୍ଡପଡ,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ସହରର ଆରାଧ୍ୟ ମା'ଉମାଦେବୀଙ୍କ ପୀଠରେ ରାମଚନ୍ଦ୍ର ଉଚ୍ଚବିଦ୍ୟାଳୟ ଓ ଖଣ୍ଡପଡ଼ା ବାଳିକା ଉଚ୍ଚବିଦ୍ୟାଳୟ ୧୯୮୬ ମାଟ୍ରିକ ବ୍ୟାଚ୍ ସହପାଠୀ, ସହପାଠିନୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ପରେ ୭୦ରୁ ଉର୍ଦ୍ଧ୍ୱ ସହପାଠୀ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା'ଉମାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟ ଗୁରୁ ଗୋପୀନାଥ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସହପାଠୀ ଓ ସହପାଠିନୀମାନେ ଭକ୍ତିପୂତ ପ୍ରଣାମ ଜଣାଇଥିଲେ। ପଣ୍ଡିତ ମନୋଜ ଦାଶ ଶ୍ଳୋକ ପାଠ କରିଥିଲେ।

# ସରକାରୀ ଜମିରେ ବେଆଇନ ନିର୍ମାଣକୁ ବିରୋଧ

ବାଲେଶ୍ୱର,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ କାଁଥିଭଉଁରୀ ପଞ୍ଚାୟତରେ ସରକାରୀ ଜମି ଜବରଦଖଲକୁ କେନ୍ଦ୍ର କରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗାଁର ଏକ ସରକାରୀ ଜାଗାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବେଆଇନ ଭାବେ ପକ୍କା ଘର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ଗ୍ରାମବାସୀମାନେ ଦୃଢ଼ ବିରୋଧ କରିବା ସହ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଥିଲେ।

ସୂଚନା ଅନୁଯାୟୀ, କାଁଥିଭଉଁରୀ ଗାଁର ଏକ ନିର୍ଦ୍ଦିଷ୍ଟ ସରକାରୀ ଜାଗାକୁ ଜବରଦଖଲ କରି କିଛି ବ୍ୟକ୍ତି ଗୃହ ନିର୍ମାଣ କରୁଥିଲେ। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ଏକଜୁଟ ହୋଇ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଗ୍ରାମବାସୀମାନେ ତୁରନ୍ତ ଏନେଇ ଭୋଗରାଇ ତହସିଲଦାରଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଆରଆଇ ସମ୍ପୃକ୍ତ ନିର୍ମାଣକାରୀ ବ୍ୟକ୍ତିଙ୍କୁ ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ ସରକାରୀ ଅନୁମତି ପତ୍ର ମାଗିଥିଲେ। ତେବେ ନିର୍ମାଣ କରୁଥିବା ବ୍ୟକ୍ତିମାନେ କୌଣସି ବୈଧ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲେ। ଫଳରେ ଆରଆଇ ତୁରନ୍ତ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି।

ଅନ୍ୟପଟେ, କେବଳ କାମ ବନ୍ଦ କଲେ ହେବ ନାହିଁ ବରଂ ବେଆଇନ ଭାବେ ନିର୍ମିତ ଅଂଶକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଉ ବୋଲି ଗ୍ରାମବାସୀମାନେ ଦାବି କରିଛନ୍ତି। ଏହା ସହିତ ପଞ୍ଚାୟତରେ ଅନ୍ୟ ଯେଉଁ ସବୁ ସରକାରୀ ଜମି ଜବରଦଖଲ ହୋଇ ରହିଛି, ସେଗୁଡିକୁ ମଧ୍ୟ ଚିହ୍ନଟ କରି ଜବରଦଖଲମୁକ୍ତ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ମନ୍ତ୍ରୀଙ୍କ ଦୃଢୋକ୍ତି

ବୁଗୁଡ଼ା,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବୁଗୁଡା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ କୃଷକଙ୍କୁ ଜ୍ଞାନକୌଶଳ ପ୍ରଦାନ ଏବଂ ଆର୍ଥିକ ସମୃଦ୍ଧ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଳା ବୁଗୁଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ.ଶୁଭ୍ରାଂଶୁ ଶେଖର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ଅଞ୍ଜନ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବିଡିଓ ଦୁତିକୃଷ୍ଣ ପାତ୍ର, ତହସିଲଦାର ତାପସ ରାଉତ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଭାରତ ଭୂଷଣ ସାହୁ, ସାଂସଦ ପ୍ରତିନିଧି ଉତ୍ତମ କୁମାର ଦାଶ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳମାଧବ ଆଚାରୀ, ଜିଲ୍ଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ଯୋଗ ଦେଇ ଉପସ୍ଥିତ ସହସ୍ରାଧିକ ପୁରୁଷ ଓ ମହିଳା ଚାଷୀଙ୍କ ସମେତ ଅନ୍ୟମାନଙ୍କୁ ଚାଷକାର୍ଯ୍ୟ ଏବଂ ପଶୁପାଳନ ପ୍ରତି ଆକୃଷ୍ଟ ହେବାକୁ ଉତ୍ସାହିତ କରିଥିଲେ। ଏ ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦ ଗ୍ରାମାଞ୍ଚଳ ଚାଷୀଙ୍କୁ ସଶକ୍ତ କରିବା ଏବଂ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମାଛ ପାଇଁ ପୋଖରୀ ଖନନ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା, ଗୋପାଳନ, ଘାସ ଚାଷ ଆଦି ପାଇଁ କୋଟିକୋଟି ଟଙ୍କାର ସବସିଡି ପ୍ରଦାନ କରାଯାଉଥିବା ଯୋଗୁଁ ଏହାର ଲାଭ ଉଠାଇବାକୁ ଉପସ୍ଥିତ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏଥିସହ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଗ୍ରାମାଞ୍ଚଳ ଚାଷୀଙ୍କ ନିକଟତର କରିବା ପାଇଁ ବ୍ଲକସ୍ତରରେ ଆୟୋଜିତ ଏହି ମେଳାରେ ପ୍ରାଣୀ ସମ୍ପଦ ସହ ଜଡିତ ବିଭିନ୍ନ ଉତ୍ପାଦ ପ୍ରଦର୍ଶିତ ଷ୍ଟଲଗୁଡିକୁ ମନ୍ତ୍ରୀ ପର୍ଯ୍ୟବେକ୍ଷଣ ପୂର୍ବକ ଛେଳି ପାଳନ, ଗୋପାଳନ ଏବଂ ମତ୍ସ୍ୟ ଚାଷ ଆଦି ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ମନ୍ତ୍ରୀଙ୍କ କରକମଳରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ଉଦଘାଟିତ ହୋଇଯାଇଥିଲା।

## ଯୌତୁକ ନିଷେଧ ଆଇନ ପ୍ରଶିକ୍ଷଣ



ରାୟଗଡା,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ରାୟଗଡାରେ ଯୌତୁକ ଓ ସମ୍ବନ୍ଧିତ ହିଂସାକୁ ରୋକିବା ପାଇଁ ଜିଲ୍ଲାସ୍ତରରେ ଯୌତୁକ ନିଷେଧ ଆଇନ, ୧୯୬୧ ବିଷୟରେ ଏକ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ସମାଜ ମଙ୍ଗଳ ଅଧିକାରୀ, ରାୟଗଡା ମିନତି ଦେଓଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇ, ଯୌତୁକ ନିଷେଧ ଆଇନର ମୁଖ୍ୟ ବ୍ୟବସ୍ଥା ଓ ତାହାର କାର୍ଯ୍ୟକାରୀ ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା।

ସୁରକ୍ଷା ଅଧିକାରୀ ପ୍ରତିମାରାଣୀ ଦାସ, ପ୍ରୋଗ୍ରାମ ଅଫିସର ଶୈଳଜା ଦାସ, ଏସଡିଆଇପିଆର ଓ ଦେବରାଜ ଟାକ୍ରି ଏବଂ ଜିଲ୍ଲା ସଂଯୋଜକ, ସଂକଳ୍ପ ହବ୍ ଦିବାକର ପରିଛା ଯୋଗଦେଇ ପ୍ରଶିକ୍ଷଣର ବିଭିନ୍ନ ପର୍ଯ୍ୟାୟ ସଂଚାଳନ କରିଥିଲେ। ରିସୋର୍ସ ପର୍ସନ୍ ଭାବେ ରବିନାରାୟଣ ଶତପଥୀ (ଆଡ଼ଭୋକେଟ) ଯୋଗଦେଇ ଅଭିଯୋଗ ଦାଖଲ, ଏଫ୍ଆଇଆର, ଚାର୍ଜସିଟ୍ ଓ ନ୍ୟାୟିକ ପ୍ରକ୍ରିୟା ସହିତ ଯୌତୁକ ନିଷେଧ ଆଇନର ବିଭିନ୍ନ ଆଇନଗତ ପ୍ରାସଙ୍ଗିକତା ବିଷୟରେ ପ୍ରସ୍ତୁତି ଦେଇଥିଲେ।

ଏକକ କେନ୍ଦ୍ର, ଶକ୍ତି ସଦନ, ସଂକଳ୍ପ ହବ୍ ଓ ସମ୍ବନ୍ଧିତ ସଂସ୍ଥାମାନଙ୍କ ମାଧ୍ୟମରେ ପୀଡ଼ିତାଙ୍କୁ ଆଶ୍ରୟ, ଚିକିତ୍ସା, ପରାମର୍ଶ ଓ ବିଧି ସାହାଯ୍ୟ ଯେପରି ଯୋଗାଇହେଉଛି ସେବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ବିବାହ ପଞ୍ଜିକରଣ ଅଧିକାରୀ, ମହିଳା ଥାନା ଅଧିକାରୀ, ବିଭିନ୍ନ ଅନୁଷ୍ଠାନର ଧର୍ମଗୁରୁ, ଶିକ୍ଷକମାନେ ଓ ଶକ୍ତି ସଦନ କର୍ମକର୍ତ୍ତା, ସଂକଳ୍ପ ହବ୍ କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ।

## ମତ୍ସ୍ୟ ମେଳା ଲାଗି ପ୍ରସ୍ତୁତି



ଜଗତସିଂହପୁର,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା ୨୩ ଓ ୨୪ ତାରିଖ ଦୁଇଦିନ ଧରି ସ୍ଥାନୀୟ କଲେକ୍ଟୋରେଟ ପଡିଆରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଗୃହରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୁକୁଡ଼ା ଚାଷ, ଅଣ୍ଡା ଉତ୍ପାଦନ, ପ୍ରାଣିସମ୍ପଦ ଓ ମତ୍ସ୍ୟ ଉତ୍ପାଦନରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରି ଉତ୍ପାଦନ ବୃଦ୍ଧି କରିବା ଦିଗରେ ଚାଷୀଙ୍କୁ ସଚେତନ କରିବା ଓ ଅଧିକ ଉଦ୍ଯୋଗି ସୃଷ୍ଟି କରିବା ଏହି ମେଳାର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଜୟ କୁମାର ସାହୁ ସୂଚନା ଦେଇଥିଲେ। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଏବଂ ଇଚ୍ଛୁକ ଥିବା ପ୍ରାୟ ୭୦୦ ଜଣ ସମସ୍ତ ବ୍ଲକ ଓ ମୁନିସିପାଲିଟିର ହିତାଧିକାରୀମାନେ ଏହି ମେଳାରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ କ୍ଷେତ୍ରରେ ଯଥା- ଗୋପାଳନ, କୁକୁଡ଼ା ପାଳନ, କ୍ଷୁଦ୍ର ତୃଣ ଭୋଜି ପ୍ରାଣୀ, ମହିଳା ସ୍ୱୟଂ ସହାୟକଗୋଷ୍ଠୀ ତଥା ମତ୍ସ୍ୟ ଉତ୍ପାଦନରେ ସଫଳତା ହାସଲ କରି ଥିବା ୮ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବାର ପ୍ରସ୍ତାବ ରହିଅଛି। ମେଳାରେ ମତ୍ସ୍ୟ, ପ୍ରାଣିସମ୍ପଦ, କୃଷି ଉଦ୍ୟାନ ଓ ବିଭିନ୍ନ ବିଭାଗର ୨୫ଟି ଷ୍ଟଲ, କଂଟ୍ରୋଲ ରୁମ, ରେଜିଷ୍ଟ୍ରେସନ ରୁମ ଆଦି ଖୋଲିବା ସହିତ ଜୀବନ୍ତ ପ୍ରାଣୀ ଓ ମାଛମାନଙ୍କର ପ୍ରଦର୍ଶନ କରାଯିବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଗୁରୁତ୍ୱ ଦେବାକୁ ଶ୍ରୀ ଜେଠି ମତବ୍ୟକ୍ତ କରିଥିଲେ। ଏଥି ସହିତ ଏଲଇଡି ସ୍କିନର ବ୍ୟବସ୍ଥା କରି ଜିଲ୍ଲାର ମତ୍ସ୍ୟ ଓ ପ୍ରାଣିସମ୍ପଦର ସଫଳ କାହାଣୀ ସବୁ ପ୍ରଦର୍ଶିତ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏତତ ବ୍ୟତୀତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଓଆରଏମଏଏସ ଓ ମିଶନଶକ୍ତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇଦିନ ଧରି ହେବାକୁଥିବା ମେଳାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଗୋଶାଳାରେ କର୍ମକର୍ତ୍ତାଙ୍କ ଦ୍ୱାରା କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ମେଳାରେ ଦଶଦିନ ପୂର୍ବରୁ ଜିଲ୍ଲାର ପ୍ରବେଶ ପଥରେ ବଡ ବଡ ହୋର୍ଡିଂ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର ପାଇଁ ଫ୍ଲେକ୍ସ ବ୍ୟାନର ଲଗାହେବା ପାଇଁ ନିଷ୍ପତ୍ତି ନିଆଗଲା। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ମେଳାପାଇଁ ପ୍ରସ୍ତୁତି ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଏହି ସଭାରେ ଡାକ୍ତର ଅଜୟ କୁମାର ସାହୁ ସଂଯୋଜନା ଓ ଦେବବ୍ରତ ସାମଲ, ଜିଲ୍ଲା ମତ୍ସ୍ୟ ଅଧିକାରୀ ସହ ସଂଯୋଜନା କରିଥିଲେ।

## ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସର କର୍ମକର୍ତ୍ତା

ବୁଗୁଡ଼ା,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ନ୍ୟାସର ନୂତନ କର୍ମକର୍ତ୍ତା ନିର୍ବାଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବଂଶୀଧର ଦାଶଙ୍କ ବେଦପାଠ ପରେ ଚନ୍ଦ୍ରଶେଖର ଦାଶ ନିର୍ବାଚନ ପରିଚାଳନା କରିଥିଲେ। ଏ ଅବସରରେ ବିଶ୍ୱମୋହନ ମିଶ୍ର-ସଭାପତି, ପ୍ରକାଶ ଚନ୍ଦ୍ର ରଥ-କାର୍ଯ୍ୟକାରୀ ସଭାପତି, ବିପିନ ବିହାରୀ ପଟ୍ଟନାୟକ-ଉପସଭାପତି, ହରେକୃଷ୍ଣ ପାତ୍ର-ସାଧାରଣ ସମ୍ପାଦକ, ଗୋରୀପତି ଦାଶ ଓ ନଗେନ୍ଦ୍ର ନାଥ ଷଡଙ୍ଗୀ-ସହସମ୍ପାଦକ, ଶ୍ୟାମସୁନ୍ଦର ନାୟକ-କୋଷାଧ୍ୟକ୍ଷ, ରାମକୃଷ୍ଣ ସାହୁ-ସମୀକ୍ଷକ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଏଥିସହ ଉପଦେଷ୍ଟା ଭାବେ ସୁରେଶ ଚନ୍ଦ୍ର ଦାଶ, ନନ୍ଦ କିଶୋର ମିଶ୍ର, ଉପେନ୍ଦ୍ର ପଟ୍ଟନାୟକ ଏବଂ ୧୨ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ମନୋନୀତ କରାଯାଇଥିଲା।

## ଭୀମ ରାଓ ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ

ଜଗତସିଂହପୁର,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଭୀମ ରାଓ ଆମ୍ବେଦକରଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭୀମରାଓ ରାମଜୀ ଆମ୍ବେଦକର ୧୪ ଏପ୍ରିଲ ୧୮୯୧ରେ ଜନ୍ମଗ୍ରହଣ କରିଥିଲେ ଏବଂ ୬ ଡିସେମ୍ବର ୧୯୫୬ ଇହଲୀଳା ସମ୍ବରଣ କରିଥିଲେ। ସେ ଏକାଧାରରେ ଜଣେ ଭାରତୀୟ ଆଇନଜୀବୀ, ଅର୍ଥନୀତିଜ୍ଞ, ସମାଜ ସଂସ୍କାରକ ଏବଂ ରାଜନୈତିକ ନେତା ଥିଲେ ଯିଏ ସମ୍ବିଧାନ ସଭା ବିତର୍କରୁ ଭାରତର ସମ୍ବିଧାନ ପ୍ରସ୍ତୁତ କରୁଥିବା କମିଟିର ନେତୃତ୍ୱ ନେଇଥିଲେ। ଜବାହରଲାଲ ନେହେରୁଙ୍କ ପ୍ରଥମ କ୍ୟାବିନେଟରେ ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଆଜି ତାଙ୍କର ପବିତ୍ର ତିରୋଧାନ ତିଥିରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଚ୍ୟୀ ତନୟା ମହାନ୍ତି, ପୌର ପରିଷଦ କର୍ମକର୍ତ୍ତା ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସେହି ମହାନ ଆତ୍ମାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

## ଜଙ୍ଗଲ ଜମି ଅଧିକାର ଆଇନ ଜିଲ୍ଲାସ୍ତରୀୟ କମିଟି



ବ୍ରହ୍ମପୁର,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜଙ୍ଗଲ ଜମି ଅଧିକାର ଆଇନ (ମୋ ଜଙ୍ଗଲ ଜମି ଯୋଜନା)ର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା କମିଟିର ଅଧ୍ୟକ୍ଷ ଭି.କୀର୍ତ୍ତିଭାସନ୍ ଅଧ୍ୟକ୍ଷତା କରି ୨୪୦ଟି ବ୍ୟକ୍ତିଗତ ଓ ୩୨ଟି ଗୋଷ୍ଠୀଗତ ଜଙ୍ଗଲ ଜମିର ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତାବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବାକି ରହିଥିବା ଆବେଦନ ଗୁଡିକର ଚୂଡାନ୍ତ ଫଇସଲା ପାଇଁ ପଦକ୍ଷେପ ନିଆଯିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ତହସିଲସ୍ତରରୁ ତଦନ୍ତରେ ବିଳମ୍ବ ହେଉଥିବା ନେଇ କମିଟିର ସଦସ୍ୟମାନଙ୍କ ଠାରୁ ଅବଗତ ପରେ ଜିଲ୍ଲାପାଳ ଏଦିଗରେ ଜିଲ୍ଲା ରାଜସ୍ୱ ବୈଠକରେ ସମସ୍ତ ତହସଲିଦାରମାନଙ୍କୁ ଏସଂକ୍ରାନ୍ତରେ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦିଆଯିବ ବୋଲି କହିଥିଲେ। ଗଞ୍ଜାମ ଜିଲ୍ଲାରେ ୬୫୨୮ ଆଦିବାସୀ ପରିବାରଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ୩୪ଟି ଜଙ୍ଗଲ ଜମିର ଗୋଷ୍ଠୀଗତ ଭାବେ ଆଦିବାସୀମାନଙ୍କୁ ପ୍ରଦାନ କରାଯାଇଛି। ସେହିପରି ଉପଖଣ୍ଡସ୍ତରୀୟ ଜଙ୍ଗଲ କମିଟିରେ ପାତ୍ରପୁର ତହସିଲର ୮୭ଟି ବ୍ୟକ୍ତିଗତ ଜଙ୍ଗଲ ଜମି ମାମଲାକୁ ପୁନଃ ବିଚାର କରି ତୁରନ୍ତ ଜିଲ୍ଲା କମିଟିକୁ ପ୍ରେରଣ କରିବା ପାଇଁ ଅବଗତ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା କମିଟିର ଘୁମୁଷର (ଦକ୍ଷିଣ) ଡିଏଫ୍ଓ ଅଧିକାରୀ ଭିପାଶା ପାରୁଲ, ଘୁମୁଷର (ଉତ୍ତର) ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି, ବ୍ରହ୍ମପୁର ଡିଏଫ୍ଓ ସନି ଖେରଖର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଗଜପତି ଏସିଏଫ୍, ଟିଡିଆର ପାତ୍ରପୁର ଅଶୋକ ପଟ୍ଟନାୟକ, ଟିଡିଆର୍ ସାନଖେମୁଣ୍ଡି ରାମଚନ୍ଦ୍ର ପଟ୍ଟନାୟକ, ସୋରଡା ଜିଲ୍ଲା ପରିଷଦ ସଭ୍ୟ ରାମ ଶବର, ପାତ୍ରପୁର ଅଞ୍ଚଳର ଜିଲ୍ଲା ପରିଷଦ ସଭ୍ୟା ଯଶୋଦା ଶବର, କମିଟିର ଆବାହକ ତଥା ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ଓ ଦଖଲରେ ରଖିଥିବା ଆଦିବାସୀ ଓ ଅନ୍ୟାନ୍ୟ ବର୍ଗ (ପାରମ୍ପରିକ ବନବାସୀ) ଲୋକମାନଙ୍କୁ ଜମିର ଅଧିକାରୀ ଦେବା ଲାଗି ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି, 'ଜଙ୍ଗଲ ଜମି ଅଧିକାର ଆଇନ'। ୨୦୧୫ ମସିହା ଡିସେମ୍ବର ୧୨ ତାରିଖ ପୂର୍ବରୁ ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଆଦିବାସୀ ପରିବାରଙ୍କୁ ଉକ୍ତ ଜଙ୍ଗଲ ଜମିର ପଟ୍ଟା ମିଳିପାରିବ। କିନ୍ତୁ ଅନ୍ୟ ପାରମ୍ପରିକ ବନବାସୀ ଅନ୍ୟୁନ ୩ ପୁରୁଷ ପର୍ଯ୍ୟନ୍ତ ଜଙ୍ଗଲ ଜମିକୁ ଦଖଲରେ ରଖିଥିଲେ ଏବଂ ପ୍ରମାଣ ଦାଖଲ କଲେ ସେମାନଙ୍କୁ ଜଙ୍ଗଲ ଜମିର ଅଧିକାର ମିଳିବାର ନିୟମ ରହିଛି। ଏଥିପାଇଁ ତହସିଲରେ ହିତାଧିକାରୀ ଆବେଦନ କରିବେ। ଗ୍ରାମ୍ୟସ୍ତରୀୟ ଜଙ୍ଗଲ କମିଟି ନିକଟରେ ଉକ୍ତ ଆବେଦନ ଉପସ୍ଥାପନ କରାଯାଇ ତର୍ଜମା ହେବ। ଏହାପରେ ରାଜସ୍ୱ ଓ ଜଙ୍ଗଲ ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ ହୋଇ ଗ୍ରାମସଭାକୁ ଯିବ। ସେଠାରେ ଚୂଡାନ୍ତ ହେବା ପରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉପଖଣ୍ଡସ୍ତରୀୟ କମିଟିରେ (ଏସ୍‌ଡିଏଲ୍‌ସି) ଉପସ୍ଥାପନ ହେବ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି (ଡିଏଲ୍‌ସି) ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ।

## ଆମ୍ବେଦକରଙ୍କ ମହାନିର୍ବାଣ ଦିବସ



କଟକ,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କଟକ ଆମ୍ବେଦକର ସ୍ମୃତି ପରିଷଦ ଓ ରାଜପଥ ଯାତ୍ରୀ ସୁରକ୍ଷା ମଞ୍ଚ ପକ୍ଷରୁ ସମ୍ବିଧାନର ପ୍ରଣେତା, ଭାରତରତ୍ନ ଡକ୍ଟର ବିଆର୍ ଆମ୍ବେଦକରଙ୍କ ୬୯ତମ ମହାନିର୍ବାଣ ପାଳିତ ହୋଇଯାଇଛି। ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ସଭାପତିତ୍ୱରେ ପ୍ରଥମେ କଟକ ହାଇକୋର୍ଟ ଛକ ସ୍ଥିତ ପ୍ରଣେତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବାଲିକୁଦା କାର୍ଯ୍ୟାଳୟ ଠାରେ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ସେହିପରି ମାହାଙ୍ଗା ଠାରେ ଅଶୋକ ମଲ୍ଲିକଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବଦକରଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ, ଆଜି ଆମ୍ବେଦକରଙ୍କ ଅନୁପସ୍ଥିତି ଓ ଶୂନ୍ୟତା ପ୍ରତ୍ୟେକ ଭରତୀୟମାନେ ପ୍ରତି ମୂହୂର୍ତ୍ତରେ ଅନୁଭବ କରୁଥିବାବେଳେ କେତେକ ସମ୍ବିଧାନ ବିରୋଧୀ ଚକ୍ରାନ୍ତକାରୀ ଅସମ୍ମାନ କଥା କହିବା ନିନ୍ଦନୀୟ ଅଟେ। ତଥାପି ଆମ୍ବେଦକର ସଦାସର୍ବଦା ସାରା ବିଶ୍ୱବାସୀଙ୍କ ହୃଦୟରେ ଅମର ହୋଇ ରହିବେ ବୋଲି ଉଦବୋଧନରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅନିମା ନାୟକ, ଚୁମୁକି ସେଠୀ, ରୋଜାଲିନ ଜେନା, ନିରଞ୍ଜନ ମଲ୍ଲିକ, କୃଷ୍ଣଚନ୍ଦ୍ର ସେଠୀ, ସୁଶାନ୍ତ ମଲ୍ଲିକ, ରମାକାନ୍ତ ସେଠୀ, ରବୀନ୍ଦ୍ର ବେହେରା, ସୁଧାକର ମେଳା, ବାବୁଲି ମଲ୍ଲିକ, ରଞ୍ଜନ ଜେନା, ଚନ୍ଦନ ଭୋଇ, ସୁନାକର ମେଳାଙ୍କ ସମେତ ବହୁମାନ୍ୟଗଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ସ୍କୁଲରେ ବିଜ୍ଞାନ ମେଳା

ଯାଜପୁର,୭।୧୨ ଏକ୍ସପ୍ରେସ୍ ନ୍ୟୁଜ୍

ଯାଜପୁର ରୋଡ ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂରାଜୀ ମିଡିୟମ ସିନିୟର ସେକେଣ୍ଡାରୀ ସ୍କୁଲ ପରିସରରେ ଅନ୍ତର୍ଜାତୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଅଛି। ସ୍କୁଲର ଅଧ୍ୟକ୍ଷ ନିରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟଅତିଥି ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞ ଡ଼ ଭର୍ଚ୍ଚାସ୍ୱୀ ଓ ଡ଼ ଗଣେଶ ପ୍ରମୁଖ ଯୋଗ ଦେବା ସହିତ ସଂମ୍ମାନିତ ଅତିଥି ଭାବେ ସ୍କୁଲର ପରିଚାଳକ ଡ଼ ଅଭୟ ପତି ଏବଂ ସଭାପତି ଅସ୍ମିତା ପତି ଯୋଗଦେଇ ଅନୁଷ୍ଠାନିକ ଭାବେ ଫିତା କାଟି ଉଦଘାଟନ କରିଥିଲେ। ପିଲାମାନଙ୍କ ଭିତରେ ରହିଥିବା ଲୁକାୟିତ ବୈଜ୍ଞାନିକ ପ୍ରତିଭାକୁ ପରିପ୍ରକାଶ କରିବା ସହିତ ପିଲାମାନଙ୍କ ମନରେ ଉତ୍ସାହ ଜାଗ୍ରତ କରିବାର ଏ ହେଉଛି ଏକ ପ୍ରୟାସ ବୋଲି ଡାଇରେକଟର ଡ଼ ପତି ନିଜ ଅଭିଭାଷଣରେ କହିଥିଲେ। ପିଲାମାନେ ନିଜେ ନିଜର ବୁଦ୍ଧିକୁ ପ୍ରୟୋଗ କରି ବୈଜ୍ଞାନିକ ଯୁଗରେ ନିଜର ମନସ୍ତାତ୍ତ୍ୱିକ ବିଜ୍ଞାନକୁ ପ୍ରତିପାଦନ କରିଥିବାରୁ ମୁଖ୍ୟଅତିଥି ଏହି ମେଳାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିସହିତ ବୈଜ୍ଞାନିକ ଯୁଗରେ କିଭଳି ପିଲାମାନେ ନିଜର ପ୍ରଚେଷ୍ଟା ଓ ଅଧବସାୟ ବଳରେ ନିଜେ ନିଜେ ନିଜ ଲକ୍ଷ୍ୟ ସ୍ଥଳରେ ପହଂଚି ପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଏହି ବିଜ୍ଞାନ ମେଳାରେ ପାଖାପାଖି ୨୦ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସ୍କୁଲର ଉପାଧ୍ୟକ୍ଷ ସରୋଜ କୁମାର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କୋଣାର୍କ ସହରରେ ପଥୋତ୍ସବ

ଗୋପ,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍



କୋଣାର୍କ ଉତ୍ସବକୁ ଆହୁରି ସରସ ସୁନ୍ଦର କରିବାକୁ ଚଳିତ ବର୍ଷ କରାଯାଇଛି ନୂଆ ପ୍ରୟାସ। ସାମାଜିକ ଅନୁଷ୍ଠାନ ବିକାଶ ପକ୍ଷରୁ ଆୟୋଜିତ କୋଣାର୍କ ପଥ ଉତ୍ସବ କମିଟି ଓ ୟୁବି ଫୁଡ୍ ସହାୟତାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ଏହି ନିଆରା ପଥଉତ୍ସବ। କୋଣାର୍କ ସହରର ରାଜ ରାସ୍ତାରେ ଭିନ୍ନ ଭିନ୍ନ ସଙ୍ଗୀତର ପରିବେଷଣ ସହ ନୃତ୍ୟଶିଳ୍ପୀ ଓ ପର୍ଯ୍ୟଟକମାନେ ଶସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟ, ପଲ୍ଲୀନୃତ୍ୟ ସମସ୍ତ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ ହୋଇଥିଲା। ଆନନ୍ଦ ଉଲ୍ଲାସରେ ନୃତ୍ୟ ଶିଳ୍ପୀ ଓ ପର୍ଯ୍ୟଟକମାନେ ଏହାକୁ ଉପଭୋଗ କରିଥିଲେ। ଏହି ଉତ୍ସବ ମେଡ଼ିକାଲ ନିକଟ ଅର୍କ ମଣ୍ଡପରୁ ଶୁଭାରମ୍ଭ ହୋଇ ଟୁରିଷ୍ଟ ମାର୍କେଟର ରିଙ୍ଗ ରୋର୍ଡରୁ ୟୁ ଟର୍ଣ୍ଣ ନେଇ ସଭାସ୍ଥଳୀରେ ଶେଷ ହୋଇଥିଲା। ଏହାକୁ ବିକାଶ ଅନୁଷ୍ଠାନ ପ୍ରତିଷ୍ଠାତା ସମ୍ପାଦକ ଅଶୋକ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଉପାଧ୍ୟକ୍ଷ ସୁରେଶ୍ ଚନ୍ଦ୍ର ରାଉତରାୟ, ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ପଥ ଉତ୍ସବ କମିଟିର ସଭାପତି ରାଜକିଶୋର ମହାପାତ୍ର, ସମାଜସେବୀ ଗୋପାଳ ଚନ୍ଦ୍ର ବେହେରା, ସାଂସଦ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଅର୍କଶ୍ରି ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ଗୋପ ସୁରକ୍ଷା ମଞ୍ଚର ସଭାପତି ସଚ୍ଚିଦାନନ୍ଦ ଗୋଛାୟତ ପ୍ରମୁଖ ଯୋଗଦେଇ ପଥ ଉତ୍ସବ ଲୋଗୋ ଉନ୍ମୋଚିତ କରିବା ସହ ପତାକା ଦେଖାଇ ପଥ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ରାସ୍ତାରେ ପ୍ରତିଯୋଗୀମାନେ ଆନନ୍ଦ ଉଲ୍ଲାସରେ ନୃତ୍ୟ ପରିବେଷଣ କରିଥିଲେ। ଅର୍କ ମଣ୍ଡପରେ ଉଦଯାପନୀ ଉତ୍ସବରେ ସମସ୍ତ ପ୍ରତିଯୋଗୀମାନେ ପୁନଃ ସେମାନଙ୍କର ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ବିଚାରପତିମାନଙ୍କ ଦ୍ୱାରା ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ରେଡ଼ିଓ ନମସ୍କାର ଅଧ୍ୟକ୍ଷ ଏନଏ ସାହା ଅନସାରୀ, ଶିକ୍ଷାବିତ୍ ପ୍ରକାଶ ଖାଟୋଇ, ରାମକୃଷ୍ଣ ମହାନ୍ତି, ସାମ୍ବାଦିକ ଅକ୍ଷୟ ନାୟକ, ପ୍ରତାପ କାଣ୍ଡି, ଜ୍ଞାନ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବା ବେଳେ ପଥ ଉତ୍ସବ ସଂଯୋଜିକା ରିତା ମିଶ୍ର, ମନୋରମା ଦାଶ, ପଦ୍ମାଳୟା ଚୌଧୁରୀ, ଜ୍ୟୋତିର୍ମୟୀ ସାହୁ, ବାମଦେବ ଆଲୁକ, କାମଦେବ ବିଶ୍ୱାଳ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଅଜୟ ପଟ୍ଟନାୟକ, ବିବେକାନନ୍ଦ ମିଶ୍ର, ଆଶୁତୋଷ ହୋତା, ପ୍ରତାପ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର | ପୃଷ୍ଠା : ୭
● ୮ ଡିସେମ୍ବର ୨୦୨୫ ● ସୋମବାର

# ପାର୍କିଂ ସ୍ଥଳରେ ଭୋଜି କରୁଥିବା ପର୍ଯ୍ୟଟକଙ୍କଠୁ ଅର୍ଥ ଆଦାୟକୁ ନେଇ ଅସନ୍ତୋଷ



**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ନୟାଗଡ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ଯାତ୍ରୀ, ପର୍ଯ୍ୟଟକ ଓ ଜନସାଧାରଣଙ୍କ ଠାରୁ କେତକ ଅସାମାଜିକ ବ୍ୟକ୍ତି ବିଭିନ୍ନ ଆଳ ଦେଖାଇ ଜୋର ଜୁଲୁମ କରି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଯାନବାହନଗୁଡିକ ପାର୍କିଙ୍ଗ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନରେ ଭୋଜିଭାତ କରୁଥିବା ଜନସାଧାରଣଙ୍କ ଠାରୁ କେତେକ ଅସାମାଜିକ ବ୍ୟକ୍ତି ଜୋର ଜବରଦସ୍ତ ଅର୍ଥ ଆଦାୟ କରୁଥିବା ଜଣାପଡିଛି। ପାର୍କିଙ୍ଗ ସ୍ଥାନରେ ଗାଡି ପାର୍କିଙ୍ଗ ବାବଦକୁ ଅର୍ଥ ଆଦାୟ ସହ ଜୋର ଜୁଲୁମ କରି ଭୋଜିଭାତ ବାବଦରେ ଅନଧିକାର ଭାବେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏପରି ବେଆଇନ ଭାବେ ଯଦି ଜନସାଧାରଣ, ପର୍ଯ୍ୟଟକ ଓ ସେଠାକୁ ପରିଦର୍ଶନରେ ଆସୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଠାରୁ ଅର୍ଥ ଆଦାୟ କରାଯାଏ ତେବେ ଆଗାମୀ ଦିନରେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ ଓ ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ତେବେ ଏ ସମ୍ପର୍କରେ ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି। ନୟାଗଡ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଫରେଷ୍ଟରଙ୍କୁ ହତ୍ୟା ଉଦ୍ୟମ କରି ୨ ଗିରଫ




**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଟମକା ଫରେଷ୍ଟରଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କାର୍ଯ୍ୟରତ ଫରେଷ୍ଟରଙ୍କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ନୀଳ ପଥର ମାଫିଆଙ୍କ ରାଗ ଓ ପ୍ଲାନିଂ ପଛରେ ଥିବା ଦୁଇ ଗ୍ରିନ୍‌ଷ୍ଟୋନ ମାଫିଆଙ୍କୁ ପୋଲିସ ଗିରଫ କରିଛି। ୪ ଡିସେମ୍ବର ସନ୍ଧ୍ୟା ସମୟରେ ଟମକା ଫରେଷ୍ଟ ରେଞ୍ଜର ଫରେଷ୍ଟର ମାନିକ ମୁଣ୍ଡା ଡୁବୁରୀ ଅଫିସକୁ ଯାଉଥିବାବେଳେ ସମୟରେ ଗୋଟେ ଆକାଶୀ ଅଲ୍‌ଟୋ କାର୍ (ଓଡି ୦୭ ଏମ୍ ୨୭୯୭) ସନ୍ଦେହଜନକ ଭାବେ ଫରେଷ୍ଟରଙ୍କୁ ଅନୁସରଣ କରି ପିଛା କରି ଥିଲା। ରାମଠେଙ୍ଗା ଛକ ପହଞ୍ଚିବା ସମୟରେ ଅଲ୍‌ଟୋ କାରଟି ପଛରୁ ଉଦ୍ଦେଶ୍ୟମୂଳକ ଫରେଷ୍ଟରଙ୍କୁ ମାରିଦେବା ଉଦ୍ୟମରେ ଧକ୍କା ଦେବାକୁ ଚେଷ୍ଟା କରିଥିଲା। କୌଶଳ କ୍ରମେ ଫରେଷ୍ଟର ସାଇଡ଼କୁ ହଟିଯିବାରୁ ପ୍ରାଣରକ୍ଷା ପାଇଥିଲେ। ଫରେଷ୍ଟରଙ୍କ ଅଭିଯୋଗ ପରେ ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ହେଲେ ଅରଙ୍ଗବଲ୍ଲଭ ଜେନା (ବଦଳ-୪୨), ଚିନ୍ମୟ କୁମାର ନାୟକ (୨୬), ଉଭୟେ ଚିଡିରି ଗ୍ରାମର। ଗିରଫ ଅଭିଯୁକ୍ତ ଦ୍ୱୟ ଅବୈଧ ଗ୍ରିନ୍‌ଷ୍ଟୋନ୍ ମାଫିଆ ସହ ସକ୍ରିୟ ଭାବେ ଜଡିତ। ଫରେଷ୍ଟ ଟିମ୍ ଟମକା ରେଞ୍ଜରେ ତାଙ୍କ ଅବୈଧ ନୀଳ ପଥର ବ୍ୟବସାୟକୁ ବାରମ୍ବାର ଅଟକାଉଥିବା ସହ ଚୋରୀ ରୋକିବାରେ ସଫଳ ହେଇଥିବାରୁ ଫରେଷ୍ଟରଙ୍କ ଉପରେ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଏଭଳି କରିଥିବା ପୋଲିସ କହିଛି। ଆଗକୁ ନୀଳ ପଥର ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ପାଇଁ ପୋଲିସ ଓ ବନବିଭାଗ ମିଳିତ କାର୍ଯ୍ୟାନୁଷ୍ଠାନ ନେଲେ ଚୋରି କମି ପାରନ୍ତା ବୋଲି ସାଧାରଣ ମତ ପ୍ରକାଶ ପାଉଛି।

# ବିକଶିତ ଗାଁ ବିକଶିତ ଓଡ଼ିଶାରେ ରାସ୍ତା ନିର୍ମାଣ

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମପଂଚାୟତର ଜଗନ୍ନାଥପୁର ଗ୍ରାମରେ ଏକ ସିମେଣ୍ଟ କଂକ୍ରିଟ୍ ରାସ୍ତା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ କାର୍ଯ୍ୟ ଚାଲୁ ରହିଛି। ଏହି ଯୋଜନାରେ ୩ଲକ୍ଷ ୬୪ହଜାର ୪୧୭ଟଙ୍କା ଅଟକଳରେ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଛି। କିନ୍ତୁ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲୁ ରହିଅଛି। ଏହି କାର୍ଯ୍ୟକୁ ସ୍ଥାନୀୟ ସରପଂଚ ପ୍ରଭୁ ପ୍ରସାଦ ବେହେରା ବିରୋଧ କରିଥିଲେ ମଧ କିଛି ସୁଫଳ ମିଳି ନାହିଁ। ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଇବା ପାଇଁ ସେ ଦାବି କରିଛନ୍ତି।

# ବୋମା ମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତପୁର ଘଟଣାରେ ମୁଖ୍ୟ ଥାନା ଅନ୍ତର୍ଗତ ଆଟୋଡା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହୋଇଥିବା ବୋମାମାଡ ମୁଖ୍ୟ ଅଭିଯୁକ୍ତ ଗିରଫ। ଗିରଫ ଅଭିଯୁକ୍ତ ଜଣକ ହେଲେ ମୁତାରିଫା ପଂଚାୟତ ପୂର୍ବତନ ସରପଞ୍ଚ ପଦ୍ମପୁର ଅନନ୍ତପୁର ଗ୍ରାମର ପ୍ରିୟରଞ୍ଜନ ମହା ମହାପାତ୍ର(୪୭)। ପୁଲିସ ସୂଚନାମୁତାବକ, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗତ ଶୁକ୍ରବାର ସନ୍ଧ୍ୟାରେ ସାଲେପୁର ପଂଚାୟତ ସମିତି ପୂର୍ବତନ ଅଧକ୍ଷା ମମତା ରାଉତଙ୍କ ଆଟୋଡା ସ୍ଥିତ ଘର ଉପରକୁ ୬ଜଣରୁ ଉର୍ଦ୍ଧ ଯୁବକ ଦୁଇଟି ବାଇକ୍‌ରେ ଆସି ବୋମା ମାଡ କରିଥିଲେ। ଏଥିରେ ଗ୍ରାମର ଦୁଇଜଣ ମହିଳା ଆହତ ହୋଇଥିଲେ। ଏନେଇ ପୂର୍ବତନ ଅଧକ୍ଷା ଏବଂ ଆହତ ମହିଳାଙ୍କ ପକ୍ଷରୁ ଜଗତପୁର ଥାନାରେ ଏକାଧିକ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇ ଜଗତପୁର ପୁଲିସ ଘଟଣା ସ୍ଥଳରେ ପହଂଚି ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୋମା ମାଡ ପରେ ଅସାମାଜିକ ଯୁବକମାନେ ଫେରାର ହୋଇଯାଇଥିଲେ। ଆଜି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଜଗତପୁର ଥାନା ଅଧିକାରୀ ଅନିରୂଦ୍ଧ ନାୟକ ସୂଚନା ଦେଇଛନ୍ତି।

# ୧୦ରେ ବିଶାଳ ଶିକ୍ଷକ ସମାବେଶ: ସମନ୍ୱୟ ସମିତି

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ଡିସେମ୍ବର ୧୦ ତାରିଖରେ ହଜାର ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ରାଜଧାନୀର ରାଜରାସ୍ତାରେ ଏକ ବିଶାଳ ଶିକ୍ଷକ ସମାବେଶ ସଂଗଠିତ କରିବାକୁ ଯାଉଛନ୍ତି ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ପ୍ରେସ୍‌ମିଟ୍ ଜରିଆରେ ଗଣମାଧ୍ୟମକୁ ଜଣାଇଛନ୍ତି। ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ପୂରଣ ନିମନ୍ତେ ସରକାର ପ୍ରତିଶ୍ରୁତି ଦେଇ ସମସ୍ୟାର ସମାଧାନ ନକରିବା ପ୍ରତିବାଦରେ ଏ ମହାସମାବେଶ ଅନୁଷ୍ଠିତ ହେଉଛି ବୋଲି ସମନ୍ୱୟ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନାଥାଉକି, ଗତ ଆନ୍ଦୋଳନ ସମୟରେ ଶିକ୍ଷକ ନେତୃତ୍ୱ ଓ ସରକାରଙ୍କ ସହିତ ହୋଇଥିବା ଆଲୋଚନାରେ ସମସ୍ୟା ସମାଧାନ ନିମନ୍ତେ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଇତିମଧ୍ୟରେ ଅନେକ ଥର ସରକାରଙ୍କ ସହ ସାକ୍ଷାତ ଆଲୋଚନା ହୋଇଛି ଓ ବାରମ୍ବାର ପ୍ରତିଶ୍ରୁତି ମିଳିଛି। ଅଦ୍ୟାବଧି ସରକାର ସମସ୍ୟା ସମାଧାନ କରିବା ପାଇଁ ତିନୋଟି କମିଟି ଯଥା- ବିଧାନସଭା ଷ୍ଟାଣ୍ଡିଙ୍ଗ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରିସାରିଛନ୍ତି। ମାତ୍ର ସମସ୍ୟା ସମାଧାନକୁ ବିଳମ୍ବ କରିବା ଲକ୍ଷ୍ୟରେ ସରକାର ଆଉ ଏକ କମିଟି ଗଠନ କରି ଛଅ ମାସ ଭିତରେ ଏ ସମସ୍ୟା ସମାଧାନ କରିବେ ବୋଲି ବିଧାନସଭାରେ ଘୋଷଣା କରିଛନ୍ତି। ତୁରନ୍ତ ଏହି ଉଚ୍ଚସ୍ତରୀୟ କମିଟି ବସି ଛଅମାସ ପରିବର୍ତ୍ତେ ଯଥାଶିଘ୍ର ସମସ୍ତ ବର୍ଗର ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ବିଭିନ୍ନ ସମସ୍ୟାକୁ ସମାଧାନ କରୁଛନ୍ତି। ଶିକ୍ଷକମାନଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଅଧିକ ସମୟ କିମ୍ବା ସମ୍ବଳର ଆବଶ୍ୟକତା ନାହିଁ। ସମସ୍ୟାର ସମାଧାନ କରିବା ପାଇଁ ସରକାରଙ୍କ ନିକଟରେ ଦୃଢ଼ ଇଚ୍ଛାଶକ୍ତି ଥିଲେ ଯଥାସମ୍ଭବ ତାହା ପୂରଣ ହୋଇପାରିବ। କାରଣ ବାର୍ତ୍ତମାନର ମୁଖ୍ୟମନ୍ତ୍ରୀ ସାଧାରଣ ନିର୍ବାଚନ ପୂର୍ବରୁ ଯେତେବେଳେ ବିରୋଧୀ ଦଳର ମୁଖ୍ୟସଚେତକ ଥିଲେ ସେତେବେଳେ ଯେଉଁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ 'ଶିକ୍ଷକମାନଙ୍କର ଦାବି ଯୁକ୍ତିଯୁକ୍ତ। ଆମେ ସରକାରକୁ ଆସିଲେ ଶିକ୍ଷକମାନଙ୍କର ଏହି ସବୁ ସମସ୍ୟାଗୁଡ଼ିକୁ ଖୁବଶୀଘ୍ର ସମାଧାନ କରିବୁ ଓ ସେମାନଙ୍କର ସମସ୍ତ ଦାବିଗୁଡ଼ିକୁ ପୂରଣ କରିବୁ।' କଥା ଦେଇ କଥା ରଖି ନାହାଁନ୍ତି, ଦୀର୍ଘ ୧ ବର୍ଷ ବିତିଯାଇଥିଲେ ମଧ୍ଯ ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ। ସେଥିପାଇଁ ଶିକ୍ଷକମାନଙ୍କ ମନରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗିଛି। ସରକାର ସମସ୍ୟାର ସମାଧାନ ନିମନ୍ତେ ଭିନ୍ନ ଭିନ୍ନ ସମୟରେ କମିଟିମାନ ଗଠନ କରିଥିଲେ ମଧ ଏଯାବତ୍ ସମସ୍ୟା ସମାଧାନ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନାହାଁନ୍ତି। ୨୦୦୪ରୁ ୨୦୨୫ ମସିହା ମଧ୍ୟରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଶୂନ୍ୟ ହସ୍ତରେ ଅବସର ନେଇଛନ୍ତି ଓ ଅନେକ ମୃତ୍ୟୁବରଣ ମଧ କରିଛନ୍ତି। ତେଣୁ ସରକାର ଆଉ ଟାଳଟୁଳ ନୀତି ଅବଲମ୍ବନ ନକରି ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ, ୨୫ରୁ ୩୦ ବର୍ଷ ବିନା ପାରିଶ୍ରମିକରେ ବୁଭୁକ୍ଷୁ ଅବସ୍ଥାରେ କାର୍ଯ୍ୟ କରୁଥିବା ଅନୁଦାନ ଯୋଗ୍ୟ ସ୍କୁଲ କଲେଜର ଶିକ୍ଷକ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନର ବ୍ୟବସ୍ଥା କରନ୍ତୁ ବୋଲି ସମନ୍ୱୟ ସମିତି ପକ୍ଷରୁ ଦୃଢ଼ ଦାବି କରାଯାଇଛି।

ଆସନ୍ତା ଡିସେମ୍ବର ୧୦ ତାରିଖରେ ହଜାର ହଜାର ଶିକ୍ଷକ ଓ ଶିକ୍ଷା କର୍ମଚାରୀ କଂଗ୍ରେସଭବନ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଲୋୟର ପି.ଏମ୍.ଜି. ଅଭିମୁଖେ ଅଗ୍ରସର ହେବେ। ବିଧାନସଭା ସମ୍ମୁଖସ୍ଥ ଗାନ୍ଧିମାର୍ଗରେ ସଭା ଅନୁଷ୍ଠିତ ହେବା ସହିତ ଅହୋରାତ୍ର ଧାରଣା ଜାରି ରହିବ। ଉକ୍ତ ସଭାରେ ବୁଦ୍ଧିଜୀବୀ, ବିଶିଷ୍ଟ ବ୍ୟକ୍ତି ଓ ବିଧାୟକମାନେ ଉପସ୍ଥିତ ରହି ଉଦ୍‌ବୋଧନ ଦେବେ।

# ୫ ଜଣଙ୍କ ଘରୁ ସିରିଜ୍ ଚୋରି

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଥାନା ଅଞ୍ଚଳରେ ବର୍ତମାନ ଚୋରମାନଙ୍କର ଉତ୍ପାତ ବଢ଼ିଛି। ବିଳମ୍ବିତ ରାତିରେ କେନ୍ଦୁପଲ୍ଲୀ ଏବଂ ପର୍ଶୁରାମପୁର ଗ୍ରାମରେ ଏକକାଳୀନ ୫ଟି ଘରୁ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ ଯେ ବିଳମ୍ବିତ ରାତିରେ କେନ୍ଦୁପଲ୍ଲୀ ଗାଁର ପ୍ରଫୁଲ୍ଲ ସାହୁ, ମଣି ସାହୁ ଓ ଦୁର୍ଯ୍ୟୋଧନ ସାହୁଙ୍କ ଘରର କବାଟ ଝରକା ତାଡି ଚୋରମାନେ ଲକ୍ଷାଧିକ ଟଙ୍କାର ସୁନାରୂପ ଓ ଗହଣା ଲୁଟି ନେଇଛନ୍ତି। ଏପରିକି ଗ୍ରାମରେ ଥିବା ସାଇମନ୍ଦିର ଭିତରେ ଚୋରମାନେ ପଶିବାକୁ ଚେଷ୍ଟା କରିଥିଲେ ମଧ କବାଟ ଭାଙ୍ଗି ପାରିନଥିଲେ। ପର୍ଶୁରାମପୁର ଗାଁର ପ୍ରଫୁଲ୍ଲ ବେହେରା ଓ ରମେଶ ସ୍ୱାଇଁଙ୍କ ଘରେ ପଶି ସବୁ ଜିନିଷ ଲୁଟ୍ କରି ନେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବୈଦ୍ୟେଶ୍ୱର ଥାନାରେ ଏତଲା ରୁଜୁ କରାଯାଇଛି। ବୈଦ୍ୟେଶ୍ୱର ପୋଲିସ୍ ଗ୍ରାମକୁ ଯାଇ ତଦନ୍ତ ଜାରି ରଖିଛି।

# ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ଗେଡସୋରୋବର ପଡା ଲକ୍ଷେ ଘର ଗଣ୍ଡା ସମାଜ ଆନୁକୁଲ୍ୟରେ ଡ.ଅମ୍ବେଦକର ପାଠାଗାର ପ୍ରାଙ୍ଗଣରେ ଭାରତ ରତ୍ନ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଥିଲା। ଯୁବ ନେତା ସୀତାରାମ କୁମ୍ଭାରଙ୍କ ପରିଚାଳନାରେ ସଭା କାର୍ଯ୍ୟ ଆରମ୍ଭ ହୋଇ ସମ୍ପାଦକ ଅଶୋକ କୁମାର ହରପାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୁଖ୍ୟ ଅତିଥି ପଶ୍ଚିମ ଓଡିଶା ଗଣ୍ଡା ସମାଜ ସଭାପତି ତଥା କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର, ସମ୍ମାନିତ ଅତିଥି ଏମ୍‌ବିଏମ୍‌ଏମ୍ ସଭାପତି ତରଣିସେନ ଦିପ ଓ ମୁଖ୍ୟବକ୍ତା ବିଜୟ ଚନ୍ଦ୍ର ବାରିକ ଯୋଗ ଦେଇ ଅମ୍ବେଦକରଙ୍କ ବିଚାରଧାରାରେ ସମାଜକୁ ସୁସଂଗଠିତ କରି ସମ୍ବିଧାନ ର ମୁଳ ଲକ୍ଷ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ବକ୍ତା ମଧ୍ୟରେ ଜ୍ୟୋତିଷ ମୁଗ୍ରୀ, ରଘୁନାଥ ମୁଗ୍ରୀ ସମାଜ ମଧ୍ୟରେ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ବିଜୟ ହରିପାଲ, ପ୍ରକାଶ ରାଏ, ଲଳିତ ନାଏକ, ରଂଜନ ଭୋଇ, ଶିବା ଭରାସ, ସାଗର କୁମ୍ଭାର, ମୁନା ହରପାଲ, ସୁରେଶ ହରପାଲ, ମୁନା କୁମ୍ଭାର, ଫଣିନ୍ଦ୍ର କୁମ୍ଭାର, ଦିପକ ନାଗ, ଦଶମୁ ସୁନା, ଚନ୍ଦନ ଭୋଇ, ଜ୍ୟୋତି ପ୍ରକାଶ କୁମ୍ଭାର, ରାଜେଶ ପୋଡ, କପିଳ ପାଣିଗ୍ରାହୀ, ସୁବଳୟା କୁମ୍ଭାର, ଭୂମିସୂଚନା ନାଏକ, ଦିବାଶିଷ ନାଏକ ତଥା ସହସ୍ରାଧିକ ପୁରୁଷ ମହିଳା ଉପସ୍ଥିତ ଥିଲେ। ଶେଷରେ ଶିଶର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସଚେତନତା ଅଭାବରୁ ବଢୁଛି ନିଶା କାରବାର: ପ୍ରଶାସନ ନିରବ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ ଅଧୀନରେ ୨୬ଟି ବ୍ଲକ ରହିଥିବା ବେଳେ ଦୁଇଟି ଥାନା ବେତନଟୀ ଓ ବୈଶିଙ୍ଗାରେ ରହିଛି। ଏତଦ ବ୍ୟତିତ ବାରିପଦା, ମୋରଡା ଓ ବଡ଼ସାହି ବ୍ଲକର କେତେକ ପଞ୍ଚାୟତ ଏହି ଦୁଇ ଥାନା ଅଧୀନରେ ରହିଛି। ସରକାରୀ ନିୟମକୁ ଉଲଂଘନ କରିବା ସହିତ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନରେ ମାଦକ ଦ୍ରବ୍ୟ ଅର୍ଥାତ ବିଭିନ୍ନ ପ୍ରକାରର ଗୁଟ୍‌ଖା, ଦେଶୀ ଓ ବିଦେଶୀ ମଦ ସହିତ ନକଲି ବିଦେଶୀ ମଦ, ଗଂଜେଇ, ଅଫିମ, ଧଳା ଜହର ଇତ୍ୟାଦି ଯେତେ ପ୍ରକାର ମାଦକ ଦ୍ରବ୍ୟ ରହିଛି ସେଗୁଡିକ ବେତନଟୀ ଓ ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ ଅବାଧରେ ବିକ୍ରୟ ହେଉଥିବା ଜଣାଯାଇଛି। ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ ଏହି ନିଶା କାରବାରକୁ ରୋକିବା ସମ୍ଭବ ହେଉନଥିବା ଜଣାଯାଇଛି। ବିଶେଷ ଭାବେ ବୈଶିଙ୍ଗା ଥାନା ଇଲାକାରେ କେତେକ ଢ଼ାବା କେବଳ ନିଶା ଦ୍ରବ୍ୟ କାରବାର କରି ତାଙ୍କର ବ୍ୟବସାୟ ବଞ୍ଚାଇ ରଖିଥିବା ବେଳେ ପୁଲିସ ନିରବ ଦ୍ରଷ୍ଟା ପାଲଟିଛି। ବୈଶିଙ୍ଗା ଥାନାର ନିଷ୍କ୍ରିୟତା ଯୋଗୁଁ ଏଠାରେ ଅଧିକ ପରିମାଣରେ ନିଶା କାରବାର ହେଉଥିବା ମାମଲାରୁ ଜଣାଯାଇଛି। କାରଣ ନିଶା ସେବନକାରୀ ଏହି ନିଶା ସେବନ କରିବାରେ ଏତେ ମାତ୍ରାରେ ଅଭ୍ୟସ୍ତ ହୋଇ ପଡିଛନ୍ତି ଯେ ସେମାନଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି। ଛକା ପଞ୍ଝାରେ ଏହି କାରବାର ଚାଲିଥିବାରୁ ନିଶାଡିଙ୍କୁ ଧରିବା ସମ୍ଭବ ହେଉନାହିଁ। ଦୈନିକ ପଡୋଶୀ ଜିଲାରୁ ଅନେକ ଯୁବକ ଆସି କେତେକ ଢାବାରେ ଆଡ୍ଡା ଜମାଇବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଛୋଟ ବଡ଼ ଅପରାଧ କରୁଥିବା ଜଣାଯାଇଛି। ବିଶେଷ ଭାବେ ବହୁ କମ ବୟସର ପିଲା ଅଧିକ ପରିମାଣର ଗୁଟଖା ଖାଉଥିବା ଜଣାଯାଇଛି। କମ ବୟସର ପିଲାମାନେ ଏହି ବିଷାକ୍ତ ଗୁଟଖା ଖାଉଥିଲେ ମଧ ପରିବାର ପକ୍ଷରୁ ବାରଣ କରାଯାଉ ନାହିଁ। ଏଥି ନିମନ୍ତେ ସରକାରୀ ସ୍ତରରେ ହେଉ କିମ୍ବା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଚେତନ କରାନଗଲେ କେନସାର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବ ଏଥିରେ ସନ୍ଦେହନାହିଁ। ସରକାର ବିଭିନ୍ନ ଯୋଜନା କରି ମହିଳାମାନଙ୍କୁ ସଶକ୍ତ କରୁଥିବାବେଳେ ପୁରୁଷମାନେ ନିଶାରେ ମସଗୁଲ ରହୁଛନ୍ତି। ସରକାର ମଦ ଦୋକାନ ବନ୍ଦ କରିବାରେ ଯେଭଳି ଆଇନ ପ୍ରଣୟନ କରିବାକୁ ଚିନ୍ତା କରୁଛନ୍ତି ସେଭଳି ଏହାର ନିରାକରଣ ଦିଗରେ ଚେଷ୍ଟା କରିବା ସହିତ ଯୁବ ପିଢ଼ିଙ୍କ ନିମନ୍ତେ କିଛି ଯୋଜନା ଚିନ୍ତା କରନ୍ତୁ। ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ପାଇଁ ଯୋଜନା ପ୍ରସ୍ତୁତ କଲେ ଅକାଳରେ ଝଡି ପଡୁଥିବା ଯୁବସମାଜ ବର୍ତି ଯାଇ ପାରନ୍ତେ। ଆଧାତ୍ମିକ ମାର୍ଗକୁ ଆସିବା ନିମନ୍ତେ ଯୁବ ସମାଜକୁ ସଚେତନ କରାଇ ନିଶା ମୁକ୍ତ ନକଲେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ଏତଦ ବ୍ୟତିତ ସରକାର ନିଯୁକ୍ତି ସୃଷ୍ଟି କରି ଯୁବସମାଜକୁ ନିଯୁକ୍ତି ପ୍ରଦାନ କରାଇପାରିଲେ ନିଶା କାରବାର କମିପାରେ ବୋଲି ସଚେତନ ନାଗରିକ ପ୍ରକାଶ କରିଛନ୍ତି।

# ବେତନଟୀ ବ୍ଲକ୍ ଓଷ୍ଟା ଶିଶୁ ମେଳା

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ମଛପଦା ଠାରେ ବେତନଟୀ ବ୍ଲକ ଓଷ୍ଟା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ମେଳା ଗୋପବନ୍ଧୁ ଶିକ୍ଷା ନିକେତନ ଠାରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ବ୍ଲକର ୧୬ଟି ହାଇସ୍କୁଲରୁ ୧୨୫ଜଣ ଛାତ୍ରଛାତ୍ରୀ ଏହି ଶିଶୁ ମେଳାରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ସଭାପତି ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଓଷ୍ଟା ସଂଘର ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମଣୀ ହାଂସଦା, ସମିତି ସଭ୍ୟା ସୁମତି ପୃଷ୍ଟି, ବିଦ୍ୟାଳୟର ପ୍ରଧାନଶିକ୍ଷକ ହରିହର ପ୍ରଧାନ, ବିଦ୍ୟାଳୟ ପରିଚ୍ଛାଳନା କମିଟିର ସଭାପତି ଚ୍ଚତୁର୍ଭୁଜ ପୃଷ୍ଟି, ଓଷ୍ଟା ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ ଓ ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରତିଯୋଗିତା ସରିବା ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓଷ୍ଟା ବ୍ଲକ୍ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଷ୍ଟା ଜିଲ୍ଲା ସଂପାଦକ, ମୁଖ୍ୟବକ୍ତା ଭାବରେ ସହିଦ୍ ମେମୋରିଆଲ କଲେଜର ଅଧକ୍ଷ ଡ. ଦିଲୀପ କୁମାର ଭୋଇ, ସାରସ୍ୱତ ବକ୍ତା ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ଜୟ ଚନ୍ଦ୍ର ବେହେରା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ପ୍ରଧାନ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ, ମେର୍ଡା ହାଇସ୍କୁଲର ବରିଷ୍ଠ ଶିକ୍ଷକ ପ୍ରୀୟନାଥ ପାଣି, ବ୍ଲକ୍ ସଂପାଦକ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗନ୍ନାଥ ବିନ୍ଧାଣି ମଞ୍ଚ ପରିଚ୍ଛାଳନା କରିଥିବା ବେଳେ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନଗର ସମସ୍ୟା ନେଇ ସିପିଆଇର ଆନ୍ଦୋଳନର ଡାକରା

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସିପିଆଇ କଟକ ନଗର କମିଟି ସାଧାରଣ ପରିଷଦର ଏକ ସଭା ଗତ ଶନିବାର ଦିନ ବିଜୟ କୁମାର ପଢିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି ସଭାରେ ମୁଖ୍ୟ ଅତିଥି ରୂପେ ସିପିଆଇର ରାଜ୍ୟ ସମ୍ପାଦକ ଡକ୍ଟର ପ୍ରଶାନ୍ତ ମିଶ୍ର ଯୋଗ ଦେଇ ସିପିଆଇର ଚଣ୍ଡୀଗଡ଼ଠାରେ ଅନୁଷ୍ଠିତ ପାର୍ଟୀ କଂଗ୍ରେସ ବିବରଣୀ ଓ ନିର୍ଦ୍ଧାରଣ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ନିର୍ବାଚନ କମିଶନଠାରୁ ଆରମ୍ଭ କରି ଦେଶର ସମସ୍ତ ସାମ୍ବିଧାନିକ ସଂସ୍ଥାକୁ କେନ୍ଦ୍ର ମୋଦି ସରକାର ହିଟଲର ଓମୁସୋଲିନିଙ୍କ କାଇଦାରେ ଦଖଲ କରି ଦେଶରେ ନବ୍ୟଫାଶିବାଦୀ ଶାସନ ଚଳାଇଛନ୍ତି। କର୍ପୋରେଟ ଓ ସାମ୍ପ୍ରଦାୟିକବାଦର ଅପବିତ୍ର ମେଣ୍ଟ ଦେଶ ପାଇଁ ଘୋର ବିପଦ ସୃଷ୍ଟି କରୁଛି। ଏହି ଅପଶାସନକୁ ପ୍ରତିହତ କରିବାକୁ ବାମପନ୍ଥୀମାନେ ଐକ୍ୟବଦ୍ଧ ହୋଇ ସଂଗ୍ରାମ ଚଳାଇବାକୁ ପାର୍ଟି କଂଗ୍ରେସ ଆହ୍ୱାନ ଦେଇଛି।ଏହି ସଂଗ୍ରାମରେ ଦେଶର ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶକ୍ତିମାନଙ୍କୁ ସାମିଲ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ଏକ ଶକ୍ତ ଐକ୍ୟବଦ୍ଧ ବାମପନ୍ଥୀ ଶକ୍ତି। ଅନ୍ୟତମ ଅତିଥି ରୂପେ ସିପିଆଇର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରମଣୀ ରଞ୍ଜନ ରାଉତରାୟ ଯୋଗଦେଇ କହିଲେ,ପାର୍ଟି ସଙ୍ଗଠନ ସହ ଗଣ ସଙ୍ଗଠନ ଗୁଡିକୁ ଶକ୍ତିଶାଳୀ ନକରିପାରିଲେ ଫାଶୀ ବାଦୀ ଶକ୍ତିକୁ ମୁକାବିଲା କରିହେବ ନାହିଁ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଆଡଭୋକେଟ୍ ଅମରେନ୍ଦୁ ମହାନ୍ତି,ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ସୁଶାନ୍ତ ମହାପାତ୍ର, ଭ୍ରମରବର ସାହୁ, କିଶୋର ଜେନା, ସୁକାନ୍ତ ବାରିକ, କ୍ଷୀରୋଦ ବିଶ୍ୱାଳ, କିଶୋର ଜେନା, ମିହିର ବିଶ୍ୱାଳ, ଭାବଗ୍ରାହୀ ଦାସ,ପ୍ରଶାନ୍ତ ଦାସ, ସୁବାସ ବୋଷ, ବିପିନ ବିହାରୀ ପାଢ଼ୀ, ସଞ୍ଜୟ ପରିଜା, ବଂଶୀଧର ସେଠୀ, ବାବାଜୀ ବେହେରା, ଜଗନ୍ନାଥ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ଜାତୀୟ ସ୍ତରରେ ଗଠିତ ମାନ୍ୟତାପ୍ରାପ୍ତ ସାମ୍ବାଦିକ ସଂଘ ପକ୍ଷରୁ ମହାସଚିବ କୌଡଲେ ଚନ୍ନାପା ବର୍ଷୀୟାନ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀରାମ ଦାଶ ଓ ଓଡ଼ିଶା ଏକ୍ସପ୍ରେସ ସମ୍ପାଦକ ଅମ୍ବିକା ପ୍ରସାଦ ଦାସଙ୍କୁ ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରୁଛନ୍ତି।

# ବିଜେପି ବଡ଼ ୱାଶିଙ୍ଗ ମେସିନ୍ ବୋଲି ପୁଣିଥରେ ପ୍ରମାଣିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ସ୍ଥିତ ବରପଦା ଇଂଜିନିୟରିଂ କଲେଜ ଚଞ୍ଚକତା ମାମଲାକୁ ନେଇ ଆଜି କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ ଘଟିଥିବା ଦୁର୍ନୀତିର ସୂଚନା ଦେଇଥିଲେ। ପୂର୍ବତନ ସାଂସଦ ଶ୍ରୀ ସେଠୀ କହିଲେ, ଭାରତୀୟ ଜନତା ଦଳ ଏକ ବଡ଼ ୱାସିଂ ମେସିନ ବୋଲି ପୁଣିଥରେ ନିଜକୁ ପ୍ରମାଣିତ କରିଛି। ଯାହା ବିରୁଦ୍ଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି ସେମାନଙ୍କୁ ବିଜେପିରେ ଦଳ ସାମିଲ କରୁଛି। ଏଥିରୁ ପ୍ରମାଣିତ ହେଉଛି ଯେ, ମୋଦୀ ଏବଂ ଶାହାଙ୍କ ଯୋଡି ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ନିଜ ଦଳରେ ସାମିଲ କରୁଛନ୍ତି। ଯେମିତି ଅପର ଦଳଗୁଡାକ ଦୁର୍ବଳ ହେବ। ପୁଣି ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିରେ ସାମିଲ ହେଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଭଦ୍ରକ ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଏବଂ ବିଜେଡି ନେତାଙ୍କ ବିଜେପିରେ ଯୋଗଦାନ ବିଜେପିର ଏକ ରଣନୀତି ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କହିଥିଲେ।

୧୯୫୬ ମସିହାରେ ଡ. ହରେକୃଷ୍ଣ ମହାତାବଙ୍କ ପରାମର୍ଶକ୍ରମେ ଭଦ୍ରକର ଶିକ୍ଷାବିତ୍ ନରେନ୍ଦ୍ର ଦାଶ ଏବଂ ବରପଦା ଅଞ୍ଚଳରେ ସାଧାରଣ ଜନତାଙ୍କ ଦାନ ଜମି ଉପରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ ମସିହାରେ କଂଗ୍ରେସ ସରକାରରେ ମନ୍ତ୍ରୀ ଥିବା ଯୁଗଳ କିଶୋର ପଟ୍ଟନାୟକଙ୍କ ଉଦ୍ୟମରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣ ରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା। ୧୯୯୦ ମସିହାରେ ଜନତା ଦଳ ସରକାର କ୍ଷମତାକୁ ଆସିଲା ପରେ ପ୍ରଫୁଲ୍ଲ ସାମଲ ବେଷ୍ଟ ପରିଚାଳନା କମିଟିକୁ ଇସ୍ତଫା ଦେବାକୁ ବାଧ କଲେ ନିଜେ ପରିଚାଳନା କମିଟି ଗଠନ କରି ଏହାର ମୁଖ୍ୟ ରହିଲେ ଓ ୧୯୯୨-୯୩ ମସିହାରେ ସେହି ସ୍କୁଲ ବେଷ୍ଟ ସୋସାଇଟି ନାମରେ ଏକ ପରିଚାଳନା କମିଟି ଗଠନ କରି ସରକାରୀ ରେଜିଷ୍ଟ୍ରିଭୁକ୍ତ କଲେ। ୧୯୯୫ ମସିହାରେ କଂଗ୍ରେସ ସରକାରକୁ ଆସିଲା ପରେ ମନ୍ତ୍ରୀ ଜଗନ୍ନାଥ ରାଉତ ସେହି ବେଷ୍ଟ ପରିଚାଳନା କମିଟିର ସଭାପତି ରହିଲେ।

୨୦୦୦ ମସିହାରେ ପ୍ରଫୁଲ୍ଲ ସାମଲ ପୁଣି ରାଜନୈତିକ କୌଶଳ ପ୍ରୟୋଗ କରି ପରିଚାଳନା କମିଟି ନିଜ ହାତକୁ ନେଲେ। ପୁରୁଣା ବାଏ-ଲ

## ବରପଦା ଇଂଜିନିୟରିଂ କଲେଜ ଦୁର୍ନୀତି ଟଙ୍କାରେ ଅୟସକାନ୍ତିଙ୍କ ଅୟସ: କଂଗ୍ରେସ

ଅନୁସାରେ ସ୍ଥାନୀୟ ବିଧାୟକ ସଭାପତି ରହିବାର ନିୟମ ଥିଲେ ମଧ୍ୟ ୨୦୦୭ ମସିହାରେ ପ୍ରଫୁଲ୍ଲ ବାବୁ ବିଧାୟକ ନଥାଇ ବାଏ-ଲ'କୁ ଆମୂଳଚୁଳ ପରିବର୍ତ୍ତନ କରି ବ୍ୟକ୍ତିକେନ୍ଦ୍ରିକ କରିଦେଲେ। ଏହାପରେ ୨୦୦୯ ମସିହାରେ ତାଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କୁ ପରିଚାଳନା କମିଟିର ସଭାପତି କରି ତାଙ୍କ ହାତରେ ସମସ୍ତ କ୍ଷମତା ପ୍ରଦାନ କଲେ। ବର୍ଷକୁ ୨୦ରୁ ୨୨ କୋଟି ରୋଜଗାର ଥିଲାବେଳେ ଅନୁଷ୍ଠାନର ଖର୍ଚ୍ଚ ବର୍ଷକୁ ମାତ୍ର ୮ କୋଟି ଟଙ୍କା ଥିଲା ଓ ଅନ୍ୟ ସମସ୍ତ ଟଙ୍କା ଚଳୁ କରିଦେଇଥିଲେ। ପ୍ରୟାସକାନ୍ତି ସାମଲ, ବୋହୂ ଅର୍ପିତା ଜେନା ଇତ୍ୟାଦିଙ୍କ ଦ୍ୱାରା ଅନୁଷ୍ଠାନର ମେରି ରାୟ ନୀତି ଚାଲିଲା।

ପରବର୍ତ୍ତୀ ସମୟରେ ଜିଲ୍ଲାପାଳଙ୍କ ନେତୃତ୍ୱରେ କର୍ମଚାରୀଙ୍କ ବକେୟା ଦରମା, ଇପିଏଫ, ଏଲଆଇସି, ବ୍ୟାଙ୍କ ଲୋନ ପ୍ରାୟ ୩ କୋଟି ଟଙ୍କା ଇତ୍ୟାଦି ପରିଶୋଧ ହେବା ସହିତ ଦରମା ଠିକ୍ ସମୟରେ ଦିଆଗଲା। ଏହି ସମୟରେ ପ୍ରୟାସକାନ୍ତିଙ୍କ ଦ୍ୱାରା କୋଟି କୋଟି ଟଙ୍କା ହେରଫେରର ତଥ୍ୟ ପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିକାଶ ଜେନା ଭଦ୍ରକ ପୋଲିସରେ ଏଫ.ଆଇ.ଆର. ରୁଜୁ କଲେ। କିନ୍ତୁ ଭଦ୍ରକ ଗ୍ରାମାଞ୍ଚଳ ପୋଲିସ କେସ ରେଜିଷ୍ଟ୍ରି ନ କରିବାରୁ ଶ୍ରୀ ଜେନା ଭଦ୍ରକ ଏସ୍‌ଡିଜେଏମ୍ ଭଦ୍ରକ ପୋଲିସକୁ ନିର୍ଦ୍ଦେଶ ଦେଲେ।

ଜିଲ୍ଲାପାଳଙ୍କ ନେତୃତ୍ୱରେ ଅନୁଷ୍ଠାନ ଠିକ୍ ଚାଲିଥିଲା ବେଳେ କଲେଜର ପରିଚାଳନା ଭାର ପୁଣି ହାତକୁ ନେବାପାଇଁ ପ୍ରୟାସକାନ୍ତି ଓଡ଼ିଶା ହାଇକୋର୍ଟରେ ଡବ୍ଲୁପସସି ନଂ-୧୨୭୯୬/୧୬ ମାମଲା ରୁଜୁ କଲେ। ଏଥିରେ ଦଳୀୟ ପ୍ରୀତି ଦେଖାଇ ବୈଷୟିକ ଶିକ୍ଷା ବିଭାଗ ଅନୁଷ୍ଠାନର ପରିଚାଳନା ଭାର ପୁଣି ବେଷ୍ଟ ସୋସାଇଟିକୁ ଦେବାପାଇଁ ହାଇକୋର୍ଟରେ ସତ୍ୟପାଠ ଦେବାରୁ ତା. ୧୯.୨.୨୦୧୯ରେ ହାଇକୋର୍ଟ ସର୍ତ୍ତମୂଳକ ଭାବେ ବେଷ୍ଟ ମ୍ୟାନେଜମେଣ୍ଟ ହାତରେ ଫାଇନାଲ ଶୁଣାଣି ପର୍ଯ୍ୟନ୍ତ ଏକ ମଧ୍ୟବର୍ତ୍ତୀ ଆଦେଶ ବଳରେ କ୍ଷମତା ପ୍ରଦାନ କଲେ। କିନ୍ତୁ ବେଷ୍ଟ ସୋସାଇଟି ସର୍ତ୍ତ ପୂରଣ କରିବାରେ ବିଫଳ ହେବା, କର୍ମଚାରୀମାନଙ୍କୁ ଦରମା ନଦେବା, ଏଲଆଇସି, ଇପିଏଫ ଭରଣା ନକରିବା, କର୍ମଚାରୀଙ୍କୁ ଗୁଣ୍ଡା ଲଗାଇ ମାଡ଼ ମାରିବା ଭଳି କାର୍ଯ୍ୟ ପୁଣି ଚାଲୁ ରଖିଲେ। ଏହି ସମୟରେ ଇନିୟରିଂ ସ୍କୁଲର ପ୍ରତିଷ୍ଠାତା ସଭ୍ୟ ଓ ସମ୍ପାଦକ ବିଜୟ ମହାପାତ୍ର ହାଇକୋର୍ଟରେ ଏକ କେସ୍ କଲେ। ଭଦ୍ରକ ଏଡିଏମଙ୍କୁ ଏହି କେସର ତଦନ୍ତ କିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଲେ। କିନ୍ତୁ ଭଦକ୍ର ଏଡିଏମ ତାଙ୍କର କେସ୍ ନଂ-୧/୨୦୨୩ ରେଜିଷ୍ଟ୍ରି କରି ଦରଖାସ୍ତକାରୀ ବିଜୟ ମହାପାତ୍ରଙ୍କ ଠାରୁ ସମସ୍ତ କାଗଜପତ୍ର ନେବା ସହିତ ଶୁଣାଣି କରିଥିଲେ ମଧ ପ୍ରଫୁଲ୍ଲ ସାମଲଙ୍କ ପୁଅକୁ ସୁରକ୍ଷା ଦେବାକୁ ଯାଇ ଆଉ ତଦନ୍ତ କରିଲେ ନାହିଁ ଓ କେସ୍‌କୁ ଏପର୍ଯ୍ୟନ୍ତ ଝୁଲାଇ ରଖିଛନ୍ତି। ପ୍ରୟାସକ୍ରାନ୍ତି ସାମଲ ଓଡ଼ିଶା ହାଇକୋର୍ଟରେ କରିଥିବା ଡବ୍ଲୁପିସିସି ନଂ-୧୨୭୯୬/୨୦୧୬ ତା. ୫.୧୨.୨୦୨୪ ରିଖରେ ଖାରଜ ହୋଇଯାଇଛି। ବେଷ୍ଟ ସୋସାଇଟି ଅନୁଷ୍ଠାନ ପରିଚାଳନା କରିବାକୁ ଅପାରଗ ବୋଲି ମାନ୍ୟବର ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ଫଳରେ ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନୀର ନିର୍ଦ୍ଦେଶ ନିରର୍ଥକ ହୋଇଯାଇଛି ଓ ଅନୁଷ୍ଠାନର ପରିଚାଳନା ଭାର ଆଇନ ଅନୁସାରେ ଜିଲ୍ଲାପାଳଙ୍କ ହାତରେ ନ୍ୟସ୍ତ ହେବା କଥା। କିନ୍ତୁ ଏ କ୍ଷେତ୍ରରେ ଜିଲ୍ଲାପାଳ ଏବଂ ବିଜେପି ସରକାର ନୀରବ ରହିଛନ୍ତି।

କର୍ମଚାରୀ ଓ ଜନସାଧାରଣ ଜିଲ୍ଲାପାଳ, ବିଧାୟକ, ସାଂସଦ, ମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିନାହିଁ। ବରଂ ପରିଚାଳନା କମିଟି ବିରୁଦ୍ଧରେ ଚାଲୁଥିବା ସମସ୍ତ କେସକୁ ପ୍ରତ୍ୟାହର କରିବା ପାଇଁ ନିଜେ ଜିଲ୍ଲାପାଳ ଚାପ ପକାଉଛନ୍ତି। ଇତି ମଧ୍ୟରେ ଭଦ୍ରକର ଏସ୍‌ଡିଜେଏମ କୋର୍ଟରେ ଚାଲୁଥିବା ଜିଆର କେସ୍ ନଂ-୧୬୪/୧୬ର ତଦନ୍ତ ନକରି ପୂର୍ବରୁ ମିଷ୍ଟେକ୍ ଅଫ ଫ୍ୟାକ୍ଟ ରିପୋର୍ଟ ଦେଉଥିବା ଭଦକ୍ର ଗ୍ରାମାଞ୍ଚଳ ପୋଲିସ୍ ପୁଣିଥରେ ତଦନ୍ତ କରିବାକୁ ଏସ୍‌ଡିଜେଏମ ନିର୍ଦ୍ଦେଶ ଦେଇଥିଲେ ମଧ ପୋଲିସ୍ ତଦନ୍ତ ନକରି ଓ ସିଆରପିସି ୧୬୧ ଧାରାରେ ଷ୍ଟେଟମେଣ୍ଟ ନନେଇ ମିଥ୍ୟା କାଗଜ ତିଆରି କରି ପୁଣି ମିଷ୍ଟେକ୍ ଅଫ ଫ୍ୟାକ୍ଟ ରିପୋର୍ଟ ଫଳରେ କୋର୍ଟ କେସକୁ ଡ୍ରପ କରିଦେଇଛନ୍ତି। କେବଳ ସେତିକି ନୁହେଁ କୋର୍ଟରେ ମାମଲା ରୁଜୁ କରିଥିବା ବିକାଶ ଜେନାଙ୍କ ଦସ୍ତଖତକୁ ଡ୍ରପ କରିଦେଇଛନ୍ତି। କେବଳ ସେତିକି ନୁହେଁ କୋର୍ଟରେ ମାମଲା ରୁଜୁ କରିଥିବା ବିକାଶ ଜେନାଙ୍କ ଦସ୍ତଖତକୁ ଜାଲିଆତି କରି କୋର୍ଟରେ ଦାଖଲ କରାଯାଇଛି ବୋଲି ଶ୍ରୀ ଜେନା କହିଛନ୍ତି। ବିଜେପି ଦଳ ବେଷ୍ଟର ସମସ୍ୟାକୁ ନିର୍ବାଚନରେ ଆୟୁଧ କରି ନିର୍ବାଚନ ଜିତିଥିବା ବେଳେ ଏବେ ସେହି ଦୁର୍ନୀତିକାରୀଙ୍କୁ ଦଳରେ ମିଶାଇବା ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଇଞ୍ଜିନିୟରିଂ କଲେଜ ଶହ ଶହ କୋଟି ଟଙ୍କା ଲୁଟ୍‌ରୁ କେତେ ଏମାନଙ୍କ ପକେଟକୁ ଯାଇଛି ଓ ରାଜ୍ୟ କାର୍ଯ୍ୟାଳୟରେ ବିଜେପି ସଭାପତି ଏଥିରୁ କେତେଭାଗ ପାଇଛନ୍ତି ତାହା ସାଧାରଣ ଜନତାଙ୍କୁ କହିବେ କି? କେଉଁ ନୈତିକ ଆଧାରରେ ଜନସାଧାଣଙ୍କ ସମସ୍ୟାକୁ ଆଖି ବୁଜିଦେଇ ଅନୁଷ୍ଠାନ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ଅନୁଷ୍ଠାନର ଅଧୋଗତି ପାଇଁ ଦାୟୀ ଗୁଣ୍ଡାରାଜ ଓ ବୋମା ମାଡ଼ କରିଥିବା ଏବଂ ଜନସାଧାରଣଙ୍କ ସମ୍ପତ୍ତିକୁ ଲୁଟ କରିଥିବା ଅଭିଯୁକ୍ତମାନଙ୍କୁ ଦଳରେ ମିଶାଇ ମନମୋହନ ସାମଲ ଓଡ଼ିଶାବାସୀଙ୍କୁ କି ସନ୍ଦେଶ ଦେଉଛନ୍ତି ବୋଲି କହିଛି କଂଗ୍ରେସ।

# ନୂତନ ଆନିମଲ ଆମ୍ବୁଲାନ୍ସର ଉନ୍ମୋଚନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବିକାଶ ଭବନ ପରିସରରେ କଟକ ମହାନଗର ନିଗମ ମେୟର ସୁବାଷ ସିଂହ ଦୁଇଟି ଆନିମଲ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ। କଟକ ମହାନଗର ନିଗମ ଅଞ୍ଚଳରେ ନିରୀହ ଜୀବ ଓ ପଶୁ ପକ୍ଷୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ଜି.ଏସ. ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ଦୁଇଟି ଆନିମଲ ଆମ୍ବୁଲାନ୍ସ କଟକ ମହାନଗର ନିଗମକୁ ହସ୍ତାନ୍ତର କରାଯାଇଥିଲା। ଆଜିର ଏହି ଉତ୍ସବରେ ମାନ୍ୟବର ସି.ଏମ.ସି କମିଶନର କିରଣଦୀପ କୌର ସହୋତା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ପ୍ରଳୟା ବେଉରା, ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷା ଦିପ୍ତିମୟୀ ମୁଲିଆ, କର୍ପୋରେଟର ବନଲତା ପ୍ରଧାନ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି, କର୍ପୋରେଟର ଦୀପକ କୁମାର ଦାସ, ଜି.ଏସ. ହେଲପିଙ୍ଗ ଫାଉଣ୍ଡେସନର ସଭ୍ୟ ସଭ୍ୟା, ସି,ଏମ.ସି ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 8th December, 2025 Monday | RNI Regd. No. ODIODI/2009/28880


## ହେଲ୍‌ଥ ଟନିକ୍



### ପତିଙ୍କୁ ପତ୍ନୀଙ୍କ ମେସେଜ୍

ଅଫିସ୍‌ରେ କାମ କରୁଥିବା ପତିଦେବଙ୍କ ମୋବାଇଲ୍‌କୁ ପତ୍ନିଦେବୀଙ୍କ ଏକ ମେସେଜ ଆସିଲା। ସେଥିରେ ଲେଖା ଥିଲା- ଆଚ୍ଛା, ଆମ ପଡ଼ିଶା ଘରେ ରହୁଥିବା ମହିଳାଙ୍କ ଚେହେରା ତମକୁ କେମିତି ଲାଗେ ?

ପତିଦେବ ଚିନ୍ତାରେ ପଡ଼ିଲେ। ଏ ବୋଧେ ଜାଣିଦେଲା ନା କ'ଣ ? ଭାବି ପତିଦେବ ପତ୍ନୀଙ୍କୁ ଖୁସି କରିବା ପାଇଁ ମେସେଜଟିଏ ପଠେଇଲେ- ତା'କଥା କାହିଁକି କହୁଛ ? ସେଇଟା କ'ଣ ଦେଖିବାକୁ ମ ? ବାନ୍ଦେରୀଟା। ମନେ ମନେ ଭାବେ ସୁନ୍ଦରୀ।

ଏହି ମେସେଜଟି ପଠାଇଦେବା ପରେ ପତିଦେବଙ୍କ ମୋବାଇଲକୁ ପତ୍ନୀଙ୍କ ପାଖରୁ ଆଉ ଗୋଟେ ମେସେଜ ଆସିଲା। ସେଥିରେ ଲେଖା ଥିଲା- ଅଫିସ୍‌ରୁ ଫେରିଲା ବେଳେ ମୋ ପାଇଁ ନୂଆ ଶାଢ଼ୀଟିଏ ଆଣିଥିବ। ନହେଲେ ତମେ ଯୋଉ ମେସେଜ ପଠେଇଛ ମୁଁ ସେଇଟା ନେଇ ତାକୁ ଦେଖେଇଦେବି। ବୁଝିପାରୁଛ ତ ?

# ବାରବାଟୀ ମ୍ୟାଚ ଲାଗି ସୁରକ୍ଷା ଦାୟିତ୍ୱରେ ୫୧ ପ୍ଲାଟୁନ ପୁଲିସ

କଟକ,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା ୯ ତାରିଖରେ ହେବାକୁ ଥିବା ବାରବାଟୀ ମ୍ୟାଚ ପାଇଁ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।



### ସ୍ୱତନ୍ତ୍ର 'ଆମ ବସ୍' ସେବା

ମ୍ୟାଚ ଲାଗି ଟ୍ୱିନ ସିଟିରେ ସୁରକ୍ଷା ଦାୟିତ୍ୱରେ ୫୧ ପ୍ଲାଟୁନ ପୁଲିସ ଫୋର୍ସ ରହିବେ ବୋଲି ନିଷ୍ପତ୍ତି ହୋଇଛି। ରବିବାର ଏ ନେଇ ପୁଲିସ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଏଥିରେ ପୁଲିସ କମିଶନର ଏବଂ କଟକ ଡିସିପି ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।

ସେହିପରି ମ୍ୟାଚ ସମୟରେ ଯାନବାହନ ପାର୍କିଂ ପାଇଁ ୬ଟି ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଛି। ଭିଆଇପିମାନଙ୍କ ଲାଗି ଉପର ବାଲିଯାତ୍ରା ପଡ଼ିଆରେ ପାର୍କିଂ ବ୍ୟବସ୍ଥା ହୋଇଛି। ସେହିପରି ସାଧାରଣ ଦର୍ଶକମାନେ ତଳ ବାଲିଯାତ୍ରା ପଡ଼ିଆରେ ପାର୍କିଂ କରିବେ। ଓସିଏ ସଦସ୍ୟ ଏବଂ ବିଶିଷ୍ଟ ବ୍ୟକ୍ତିମାନେ କ୍ରିକେଟ ଏକାଡେମୀ ପଡ଼ିଆରେ ପାର୍କିଂ କରିବେ। ଟେଲିଭିଜନ ଚ୍ୟାନେଲ କର୍ମଚାରୀ ଏବଂ ପାସଧାରୀମାନେ ଅଶ୍ୱଦ୍ୱାର ସମ୍ମୁଖରେ ଗାଡ଼ି ପାର୍କ କରିବେ। ଓସିଏ କ୍ଲବରେ ଭିଆଇପି ଓ ପାସଧାରୀଙ୍କ ପାଇଁ ବ୍ୟବସ୍ଥା ହୋଇଛି। ସେହିପରି ଜାଭିୟର ସ୍କୁଲରେ ଭିଆଇପି ଓ ପାସଧାରୀଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷରେ କ୍ରିକେଟ୍ ମ୍ୟାଚ୍‌କୁ ଲକ୍ଷ୍ୟ କରି କ୍ରୁଟ୍ ପକ୍ଷରୁ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଏକାଧିକ ସ୍ଥାନରୁ ଚଳାଚଳ ହେବାକୁ ଥିବା ଏହି ସଟଲ ବସ୍ ସେବା କଟକ ବାରବାଟୀ ଷ୍ଟାଡିୟମ ନିକଟରେ ପହଞ୍ଚିବ। କଟକ ରେଳ ଷ୍ଟେସନରୁ ସିଏନ୍‌ଭିଟି ଏବଂ ବାରବାଟୀ ଷ୍ଟାଡିୟମ ଅଞ୍ଚଳରେ ଜନଗହଳି ପରିସ୍ଥିତିକୁ ଆଧାର କରି ବସ୍ ଚଳାଚଳ କରିବ। ମ୍ୟାଚ୍ ପୂର୍ବରୁ ଅପରାହ୍ନ ୪ଟାରେ କଟକ ରେଳ ଷ୍ଟେସନରୁ ସଟଲ ସେବା ଆରମ୍ଭ ହେବ। ମ୍ୟାଚ୍ ଶେଷ ପରେ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ବାରବାଟୀ ଷ୍ଟାଡିୟମରୁ ସଟଲ ବସ୍ ସେବା ଜାରି ରହିବ।

ବାରବାଟୀ ଷ୍ଟାଡିୟମରୁ କଟକ ରେଳଷ୍ଟେସନକୁ ଯିବା ବସ୍ ଗଡଗଡ଼ିଆ ଘାଟ, ଚହଟା ଘାଟ, ସତୀଚୌରା, ଜୁଡିସିଆଲ ଏକାଡେମୀ, ସିଏନ୍‌ଭିଟି, ବାଦାମବାଡ଼ି, ଲିଙ୍କ ରୋଡ୍ ଏବଂ ଓଏମପି ଛକ ରୁଟ୍ ମଧ୍ୟ ଦେଇ ରେଳଷ୍ଟେସନ୍ ଯାଏଁ ଚଳାଚଳ କରିବ। ସଟଲ ସେବାର ନିର୍ଦ୍ଧାରିତ ଭଡ଼ା ୨୦ ଟଙ୍କା ରହିବ। ସେହିପରି ଭୁବନେଶ୍ୱରରୁ ଯାତ୍ରା କରୁଥିବା ଦର୍ଶକଙ୍କ ପାଇଁ ମ୍ୟାଚ୍ ଶେଷ ପରେ ଦୁଇଟି ଅସ୍ଥାୟୀ ସ୍ୱତନ୍ତ୍ର ରୁଟ୍ ପରିଚାଳନା ହେବ। ରୁଟ୍ ନମ୍ବର ୧ରେ ବାରବାଟୀ ଷ୍ଟାଡିୟମରୁ ବିଏସ୍‌ଏବିଟି ଓ ବରମୁଣ୍ଡା ପର୍ଯ୍ୟନ୍ତ ଚାଲିବ। ଏହା ଜୁଡିସିଆଲ ଏକାଡେମୀ, ନନ୍ଦନକାନନ ଏବଂ ଜୟଦେବ ବିହାର ଦେଇ ଗଡ଼ିବ। ରୁଟ୍ ୨ରେ ବାରବାଟୀ ଷ୍ଟାଡିୟମରୁ ଭୁବନେଶ୍ୱର ରେଳଷ୍ଟେସନ ଯିବ। ସିଏନ୍‌ଭିଟି, ଲିଙ୍କ ରୋଡ୍, ଜାତୀୟ ରାଜପଥ ଦେଇ ଯିବ। ଉଭୟ ରୁଟ୍ ପାଇଁ ଏକ ନିର୍ଦ୍ଧାରିତ ମୂଲ୍ୟ ୪୦ ଟଙ୍କା ରହିବ। ବସଗୁଡିକ ପ୍ରତି ୨୦ ମିନିଟ୍ ଅନ୍ତରରେ ଚଳାଚଳ କରିବ। ଏହି ସ୍ୱତନ୍ତ୍ର ସେବା ବ୍ୟତୀତ ଭୁବନେଶ୍ୱର ଏବଂ କଟକ ମଧ୍ୟରେ ପରିଚାଳିତ ଆମ ବସ୍ ରୁଟ୍ ପୂର୍ବଭଳି ଚାଲୁ ରହିବ। ଏହି ରୁଟ୍ ସିଏନ୍‌ଭିଟି, ଜୁଡିସିଆଲ୍ ଏକାଡେମୀ, ବାରବାଟୀ ଷ୍ଟାଡିୟମ ଏବଂ କଟକ ରେଳଷ୍ଟେସନ ଭଳି ପ୍ରମୁଖ ସ୍ଥାନରେ ସହଜରେ ପହଞ୍ଚି ହେବ। ରୁଟ୍ ୧୦ରେ ମନୁ ବିଶ୍ୱବିଦ୍ୟାଳୟରୁ ଭୁବନେଶ୍ୱର ବିମାନବନ୍ଦର, ରୁଟ୍ ୧୫ରେ ସିଏନ୍‌ଭିଟିରୁ ଉତ୍କଳ ହସ୍ପିଟାଲ, ରୁଟ୍ ୧୬ରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରୁ ଭୁବନେଶ୍ୱର ରେଳଷ୍ଟେସନ, ରୁଟ୍ ୧୭ରେ ବାରବାଟୀ ଷ୍ଟାଡିୟମରୁ ଭୁବନେଶ୍ୱର ବିମାନବନ୍ଦର, ରୁଟ୍ ୧୮ରେ ଜଗତପୁରରୁ ବରମୁଣ୍ଡାରେ ପହଞ୍ଚିବ। ରୁଟ୍ ୧୯ରେ ମହାନଦୀ ବିହାରରୁ ଏମ୍ସ, ରୁଟ୍ ୮୨ରେ ଏସିବି ମେଡିକାଲରୁ ବିମାନବନ୍ଦର ରୁଟଗୁଡ଼ିକରେ ମଧ୍ୟ ଦୈନନ୍ଦିନ ଭଳି ଯାତ୍ରୀଙ୍କୁ ସେବା ଜାରି ରହିବ। କଟକ ଜିଲା ମଧ୍ୟରେ ସଂଯୋଗ ସୁବିଧା ପାଇଁ ରୁଟ୍ ୮୧ରେ (ବାରବାଟୀ ଷ୍ଟାଡିୟମରୁ ସାଲେପୁର), ରୁଟ୍ ୮୬ରେ (ଚହଟା ଘାଟରୁ କଟକ ରେଳଷ୍ଟେସନ୍) ଏବଂ ରୁଟ୍ ୮୮ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ଏସ୍ସିବି ମେଡିକାଲ୍, ଜୁଡିସିଆଲ୍ ଏକାଡେମୀ, ସିଏନବିଟି ଏବଂ ଦୋଳମୁଣ୍ଡାଇ ମଧ୍ୟ ଦେଇ ଚଳାଚଳ କରିବ। ଠିକ ସେବା ପାଇବା ପାଇଁ ଯାତ୍ରୀଙ୍କୁ ଆମ ବସ୍ ମୋବାଇଲ୍ ଆପ୍ ଏବଂ କ୍ରୁଟ ସୋସିଆଲ୍ ମିଡ଼ିଆ ହ୍ୟାଣ୍ଡେଲ୍‌କୁ ଅନୁସରଣ କରିବାକୁ କ୍ରୁଟ୍ ପକ୍ଷରୁ ସୂଚନା ଜାରି କରାଯାଇଛି।

### ଶେଷ ପର୍ଯ୍ୟନ୍ତ ମ୍ୟାଚ ଦେଖିବେ ମୁଖ୍ୟମନ୍ତ୍ରୀ

କଟକ,୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଆସନ୍ତା ୯ ତାରିଖରେ କଟକ ବାରବାଟୀ ଷ୍ଟାଡିଅମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚ ଦେଖିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରବିବାର ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମ୍ୟାଚକୁ ଉପଭୋଗ କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ କେତେକ ମନ୍ତ୍ରୀ ମଧ୍ୟ ମ୍ୟାଚ ଦେଖିବାକୁ ଆସିପାରନ୍ତି ବୋଲି ସୂଚନା ମିଳିଛି।

ଅନ୍ୟପଟେ ଦୁଇ ଦଳ ଖେଳାଳି ରବିବାର ସୁଦ୍ଧା ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପୂର୍ବରୁ ମଧ୍ୟ କିଛି ଖେଳାଳି ଭୁବନେଶ୍ୱରରେ ପହଞ୍ଚିଥିଲେ। ସୋମବାରଠାରୁ ବାରବାଟୀ ପଡ଼ିଆରେ ନେଟ୍ ପ୍ରାକ୍ଟିସ ହେବ ବୋଲି ସୂଚନା ଦିଆଯାଇଛି। ନେଟ୍ ପ୍ରାକ୍ଟିସ ଦେଖିବା ଲାଗି ୨ଟି ଗ୍ୟାଲେରି ଖୋଲା ରହିଛି। ଦୁଇ ଦଳର ଖେଳାଳିମାନେ ସୋମବାରଠାରୁ ନେଟ୍ ପ୍ରାକ୍ଟିସ କରିବେ। ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଭାରତୀୟ ଦଳ ପଡ଼ିଆରେ ଅଭ୍ୟାସ କରିବେ। ଏହା ପରେ ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଦକ୍ଷିଣ ଆଫ୍ରିକା ଦଳ ଅଭ୍ୟାସ କରିବେ।

## ମହିଳାଙ୍କ ହତ୍ୟାକୁ ନେଇ ଦୁଇ ଗାଁ ମୁହାଁମୁହିଁ

# ଭାଙ୍ଗିଲା ୫୦ରୁ ଊର୍ଦ୍ଧ୍ୱ ଘର



ମାଲକାନଗିରି,୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୋରକୋଣ୍ଡା ବ୍ଲକର ମାରିବାଡା ପଞ୍ଚାୟତର ଏମଭି-୨୬ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଶତାଧିକ ଆଦିବାସୀ ଲୋକେ ଗାଁରେ ପଶି ୫୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିବା ସହ ନିଆଁ ଲଗାଇ ଦେଇଛନ୍ତି। ଏଥିସହ ଦୋକାନ ଲୁଟିବା ସହ ଅଟୋ, ବାଇକ୍‌କୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ପୁଲିସ ଉପସ୍ଥିତ ଥିଲେ ମଧ୍ୟ ଦେଖଣାହାରି ହୋଇଥିଲା। ଏତେ ଲୋକଙ୍କୁ ଅଟକାଇବାରେ ସଫଳ ହୋଇନଥିଲା ପୁଲିସ।

ଘଟଣା ଅନୁଯାୟୀ କୋରକୋଣ୍ଡା ବ୍ଲକର ରାଖାଲଗୁଡା ଗ୍ରାମର ମହିଳା ଲାକେ ପଡିଆମିଙ୍କ ମୁଣ୍ଡ ବିହୀନ ଶବ ଗତ ୪ ତାରିଖ ଦିନ ଡୁଡାମେଟଲା ନଦୀ କୂଳରେ ମିଳିଥିଲା। ଏହା ପରେ ଗ୍ରାମବାସୀ ଏବଂ ଆଦିବାସୀ ମହାସଂଘ ପକ୍ଷରୁ ପୁଲିସକୁ ତୁରନ୍ତ ମୁଣ୍ଡ ଏବଂ ଅଭିଯୁକ୍ତକୁ ଗିରଫ କରିବା ପାଇଁ ଦାବି କରାଯାଉଥିଲା। ଶନିବାର ମଧ୍ୟ ଶତାଧିକ ଆଦିବାସୀ ରାଖାଲଗୁଡା ଗ୍ରାମରେ ଏକତ୍ର ହୋଇ ମେଳି କରି ପୁଲିସକୁ ଚେତାବନୀ ଦେଇଥିଲେ। ଏହା ପରେ ଆଜି ଶହଶହ ଆଦିବାସୀ ପୁରୁଷ ଓ ମହିଳା ଏକତ୍ର ହୋଇ ଏମଭି-୨୬ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଏକ ବୈଠକ କରିଥିଲେ। ସମସ୍ତ ଆଦିବାସୀ ହାତରେ ପାରମ୍ପରିକ ଆସ୍ତ୍ରଶସ୍ତ୍ର ଧରିଥିଲେ। ଏହି ଖବର କୋରକୋଣ୍ଡା ପୁଲିସ ପାଇ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲା। କିନ୍ତୁ ଲୋକେ ପୁଲିସ କଥାକୁ ଶୁଣିନଥିଲେ। ପରେ ଅପରାହ୍ନ ୪ଟା ବେଳେ ହଠାତ୍ ଲୋକେ ଉଗ୍ର ହୋଇଥିଲେ। ଶହଶହ ଲୋକେ ଗ୍ରାମବାସୀଙ୍କ ଘରେ ପଶି ଭଙ୍ଗାରୁଜା କରିବା ସହ ଲୁଟପାଟ କରିଥିଲେ। ଯାହାପାରିଲେ ଭାଙ୍ଗିଲେ। ଦୋକାନର ସମସ୍ତ ସାମାନ ଲୁଟି ନେଲେ। ପୁଲିସ କେବଳ ଦେଖଣାହାରି ହୋଇ ରହିଯାଇଥିଲା। ପୁଲିସ ଲୋକଙ୍କୁ ଆୟତ୍ତ କରିବାକୁ ଯେତେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଲୋକଙ୍କର ଉଗ୍ର ରୂପ ଆଗରେ ପୁଲିସ ହାର ମାନିଥିଲା। ଲୋକଙ୍କର ଘରକୁ ନିଆଁ ମଧ୍ୟ ଲଗାଇ ଦେଇଥିଲେ। ସବୁ ଛିନଛତର୍ କରିବା ପରେ ସେଠାରୁ ଚାଲି ଯାଇଥିଲେ।

ଖବର ପାଇ ମାଲକାନଗିରି ଏସପି ବିନୋଦ ପାଟିଲ ଏଚ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଉପଜିଲ୍ଲାପାଳ ଅଶ୍ୱିନ ଏ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ସମେତ ମାଲକାନଗିରି ଆଇଆଇସି ରିଗାନ କିଣ୍ଡୋ, କୋରକୋଣ୍ଡା ଆଇଆଇସି ହିମାଂଶୁ ବାରିକ, ବାଲିମେଳା ଆଇଆଇସି ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖଙ୍କ ସହ ଶତାଧିକ ପୁଲିସ, ବିଏସଏଫ ଯବାନ ମଧ୍ୟ ଗାଁରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ କାନ୍ଦରେ ଗାଁ ଫାଟି ପଡୁଥିଲା। ଲୋକେ ରାତିରେ କିପରି ରହିବେ ତାକୁ ନେଇ ଚିନ୍ତା କରୁଥିଲେ। ପ୍ରଶାସନ ସୁରକ୍ଷା ନଦେଲେ ରାତିରେ ପୁଣି ଆକ୍ରମଣର ଭୟ ରହିଥିବା ଗ୍ରାମବାସୀ କହିଥିଲେ। ରାସ୍ତାରେ ଥିବା ଅଟୋ, ମଟର ସାଇକେଲ ସବୁକୁ ଭାଙ୍ଗି ଗୁଣ୍ଡ କରିଦେଇଥିଲେ। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ସହ ତଦନ୍ତ କରୁଥିବା ଜଣାପଡିଛି।

# ପ୍ରଭାବଶାଳୀ ବ୍ୟକ୍ତିଙ୍କ ମାଲିକାନାରେ ସରକାରୀ ଜାଗା: ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ

ପଟ୍ଟାମୁଣ୍ଡାଇ,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଂଚଳର ଏକର ଏକର ସରକାରୀ ଜାଗା ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରି କବ୍‌ଜାରେ ରଖିଛନ୍ତି। ମୂଲ୍ୟବାନ ଜାଗାକୁ କେବଳ ମାଡ଼ି ବସି ନାହାନ୍ତି, ସ୍ଥାୟୀ ବାସଗୃହ ସହ ଦୋକାନ ଘର ନିର୍ମାଣ କରିଛନ୍ତି। ପ୍ରଶାସନ ଏହି ମୂଲ୍ୟବାନ ସରକାରୀ ଜାଗାକୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ମୋହନ ସରକାରଙ୍କ କଡ଼ା ଆଭିମୁଖ୍ୟକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସାଲିଆସାହି ଉଚ୍ଛେଦ ଘଟଣା ବିଭିନ୍ନ ମହଲରେ ବିପୁଳ ସମର୍ଥନ ଥିବାର ବିଷୟ ସୋସିଆଲ ମିଡ଼ିଆରୁ ସ୍ପଷ୍ଟ ହେଇଛି। ମାତ୍ର ପଟ୍ଟାମୁଣ୍ଡାଇ ଅଂଚଳରେ ଧନୀ, ବଡ ବ୍ୟବସାୟୀ ପ୍ରଭାବଶାଳୀ ବ୍ୟକ୍ତିମାନେ ଅନାୟାଶାରେ ଜବର ଦଖଲ କରିଥିବା ବହୁମୂଲ୍ୟ ସରକାରୀ ଜମିକୁ ଉଚ୍ଛେଦ କରାଯାଉନାହିଁ। ମାତ୍ର କେହି କେହି ରାସ୍ତା ପାର୍ଶ୍ୱରେ ଦୋକାନଟିଏ ଦେଇଥିବା ବେଳେ ତାଙ୍କୁ ଭାଙ୍ଗି ଦେଇ ଦାଇତ୍ୱ ସମ୍ପର୍ଣ୍ଣ କରୁଥରବା ଭଳି ଘଟଣା ଦେଖାଯାଇଛି।

ଆଇନଜୀବୀ ପ୍ରମୋଦ ସାହୁ କୁହନ୍ତି ଏହି ସରକାରୀ ଜାଗା ଗୁଡିକ ଅସାମାଜିକ ବ୍ୟକ୍ତି ମାନେ ଅକ୍ତିଆର କରି ତାକୁ ପ୍ଲଟିଙ୍ଗ କରି ନିରୀହ ଜନସାଧାରଣଙ୍କୁ ବିକ୍ରି କରୁଛନ୍ତି। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଭାବେ ଗଣ୍ଡଗୋଳ ଘଟି ହଣା ମରା ହୋଇ ଥାନାର ଦ୍ୱାରସ୍ଥ ହେଉଥିବାର ବହୁ ନଜିର ଦେଖିବାକୁ ମିଳୁଛି। ଜବରଦଖଲ ଘଟଣା ପୋଲିସ ପାଇଁ ଅଯଥା ମୁଣ୍ଡବିନ୍ଧାର କାରଣ ପାଲଟିଛି। ସହରରେ ଜବର ଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ପ୍ରଶାସନ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାହସ କରୁନାହିଁ। ଏପରିକି ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ଉଚ୍ଛେଦ ନକରିବା ପଛରେ କଣ ଉଦ୍ଦେଶ୍ୟ ରହିଛି ତାହା ଜାଣିବା ପାଇଁ ଲୋକମାନେ ଉତ୍କଣ୍ଠାର ସହ ଚାହିଁ ବସିଛନ୍ତି।

ବୁଦ୍ଧିଜୀବୀ ଶତ୍ରୁଜୀତ ନାୟକଙ୍କ ସହ ଜଣେ ଅବସରପ୍ରାପ୍ତ ରାଜସ୍ୱ ବିଭାଗୀୟ ଅଧିକାରୀ କୁହନ୍ତି ପଟ୍ଟାମୁଣ୍ଡାଇ ଅଂଚଳରେ ବହୁ ସରାକରୀ ଜାଗା ୧୯୩୫ /୧୯୮୦ ବନ୍ଦୋବସ୍ତରେ କେତେକ ପ୍ରଭାବଶାଳି ଲୋକେ ନିଜ ନାମକୁ କରିନେଇଥିଲେ। ପରେ ନଦୀପଠା, ଅନାବାଦୀ, ଗୋଚର ଜାଗାକୁ କଂଗ୍ରେସ ସରକାର ସମୟରେ ତହସିଲଦାରଙ୍କୁ ହାତକରି ନିଜନାମକୁ କରିନେଇଛନ୍ତି। ଫଳରେ ପଟ୍ଟାମୁଣ୍ଡାଇ ଅଂଚଳର ପରିବହନଜାଗା, ଗୃହରାସ୍ତା ବିଭାଗ ଜାଗା, ବିଦ୍ୟୁତ ବିଭା. ଜଳାଶୟ, ନୟନଜୋରୀ, କେନାଲ ଓ ରାଜସ୍ୱ ବିଭାଗର ମୁଲ୍ୟବାନ ଜାଗା ନିଜନାମକୁ କରିନେଲେ। ମାତ୍ର ଏଠାକାର ତହସିଲ ନିକଟରେ ପ୍ରମାଣ ଅଭାବରୁ ଉଚ୍ଛେଦ କରାଯାଇପାରୁ ନାହିଁ। ଅନ୍ୟପକ୍ଷରେ ଯଦି ତହସିଲ ପକ୍ଷରୁ ଉଚ୍ଛେଦପାଇଁ ନୋଟିସ କରାଯାଉଛି। ସେମାନେ ଉଚ୍ଚନ୍ୟାୟାଳରୁ ସ୍ଥଗିତାଦ୍ଧେଶ ଆଣି ପ୍ରକ୍ରୀୟାକୁ ବାଟବଣା କରୁଛନ୍ତି। ଏପରିକି ସ୍ୱାଧିନତା ପୂର୍ବରୁ ସରକାରୀ ଜାଗାରେ ହୋଇଥିବା ସରକାରୀ କାର୍ଯ୍ୟାଳୟକୁ ଜଣେ ପ୍ରଭାବଶାଳି ବ୍ୟକ୍ତି ନିଜଜାଗା ଦଖଲ ଦେଖାଇ ଭଡା ଆଦାୟ ପାଇଁ ମସୁଧାକରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ଜବରଦଖଲ ଜମି ୩ମାସ ମଧ୍ୟରେ ସରକାରୀ ଖାତାକୁ ଆଣିବାକୁ ରାଜ୍ୟର ସମସ୍ତ ଜିଲାପାଳ ଓ ତହସିଲଦାରଙ୍କୁ ଗତ ଅଗଷ୍ଟରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ହାଇକୋର୍ଟ ବେଂଚରେ ମଧ୍ୟ ଏସମ୍ପର୍କରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦର୍ଶାଇଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନ ସବୁଜାଣି ଚୁପ ବସିଥିବା ଜଣାପଡିଛି। ଗତ କିଛିବର୍ଷ ପୂର୍ବେ ଅଯୋଧ୍ୟା ରାମମନ୍ଦିର-ବାବରି ମସଜିଦ ଘଟଣାର ସୁପ୍ରିମ କୋଟରେ ଚାଲୁଥିବା ମାମଲାରେ ପ୍ରାଚିନ ତାଳପତ୍ର ଗ୍ରନ୍ଥକୁ ଆଧାର କରି ଉକ୍ତ ସ୍ଥାନରେ ପ୍ରଭୁ ଶ୍ରୀରାମ ଜନ୍ମଭୂମିଥିବାର ପ୍ରମାଣ ମିଳିପାରିଥିଲା। ତାହାହେଲେ ୧୯୩୫/୧୯୮୦ ବନ୍ଦୋବସ୍ତକୁ ନଜରକୁ ଆଣି ପଟ୍ଟାମୁଣ୍ଡାଇ ଅଂଚଳରେ ଜବର ଦଖଲ ହୋଇଥିବା ନଦୀ, ନାଳ, ଅନାବାଦି, ଗୋଚର, ରକ୍ଷିତ ଓ ପୋତା ଗୋବରୀ ନଦୀ ଉଚ୍ଛେଦ କାହିଁକି ପ୍ରଶାସନ କରୁନାହାଁନ୍ତି ବୋଲି ପ୍ରଶ୍ନ ଉଠାଇବା ସହିତ ଖାଲି ଜନସାଧାରଣଙ୍କ ଟିକସ ଟଙ୍କାରେ ବେତନ ନେଇ ଦାୟିତ୍ୱ ସଂପନ୍ନ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏନେଇ ଉପ ଜିଲାପାଳ ଅରୁଣ ନାୟକଙ୍କୁ ପଚାରିବାରେ ସେପରି କିଛି ପିଟିସନ ହସ୍ତାଗତ ହୋଇନଥିବାରୁ ତଦନ୍ତ ଆଗେଇପାରୁ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ନାଇଟ୍ କ୍ଲବ୍‌ରେ...

ଥିବା ନାଇଟ୍ କ୍ଲବର କର୍ମଚାରୀମାନେ ମଧ୍ୟ ବାହାରି ପାରି ନଥିଲେ। ବହୁ ଲୋକେ ନାଇଟ୍ କ୍ଲବ୍ ବାହାରକୁ ଚାଲିଆସିବାରେ ସଫଳ ହୋଇଥିଲେ।

ଫାତିମା କହିଛନ୍ତି ଯେ ନାଇଟ୍ କ୍ଲବ୍ ଭିତରେ ଶୁଖିଲା ତାଳପତ୍ରରେ ତିଆରି ଅନେକ ସ୍ଥାନାନ୍ତର ହୋଇପାରୁଥିବା ଜିନିଷ ରହିଥିଲା। ସେଗୁଡିକ ସହଜରେ ନିଆଁ ଧରିଥିଲା। ଏଣୁ ଅତି ଅଳ୍ପ ସମୟ ମଧ୍ୟରେ ସ୍ଥିତି ଭୟଙ୍କର ରୂପ ଧାରଣ କରିଥିଲା।

'ବର୍ଚ୍ଚ ବାଏ ରୋମିଓ ଲେନ୍' ନାଇଟ୍ କ୍ଲବକୁ ଏକ ଆଇଲ୍ୟାଣ୍ଡ କ୍ଲବ୍ ଭାବେ ଉପସ୍ଥାପିତ କରାଯାଏ। କାରଣ ଏହାକୁ ଅରପୋରା ନଦୀର ବ୍ୟାକ୍‌ୱାଟର ବା ପଛୁଆ ପାଣିରେ ନିର୍ମାଣ କରାଯାଇଛି। ତେବେ ସେଠାକୁ ଯା'ଆସ କରିବାକୁ ରହିଛି ସଂକୀର୍ଣ୍ଣ ପଥ। ଫଳରେ ଅଗ୍ନିଶମ ବାହିନୀର ପାଣି ଭର୍ତ୍ତି ଗାଡି କ୍ଲବ୍ ନିକଟକୁ ଯାଇପାରି ନଥିଲା। ପ୍ରାୟ ୪୦୦ ମିଟର ଦୂରରେ ଗାଡି ରଖିବାକୁ ପଡିଥିଲା। ସେଥିପାଇଁ ନିଆଁ ଲିଭାଇବା ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି। ସେହିପରି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି ଯେ ମୃତକଙ୍କ ମଧ୍ୟରୁ ଅନେକ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଛନ୍ତି। ନିଆଁ ଲାଗିବା ଯୋଗୁ ନିର୍ଗତ ହୋଇଥିବା ଧୂଆଁରେ ସେମାନେ ଅଣନିଃଶ୍ୱାସୀ ହୋଇଯାଇଥିଲେ।

ଅରପୋରା-ନାଗୋଆ ପଞ୍ଚାୟତର ସରପଞ୍ଚ ରୋଶନ ରେଦକର କହିଛନ୍ତି ଯେ ଏହି ନାଇଟ୍ କ୍ଲବର ମାଲିକମାନଙ୍କ ମଧ୍ୟରେ ବିବାଦ ଥିଲା। ସେମାନେ ପରସ୍ପର ବିରୋଧ ପଞ୍ଚାୟତରେ ଅଭିଯୋଗ କରିଥିଲେ। ଆମେ ନାଇଟ୍ କ୍ଲବ୍ ପରିସରରେ ଆସି ତଦନ୍ତ କରିଥିଲୁ। ଯାଞ୍ଚ ବେଳେ ଆମେ ଜାଣିବାକୁ ପାଇଥିଲୁ ଯେ ଏହାକୁ ବେଆଇନ ଭାବେ ନିର୍ମାଣ କରାଯାଇଛି। ତେଣୁ ଏହାକୁ ଭାଙ୍ଗିବା ପାଇଁ ପଞ୍ଚାୟତ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କିନ୍ତୁ ପଞ୍ଚାୟତ ନିର୍ଦ୍ଦେଶାଳୟ ପକ୍ଷରୁ ଏହା ଉପରେ ରୋକ୍ ଲଗାଯାଇଥିଲା।

ଇତିମଧ୍ୟରେ ଏହି ଅଗ୍ନିକାଣ୍ଡର ଏକ ଭିଡିଓ ସାମ୍ନାକୁ ଆସିଛି। ମହବୁବା ମହବୁବା ଗୀତର ତାଳେ ତଳେ ଜଣେ ନର୍ତ୍ତକୀ ନୃତ୍ୟ ପରିବେଷଣ କରୁଥିବା ବେଳେ ନାଇଟ୍ କ୍ଲବର ଛାତରେ ନିଆଁ ଲାଗିଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି। ତେଣୁ ନିଆଁ ଲାଗିବାର କାରଣକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ତଦନ୍ତ ପରେ ସଠିକ୍ କାରଣ ଜଣାପଡିବ। ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ନାଇଟ୍ କ୍ଲବ୍ ମାଲିକଙ୍କ ନାଁରେ ମାମଲା ରୁଜୁ ହୋଇଛି।

### ଜଳ ସଂରକ୍ଷଣ...

ଲୁଣା, ଚିତ୍ରୋତ୍ପଳା, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ବ୍ୟାରେଜ୍ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲା ତଥାପି ଜଳଶକ୍ତି ଅଭିଯାନର ବର୍ଷାଜଳ ଅମଳ, ପାରମ୍ପାରିକ ଜଳ ଉତ୍ସଗୁଡ଼ିକର ସୁରକ୍ଷା ଓ ବିକାଶ, ଭୂତଳ ଜଳଧାରଣ ଶକ୍ତି ବୃଦ୍ଧି ସକାଶେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ବିଗତ ୬ବର୍ଷ ମଧ୍ୟରେ ସେପରି କିଛି ହେଲା ନାହିଁ। ତେବେ ଜିଲ୍ଲାବାସୀ ଜନସାଧାରଣଙ୍କୁ ନଦୀ ଜଳକୁ ବିଶୁଦ୍ଧ କରି ଯୋଗାଇ ଦେବାକୁ ଜିଲ୍ଲାରେ ୭ଟି ମେଗା ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଜିଲ୍ଲାର ୧୫୯୧ଟି ରାଜସ୍ୱ ଗ୍ରାମ ମଧ୍ୟରୁ ୧୦୦୪ଟି ଗ୍ରାମ ପାଇଁ ନଦୀ ପାଣିକୁ ବିଶୁଦ୍ଧ କରି ଯୋଗାଇ ଦେବା ସକାଶେ ୮୮୬.୨୮କୋଟି ଟଙ୍କା ବ୍ୟୟରେ ୭ଟି ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି। ଗତ ୨୦୧୮ ନଭେମ୍ବର ୮ ତାରିଖରେ ମହାକାଳପଡା ଓ ମାର୍ଶାଘାଇ ବ୍ଲକର ୨୦୦ ଗ୍ରାମକୁ ପାନୀୟ ବିଶୁଦ୍ଧପାଣି ଯୋଗାଣ ପାଇଁ ୨୪୧.୩୭ କୋଟି ଟଙ୍କା ବ୍ୟୟ ଅଟଳଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ଟି ମେଗା ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ହେଲେ ଏହି କାମ ଏଯାଏ ସରିନାହିଁ କି ପାଣି ଯୋଗାଣ ସମ୍ଭବ ହୋଇନାହିଁ। ସେହିପରି ଖରସ୍ରୋତା ପାଣି ବିବାଦ ସୃଷ୍ଟି ହେବାରୁ ରାଜ୍ୟ ସରକାର ୨୦୨୧ ମସିହାରେ ଆଳିର ୧୨୬ ଗାଁ ପାଇଁ ୧୧୩.୭୨ କୋଟି ଟଙ୍କା ବ୍ୟୟରେ ଏକ ମେଗା ପ୍ରକଳ୍ପ ଓ ରାଜକନିକାରେ ୧୫୬ ଗ୍ରାମ ପାଇଁ ୧୧୪.୧୯ କୋଟି ଟଙ୍କା ବ୍ୟୟରେ ଅନ୍ୟ ଗୋଟିଏ ମେଗା ପ୍ରକଳ୍ପ ମଂଜୁର କରିଥିଲେ। ଗତ୨୦୨୨ ଅଗଷ୍ଟ ମାସରେ ରେ ପୁଣି ୪୧୭ କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇର ୧୩୮ ଗ୍ରାମ ପାଇଁ, ରାଜନଗରର ୨୪୯ ଗ୍ରାମ ପାଇଁ ଓ ଗରଦପୁରର ୧୩୫ ପାଇଁ ୩ ଟି ମେଗା ପ୍ରକଳ୍ପ ମଂଜୁର କରିଥିଲେ। ହେଲେ କୌଣସି ଗୋଟିଏ ହେଲେ ବି କାର୍ଯ୍ୟକ୍ଷମ ହୋଇପାରିନାହିଁ। ତେବେ ଜିଲ୍ଲାରେ ପ୍ରବାହିତ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଉପର ମୁଣ୍ଡ ରେ ଥିବା ବ୍ୟାରେଜ ଏବଂ ଖରସ୍ରୋତାରୁ ଭଦ୍ରକ ଜିଲ୍ଲାକୁ ଜଳଯୋଗାଣ ନିଷ୍ପତ୍ତି ଯୋଗୁ ଜିଲ୍ଲାରେ ଏହି ପ୍ରମୁଖ ନଦୀଗୁଡ଼ିକର ଜଳଧାରା ଯଥେଷ୍ଟ ପ୍ରଭାବିତ ହୋଇଛି। ଜିଲ୍ଲାର ଜଳ ସଂରକ୍ଷଣ ଓ ଜଳ ଅମଳ ପାଇଁ ପଦକ୍ଷେପ ବିନା ଉକ୍ତ ମେଗା ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଯେ ଜିଲ୍ଲାର ସମ୍ଭାବ୍ୟ ଜଳ ସଂକଟକୁ ଏଡ଼ାଇ ଦିଆଯାଇପାରବ ନାହିଁ। ଅଧିକନ୍ତୁ ଜିଲ୍ଲାର ଉତ୍ତରପୀଢି ଙ୍କ ଭବିଷ୍ୟତ ନେଇ ଆଶଙ୍କା ଦେଖାଦେଇଛି। ତେଣୁ ଜିଲ୍ଲାରେ ଜଳ ସଂରକ୍ଷଣ ଓ ଜଳ ଅମଳ ପାଇଁ ଏବେଠାରୁ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।

### ଭିତରକନିକା ବୁଲିଲେ...

ପର୍ଯ୍ୟଟକ ଓ ଗୁପ୍ତିରୁ ୧୫ଟ୍ରିପ ବୋଟରେ ୧୩୭ ଜଣଙ୍କୁ ମିଶାଇ ମୋଟ ୧୮୫୭ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଷଷ୍ଠ ଦିନରେ...

ନେଇ ତେଜିଛି ରାଜନୈତିକ ବୟାନବାଜି। ରାଜନୈତିକ ବୟାନବାଜି ଜାରି ରହିଥିବାବେଳେ, ୧୦ରୁ ୧୫ ତାରିଖ ଭିତରେ ବିମାନ ଚଳାଚଳ ସ୍ୱାଭାବିକ ହୋଇପାରେ ବୋଲି କହିଛି ଡିଜିସିଏ।

# ପ୍ରେମିକକୁ ଲଗାଇ ସ୍ୱାମୀକୁ ଛୁରାମାଡ଼

ଭୁବନେଶ୍ୱର,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ଧଉଳି ଥାନା ଅଞ୍ଚଳରେ ଜଣେ ସ୍ତ୍ରୀ ତା'ର ପ୍ରେମିକକୁ ଲଗାଇ ନିଜ ସ୍ୱାମୀକୁ ଛୁରାମାଡ଼ କରିଛି। ଏଥିରେ ଲହୁଲୁହାଣ ହୋଇଛି ସ୍ୱାମୀ। ଗୁରୁତର ଆହତ ହୋଇଥିବା ସ୍ୱାମୀ ଶେଖ ହମିଦଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁସାରେ, କଟକର ଶେଖ ହମିଦଙ୍କର ତାଙ୍କ ପତ୍ନୀଙ୍କ ସହ ୩ ବର୍ଷ ତଳେ ମନୋମାଳିନ୍ୟ ହୋଇଥିଲା। ଏହା ପରେ ଉଭୟ ପରସ୍ପର ଠାରୁ ଅଲଗା ରହୁଥିଲେ। ଶେଖ ହମିଦ କଟକରେ ରହୁଥିବା ବେଳେ ପତ୍ନୀ ଧଉଳି ଅଞ୍ଚଳରେ ରହୁଛନ୍ତି।

ତେବେ ଏହାକୁ ନେଇ ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲେ, ହମିଦଙ୍କ ପତ୍ନୀ ଏଥିପାଇଁ ପ୍ରେମିକ ରାଜା ଖାନ ସହ ମିଶି କରିଥିଲେ ହମିଦଙ୍କ ହତ୍ୟା ଯୋଜନା। ଆଉ ଯୋଜନା ମୁତାବକ ହମିଦଙ୍କୁ ସମାଧାନ ପାଇଁ ଧଉଳି ନିକଟକୁ ଡାକିଥିଲେ। ତେବେ ଶେଖ ହମିଦ୍ ଧଉଳି ନିକଟରେ ପହଁଞ୍ଚିବା ପରେ କାର ଭିତରେ ଛୁରାମାଡ଼ କରିଥିଲା ରାଜା ଖାନ୍। ଏଥିରେ ଗୁରୁତର ଆହତ ହୋଇପଡ଼ିଥିଲେ ହମିଦ। ତେବେ ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଘଟଣାରେ ଧଉଳି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

# ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଷୋଡ଼ଶ ଅଧିବେଶନ

କେନ୍ଦ୍ରାପଡ଼ା,୭।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ଷୋଡଶ ଅଧିବେଶନ ପଣ୍ଡିତ ଭ୍ରମରବର ନନ୍ଦଙ୍କ ସଭାପତିତ୍ୱରେ ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀୟୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦପାଠ କରିଥିଲେ ପଣ୍ଡିତ ହରେ କୃଷ୍ଣ ପତି। ପୂର୍ବତନ ଉପସଭାପତି ସ୍ୱର୍ଗତ ପଣ୍ଡିତ ନାରାୟଣ ପତିଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବ ସଭାର ବିବରଣୀ ପାଠ ପୂର୍ବକ ଦୃଢିକରଣ କରାଯିବା ପରେ ଯୁଗ୍ମ ସଂପାଦକ ପଣ୍ଡିତ ସୁବାସ ଚନ୍ଦ୍ର ପାଣି ବିଗତ ଅଧିବେଶନର ଆୟ ବ୍ୟୟ ଉପସ୍ଥାପିତ କରିଥିଲେ। କୋଷାଧକ୍ଷ ପଣ୍ଡିତ କ୍ଷୀରୋଦ ପଣ୍ଡା ୨୦୨୬ ମସିହାରେ ନିଃଶୁଳ୍କ ବ୍ରତୋପନୟନ ପାଇଁ ପ୍ରସ୍ତାବ ଆଗତ କରିଥିବାବେଳେ ଏହା ସର୍ବସମତି କ୍ରମେ ଗୃହୀତ ହୋଇଛି। ପଣ୍ଡିତ ସଭା ଆନୁକୂଲ୍ୟରେ ବିଭିନ୍ନ ମୁନି ଋଷି , ସଂସ୍କୃତ ବିଦ୍ୱାନ, କବି ଓ ଲେଖକଙ୍କ ଜୟନ୍ତୀ ପାଳନ କରାଯିବା ନିମନ୍ତେ ସ୍ଥିର ହୋଇଥିଲା। ସଂସ୍କୃତ ଭାଷାର ସୁରକ୍ଷା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ କରିବା ଏବଂ ମାଧ୍ୟମିକ ଶିକ୍ଷା ସ୍ତରରେ ସଂସ୍କୃତ/ ହିନ୍ଦୀ ଭାଷାକୁ କେବଳ ତୃତୀୟ ଭାଷା ରୂପେ ପ୍ରଚଳନ କରିବା ପାଇଁ ତୁଳସୀ କ୍ଷେତ୍ର ପଣ୍ଡିତ ସଭା ତରଫରୁ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ସଂପାଦକ ପଣ୍ଡିତ ମାଧବ ଚନ୍ଦ୍ର ପତ୍ରୀ ଆଗାମୀ ଇଂରାଜୀ ନୂତନ ବର୍ଷ ୨୦୨୬ ପାଇଁ ସମସ୍ତଙ୍କର ଶୁଭ ମନାସୀ ଥିଲେ। ଉକ୍ତ ସଭାରେ ପଣ୍ଡିତ ହୃଷିକେଶ ରଥ, ବସନ୍ତ ଦାସ, ନୃସିଂହ ଚରଣ ପତି, ତପନ ଦାସ, କୁଳମଣୀ ପଣ୍ଡା, ହରିହର ଶତପଥି, ପ୍ରଭାକର ଆଚାର୍ଯ୍ୟ, ମହେଶ୍ୱର ପାଣି, ଅକ୍ଷୟ କୁମାର ପତ୍ରୀ, ରମାକାନ୍ତ ପତି, ପ୍ରଫୁଲ୍ଲ କୁମାର ପତି, ଅବଧୂତ ରାଉତ, ଦାମୋଦର ରାଉତ, ତ୍ରିଲୋଚନ ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଉଜ୍ଜ୍ୱଳ ଆଲୋକ ଦ୍ୱାରା ପ୍ରଭାବିତ ହେଉଛି ଚାଷ

ରାଜନଗର,୭।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ମୁଖ୍ୟରାସ୍ତା, ଗ୍ରାମ ଭିତର ଓ ବାହାର ସ୍ଥାନମାନଙ୍କରେ ଏବେ ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା କରାଯାଉଛି। ପଚାଂୟତଗୁଡିକ ପକ୍ଷରୁ ଏହି ଆଲୋକୀକରଣ କରାଯାଉଛି। ଯାହାଫଳରେ ନିପଟ ମଫସଲ ଗାଁଗୁଡିକ ସହର ତଳି ଅଂଚଳର ଭ୍ରମ ସୃଷ୍ଟି କରୁଛି। ଯାହାଦ୍ୱାରା ଲୋକମାନଙ୍କର ଯାତାୟାତରେ ସୁବିଧା ହେଉଛି। ଅପରପକ୍ଷରେ ଏହାର କୁପରିଣାମ ମଧ୍ୟ ଦେଖିବାକୁ ମିଳିଲାଣି। ଉଜ୍ଜ୍ୱଳ ଆଲୋକ (ହାଇମାସ୍କ) ଲାଗିଥିବା ସ୍ଥାନଗୁଡିକର ପାର୍ଶ୍ୱବର୍ତୀ ଧାନଚାଷ ସହ ଫୁଲ ଓ ଫଳଗଛ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ରାଜନଗର ବ୍ଲକ ଗୁପ୍ତି ପଚାଂୟତରୁ ଏପରି ଅଭିଯୋଗ ଆସିଛି। ଏହି ପଚାଂୟତର ନଛିପଡା ଗ୍ରାମର ରତ୍ନାକର ଭଦ୍ର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଛକରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ (ହାଇମାସ୍କ) ଲାଗିବା ପରେ ନିକଟରେ ଥିବା ଆମ୍ବଗଛର ବଉଳ ହେଉନାହିଁ। ସେହିପରି ଏହାର ଅପରପାର୍ଶ୍ୱରେ ଥିବା ଡେରା ପଚାଂୟତ ନୂଆଗାଁର ରଘୁନାଥ ସ୍ୱାଇଁଙ୍କ ଧାନ ଫସଲ ପ୍ରଭାବିତ ହୋଇଛି। ରଘୁନାଥ କରିଥିବା ଅଭିଯୋଗ ଅନୁଯାୟୀ, ଏହି ଉଜ୍ଜ୍ୱଳ ଆଲୋକ ନିକଟରୁ ଲାଗିଥିବା ତାଙ୍କ ଚାଷଜମି(୭୫ ଡିସିମିଲ)ରେ ପାଣି ଅଁଳା ଧାନଚାଷ କରିଥିଲେ। ଉଜ୍ଜ୍ୱଳ ଆଲୋକ ଦ୍ୱାରା ସେହି ଜମିର ଆରମ୍ଭରୁ ପ୍ରାୟ ୧୦ଡିସିମିଲ୍ ଜମିରେ ଧାନଚାଷ ପ୍ରଭାବିତ ହୋଇଛି। ଏହି ଧାନଗଛଗୁଡିକରେ ଥୋଡ ହୋଇନାହିଁ। ଏନେଇ କେନ୍ଦ୍ରାପଡା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ ତାପସ ସାହୁଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି। ଧାନଗଛ ପାଇଁ ଅନ୍ଧାରର ଆବଶ୍ୟକତା ରହିଛି। ଆମ୍ବ ବଉଳ ନଧରିବା ମଧ୍ୟ ସମ କାରଣ ବୋଲି କହିଛନ୍ତି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das　ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ　Chief Editor : Umapada Bose　ମୁଖ୍ୟ ସମ୍ପାଦକ : ଉମାପଦ ବୋଷ